


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର, ୦୩ ଜୁନ୍ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 03 JUNE 2022
Vol.No. 35 ■ No. 145 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022





ପ୍ରକାଶକ : ସୁବର୍ଣ୍ଣଶ୍ରୀ ପ୍ରକାଶିନୀ ବାଲେଶ୍ୱର-୧

ସୃଷ୍ଟିଧର ପରିଡ଼ାଙ୍କର ଏମିତି ଚାଲିଥିବ

ସୈରିନ୍ଧ୍ରୀ ସାହୁଙ୍କର ରଫ୍‌ଖାତାର ଚିତ୍ର

ପ୍ରାପ୍ତିସ୍ଥାନ
ନଲେଜ୍ କର୍ଣ୍ଣର, ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ସାମନା ବାଲେଶ୍ୱର-୧


# କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଲେ ଅରବିନ୍ଦ କେଜ୍ରିୱାଲ



ନୂଆଦିଲ୍ଲୀ, ୦୨/୦୬ : ବିଜେପି ସରକାର ବନାମ ଦିଲ୍ଲୀ ସରକାର । ବିଭିନ୍ନ ଘଟଣାକୁ ନେଇ ପୂର୍ବର ଉଭୟଙ୍କ ମଧ୍ୟରେ ବାଦବିବାଦ ଦେଖିବାକୁ ମିଳିଛି । ଏବେ ଦିଲ୍ଲୀ ସ୍ୱାସ୍ଥ୍ୟମନ୍ତ୍ରୀ ସତେନ୍ଦ୍ର ଜୈନଙ୍କ ଗିରଫକୁ ନେଇ ଆକ୍ରୋଷିତ ହୋଇପଡିଛନ୍ତି ଦିଲ୍ଲୀ ମୁ୍ୟମନ୍ତ୍ରୀ ଓ ସିଧାସଳଖ ବିଜେପି ସରକାରଙ୍କୁ ଟାର୍ଗେଟ କରିଛନ୍ତି । ଏକ ଭିଡିଓ ଜାରି କରି ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଯେଉଁ ଅନୁରୋଧ କରିଛନ୍ତି ତାହା ଆଜି ଜାତୀୟ ରାଜନୀତିରେ ଉଷ୍ମତା ଆଣି ଦେଇଛି । ସମ୍ପୂର୍ଣ୍ଣ ଘଟଣା ଉପରେ ନଜର ପକାଇବା ଏହି ରିପୋର୍ଟରେ । ଦିଲ୍ଲୀ ସ୍ୱାସ୍ଥ୍ୟମନ୍ତ୍ରୀ ସତେନ୍ଦ୍ର ଜୈନଙ୍କ ପରେ ଏବେ ଉପମୁଖ୍ୟମନ୍ତ୍ରୀ ମନିଷ ସିସୋଦିଆଙ୍କ ପାଳି । ମିଛ କେସରେ ଫସାଇବାକୁ ଚାଲିଛି ଷଡଯନ୍ତ୍ରୀ । ତେଣୁ ଜଣ ଜଣ କରି ଗିରଫ କରିବା ବଦଳରେ ଏକା ସହ ଆମ ସମସ୍ତଙ୍କୁ ଗିରଫ କରାଯାଉ । ଆଜି ଏଭଳି କିଛି କହି ମୋଦି ସରକାରଙ୍କ ଉପରେ ବର୍ଷିଛନ୍ତି ଆମ ଆଦମୀ ପାର୍ଟିର ରାଷ୍ଟ୍ରୀୟ ସଂଯୋଜକ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ । ଭିଡିଓ ବାର୍ତ୍ତା ଜାରି କରି କେନ୍ଦ୍ର ସରକାରଙ୍କ ଉପରେ ବଡ ଅଭିଯୋଗ ଆଣିଛନ୍ତି କେଜ୍ରିୱାଲ । କେଜ୍ରିୱାଲ ଅଭିଯୋଗ କରି କହିଛନ୍ତି, ଦିଲ୍ଲୀର ଉନ୍ନତିକୁ ବିଜେପି ସରକାର ହଜମ କରିପାରୁନାହାଁନ୍ତି । ବାରମ୍ବାର ଦିଲ୍ଲୀ ସରକାରଙ୍କ ଉନ୍ନତିମୂଳକ ଯୋଜନା ଓ କାର୍ଯ୍ୟରେ ବାଧା ସୃଷ୍ଟି କରୁଛନ୍ତି । ଫର୍ଜୀ ମାମଲା ଆଣି କେନ୍ଦ୍ରୀୟ ସଂସ୍ଥାମାନଙ୍କ ଦ୍ୱାରା ଦିଲ୍ଲୀର ମନ୍ତ୍ରୀଙ୍କୁ ଗିରଫ କରୁଛନ୍ତି । ଏଥିସହ ଫର୍ଜୀ ମାମଲାରେ ଦିଲ୍ଲୀ ସ୍ୱାସ୍ଥ୍ୟମନ୍ତ୍ରୀ ସତେନ୍ଦ୍ର ଜୈନଙ୍କ ଗିରଫ କରାଯିବା ଘଟଣା ଉପମୁଖ୍ୟମନ୍ତ୍ରୀ ମନିଷ ସିସୋଦିଆଙ୍କୁ ଗିରଫ କରିବା ପାଇଁ ଯୋଜନା କରୁଥିବା କହିଛନ୍ତି କେଜ୍ରିୱାଲ । ସେପଟେ ପାଲଟା ଜବାବରେ କେଜ୍ରିୱାଲଙ୍କ ଉପରେ ବର୍ଷିଲେ କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ । ଅର୍ଥ ହେରଫେର ମାମାଲରା ଦିଲ୍ଲୀ ସ୍ୱାସ୍ଥ୍ୟମନ୍ତ୍ରୀ ସତେନ୍ଦ୍ର ଜୈନଙ୍କୁ ଗିରଫ କରିଛି । ସତେନ୍ଦ୍ର ଜୈନ ଜୁନ ୯ ଯାଏଁ ଇଡି ହେପାଜତରେ ରହିବେ ବୋଲି ଜଣାପଡିଛି ।

# ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ସମ୍ପର୍କରେ ରାୟ ସଂରକ୍ଷିତ ରଖିଲେ ସୁପ୍ରିମକୋର୍ଟ



ଭୁବନେଶ୍ୱର, ୦୨/୦୬ (ନି.ପ୍ର): ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ନେଇ ସୁପ୍ରିମକୋର୍ଟରେ ଶୁଣାଣି । ଦୁଇଟି ସ୍ୱତନ୍ତ୍ର ଲିଭ ପିଟିସନ୍ ଉପରେ ଶୁଣାଣି ପରେ ରାୟ ସଂରକ୍ଷିତ ରଖିଛନ୍ତି ସୁପ୍ରିମକୋର୍ଟ । ଉଭୟ ପକ୍ଷର ଯୁକ୍ତି ଶୁଣିବା ପରେ ଆସନ୍ତାକାଲି ପର୍ଯ୍ୟନ୍ତ ରାୟ ସଂରକ୍ଷିତ ରଖିଲେ ସୁପ୍ରିମକୋର୍ଟ । ଅଭିଯୋଗକାରୀଙ୍କ ପକ୍ଷରୁ ଯୁକ୍ତି ରଖିଥିଲେ ବରିଷ୍ଠ ଆଇନଜୀବୀ ମହାଲକ୍ଷ୍ମୀ ପାବନୀ ଓ ବିନୟ ନାଭାରେ । ନିଷିଦ୍ଧାଂଚଳରେ କୌଣସି ନିର୍ମାଣ କାମ ହୋଇପାରିବ ନାହିଁ । ନିୟନ୍ତ୍ରୀତ ଅଞ୍ଚଳରେ ନିର୍ମାଣ ପାଇଁ ଅନୁମତି ଆବଶ୍ୟକ ରହିଛି । ରାଜ୍ୟ ସରକାର ଏନଏମଏର ଏନଓସିକୁ ନେଇ କାମ କରୁଛନ୍ତି । ଏନଏମଏ କିନ୍ତୁ କୌଣସି ଆଇନସିଦ୍ଧ ସାର୍ଟିଫିକେଟ୍ ଦେଇନାହିଁ । ନିର୍ମାଣ କାର୍ଯ୍ୟ ପାଇଁ କୌଣସି ଅନୁମତି ନଥିବା ବେଳେ ତୃତୀୟ ପକ୍ଷକୁ କାହିଁ କାମ ଦିଆଯାଇଛି ବୋଲି ପ୍ରଶ୍ନ ଉଠାଇଥିଲେ ଆଇନଜୀବୀ । ଏହା ଆମସାର ଆଇନକୁ ବିରୋଧ କରୁଛି ବୋଲି ଯୁକ୍ତି ରଖିଛନ୍ତି ଆଇନଜୀବୀ । ସେପଟେ ସରକାରଙ୍କ ପକ୍ଷରୁ ଯୁକ୍ତି ରଖିଛନ୍ତି ଆଡ଼ଭୋକେଟ୍ ଜେନେରାଲ । ନିର୍ମାଣକୁ କାମକୁ ବିରୋଧ କରି ଅର୍ଦ୍ଧେନ୍ଦୁ ଦାସ ଏବଂ ସୁମନ୍ତ ଘଡ଼େଇ ଦୁଇଟି ଅଲଗା ଅଲଗା ସ୍ୱତନ୍ତ୍ର ଲିଭ୍ ପିଟିସନ୍ ଦାଖଲ କରିଥିଲେ ।

## ୬ ଟି ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି

ଭୁବନେଶ୍ୱର, ୦୨/୦୬ (ନି.ପ୍ର): ସାରା ରାଜ୍ୟରେ ଗ୍ରୀଷ୍ମ ଲହରୀ ଜାରି ରହିଥିବା ବେଳେ କିଛି କିଛି ସ୍ଥାନରେ କାଳବୈଶାଖୀ ଜନିତ ବର୍ଷା ଏଥିରୁ ସାମାନ୍ୟ ଆଶ୍ୱସ୍ତି ଦେଉଛି। ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ କାଳବୈଶାଖୀ ଜନିତ ଘୂର୍ଣ୍ଣିଝଡ଼ ସହ ବଜ୍ରପାତ ଓ ବର୍ଷା ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ୬ ଟି ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏହାପରେ ୨ ଦିନ ରାଜ୍ୟରେ ତାପମାତ୍ରା ସାମାନ୍ୟ ବୃଦ୍ଧି ଘଟିପାରେ। ତେବେ ଜୁନ୍ ୫ ତାରିଖ ପରଠାରୁ ରାଜ୍ୟରେ ପୁଣି କାଳବୈଶାଖୀଜନିତ ବର୍ଷା ହେବାର ସମ୍ଭାବନା ରହିଥିବା ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ୨୪ ଘଂଟା ମଧ୍ୟରେ ଭୁବନେଶ୍ୱର ଓ ଏହାର ଆଖପାଖ ଅଂଚଳର ଆକାଶ ଆଂଶିକ ମେଘୁଆ ରହିବା ସହ କିଛି ସ୍ଥାନରେ ବଜ୍ରପାତ ସହ ମଧ୍ୟମ ଧରଣର ବର୍ଷା ହୋଇପାରେ। ଅନ୍ୟପକ୍ଷରେ ଆସନ୍ତା ୪ରୁ ୫ ଦିନ ମଧ୍ୟରେ ଓଡ଼ିଶାର ଜିଲ୍ଲାଗୁଡ଼ିକର ଅନେକ ସ୍ଥାନରେ ସର୍ବାଧିକ ତାପମାତ୍ରାରେ କୌଣସି ବଡ଼ ଧରଣର ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ।

# ଏମଏଲଏ କ୍ୱାଟର୍ସ ପାଇଁ ଗଛକଟା ମାମଲାରେ ସତ୍ୟପାଠ ଦାଖଲ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ



ଭୁବନେଶ୍ୱର, ୦୨/୦୬ (ନି.ପ୍ର): ଭୁବନେଶ୍ୱର ୟୁନିଟ ୪ରେ ବିଧାୟକଙ୍କ କ୍ୱାର୍ଟର ନିର୍ମାଣ ଲାଗି ପୁରୁଣା ଗଛଗୁଡିକୁ କଟା ଯିବାକୁ ବିରୋଧ କରି ଦାୟର ହୋଇଥିବା ମାମଲାରେ ହାଇକୋର୍ଟ ଜବାବ ତଲବ କରିଛନ୍ତି। ସାଧାରଣ ପ୍ରଶାସନ ବିଭାଗ ସଚିବଙ୍କୁ ସତ୍ୟପାଠ ଦାଖଲ ପାଇଁ ହାଇକୋର୍ଟ ଆଜି ନିର୍ଦ୍ଦେଶ ଦେଇଛନ୍ତି। ନିର୍ମାଣ, ଗଛକଟା, ବନୀକରଣ ନେଇ ବିସ୍ତୃତ ବିବରଣୀ ଦେବାକୁ ପ୍ରଶାସନକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସ୍ୱେଚ୍ଛାସେବୀ ଜୟନ୍ତୀ ଦାସଙ୍କ ମାମଲାର ଶୁଣାଣି କରି ହାଇକୋର୍ଟ ଏପରି ନିର୍ଦ୍ଦେଶ ଦେଇଛନ୍ତି। ବେଆଇନ ଭାବେ ବିନା ଅନୁମତିରେ ଏହି ପ୍ରକଳ୍ପ ପାଇଁ ୮୭୦ ଗଛ କାଟିବାକୁ ପ୍ରସ୍ତାବ ରହିଛି। ଏହି ମାମଲାରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସମେତ ୧୦ ଜଣଙ୍କୁ ପକ୍ଷଭୁକ୍ତ କରାଯାଇଛି। ତୁରନ୍ତ ଗଛକଟା ବନ୍ଦ କରିବାକୁ ସେ ହାଇକୋର୍ଟରେ ଆବେଦନ କରିବା ସହ କଟା ଯାଇଥିବା ଗଛ ପାଇଁ ଉପଯୁକ୍ତ କ୍ଷତିପୂରଣ ଦାବି କରିଛନ୍ତି। ସୂଚନାଯୋଗ୍ୟ ଯେ ବିଧାନସଭା ନିକଟରେ ଥିବା ଏମଏଲଏ କଲୋନୀକୁ ଭାଙ୍ଗି ବିଧାୟକମାନଙ୍କ ପାଇଁ ବହୁତଳ କ୍ୱାର୍ଟର୍ସ ନିର୍ମାଣ କରାଯିବ । ଏଥିପାଇଁ ସେଠାରେ ଥିବା ବହୁ ପୁରୁଣା ଗଛକୁ କାଟିଦିଆଯାଇଛି। ଏଥିପାଇଁ ବନ ବିଭାଗ ଅନୁମତି ଦେଇଥିବା ଜଣାପଡିଛି। ଏହି ଗଛକଟାକୁ ବିରୋଧ କରି ପ୍ରଥମେ ମହାନଦୀ ବଂଚାଅ ଆନ୍ଦୋଳନ ପକ୍ଷରୁ ପ୍ରତିବାଦ କରାଯାଇଥିଲା। ପରେ ବହୁ ବୁଦ୍ଧିଜୀବୀ, ପରିବେଶବିତ୍, ରାଜନେତା ଓ ବୃକ୍ଷପ୍ରେମୀ ଏହି ପ୍ରତିବାଦରେ ସାମିଲ ହୋଇଛନ୍ତି।

# ସୌନ୍ଦର୍ଯ୍ୟକରଣ ହେବ ମାଆ ଶାରଳାଙ୍କ ମନ୍ଦିର : ପ୍ରଥମ ପର୍ଯ୍ୟାୟରେ ଖର୍ଚ୍ଚ ହେବ ୪୨ କୋଟି

ଭୁବନେଶ୍ୱର, ୦୨/୦୬ (ନି.ପ୍ର): ଶାରଳା ମନ୍ଦିରର ଉନ୍ନତୀକରଣ ଓ ସୌନ୍ଦର୍ଯ୍ୟକରଣ ପାଇଁ ରାଜ୍ୟ ସରକାରଙ୍କ ମାଷ୍ଟରପ୍ଲାନ । ମନ୍ଦିରର ବିକାଶ ପାଇଁ କରାଯାଇଥିବା ମାଷ୍ଟରପ୍ଲାନକୁ ଅନୁମୋଦନ କଲେ ମୁଖ୍ୟମନ୍ତ୍ରୀ । ପ୍ରକଳ୍ପ କାମରେ ଖର୍ଚ୍ଚ ହେବ ୪୨ କୋଟି । ବର୍ଷକ ମଧ୍ୟରେ ସାରିବାକୁ ନିର୍ଦ୍ଦେଶ । ଓଡିଶା ଶକ୍ତି ପୂଜାର ପ୍ରାଚୀନ ପୀଠ। ଝଙ୍କଡ ପୀଠ ତନ୍ତ୍ରଧରୁ ଅନ୍ୟତମ ପ୍ରସିଦ୍ଧ ମାତୃ ଉପାସନା ପୀଠ । ଝଙ୍କଡବାସିନୀ ମା ଶାରଳାଙ୍କ ଆଶୀର୍ବାଦରୁ ସାରଳା ଦାସ ସିଦ୍ଧି ଲାଭ କରିଥିଲେ, ଆଦିକବି ହୋଇଥିଲେ। ଅଷ୍ଟମ ଶତାବ୍ଦୀରେ ରାଜା ମାନଙ୍କ ଦ୍ୱାରା ନିର୍ମିତ ସାରଳା ମନ୍ଦିର ସବୁବେଳେ ଭକ୍ତମାନଙ୍କ ଆକର୍ଷଣର କେନ୍ଦ୍ର ହୋଇ ରହିଛି । ମାଙ୍କ ଆଶୀର୍ବାଦ ପାଇଁ ଏଠାରେ ସବୁବେଳେ ଭକ୍ତମାନଙ୍କ ଭିଡ ଲାଗି ରହିଥାଏ। ତେବେ ଝଙ୍କଡ ପୀଠର ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ମୁଖ୍ୟମନ୍ତ୍ରୀଙ୍କ ୫-ଟି ସଚିବ ନିକଟରେ ମା ଶାରଳାଙ୍କ ପୀଠ ପରିଦର୍ଶନ କରି, ସେବାୟତ, ସ୍ଥାନୀୟ ଜନସାଧାରଣ ଓ ଜିଲ୍ଲା ପ୍ରଶାସନ ସହ ମାଙ୍କ ପୀଠର ଉନ୍ନତିକରଣ ସଂପର୍କରେ ବିଶଦ ଆଲୋଚନା କରିଥିଲେ ଏବଂ ସବୁ ଦିଗକୁ ଦୃଷ୍ଟିରେ ରଖି ଏକ ମାଷ୍ଟର ପ୍ଲାନ ପ୍ରସ୍ତୁତ କରିବା ପାଇଁ ପୂର୍ତ୍ତ ବିଭାଗକୁ ▶▶ପୃଷ୍ଠା ୭

## ମଙ୍କି ପକ୍ସ ମୁକାବିଲା ନେଇ ଦେଶରେ ହେବ ୨ ପ୍ରକାରର ସର୍ଭିଲାନ୍ସ : ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର, ୦୨/୦୬ (ନି.ପ୍ର): ମଙ୍କି ଫକ୍ସ ଏବେ କିଛି କିଛି ଦେଶରେ ବ୍ୟାପିଛି ଆଉ କିଛି ଦେଶରେ ବ୍ୟାପିବାକୁ ଲାଗିଲାଣି। ଗତ ମାସ ସୁଦ୍ଧା ଦେଶରେ ମଙ୍କି ପକ୍ସର କୌଣସି ତଥ୍ୟ ନାହିଁ। ଯଦି ମଙ୍କି ପକ୍ସ ଦେଶରେ ବ୍ୟାପେ ତେବେ ସରକାରଙ୍କ ପକ୍ଷରୁ ୨ ପ୍ରକାରର ସର୍ଭିଲାନ୍ସ କରାଯିବ। ଗୋଟିଏ ହେଲା କମ୍ୟୁନିଟି ସର୍ଭିଲାନ୍ସ ଏବଂ ଅନ୍ୟଟି ହସ୍ପିଟାଲ ସର୍ଭିଲାନ୍ସ। ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ଯଦି କୌଣସି କମ୍ୟୁନିଟିରେ ଏଭଳି ରୋଗୀ ରହିଛନ୍ତି ତେବେ ସେମାନଙ୍କୁ ଆଇସୋଲେସନ କରିବା ସହ ସେମାନଙ୍କର ଟେଷ୍ଟ କରାଯିବ। ଯଦି ହସ୍ପିଟାଲରେ ଏଭଳି ରୋଗୀ କିମ୍ବା ଛୋଟ ଛୁଆ ଆସୁଛନ୍ତି ସେମାନଙ୍କ ଉପରେ କଡ଼ା ନଜର ରହିବ। ବିଶେଷ କରି ଏହି ମଙ୍କି ପକ୍ସରେ ଜ୍ୱର ସାଙ୍ଗକୁ ଘା ହୋଇଥାଏ। ବର୍ତ୍ତମାନ ରାଜ୍ୟର ଥିବା ସମସ୍ତ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ମଙ୍କି ପକ୍ସ ଉପରେ ଅବଗତ କରାଯାଇଥିବା ସେ ପ୍ରକାଶ କରିଛନ୍ତି।

# ଆତ୍ମସମର୍ପଣ କଲେ ୫୦ ମିଲିସିଆ ମାଓମାଦୀ



ମାଲକାନଗିରି, ୦୨/୦୬ (ନି.ପ୍ର): ପୁଲିସକୁ ମିଳିଛି ଆଜି ବଡ଼ ସଫଳତା। ପୁଲିସ ଡିଜି ସୁନୀଲ କୁମାର ବଂଶଲଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି ୫୦ ମାଓ ମିଲିସିଆ। ଆଜି ଡିଜିପି ମାଲକାନଗିରି ଗସ୍ତରେ ଯାଇଥିଲା ବେଳେ ନକ୍ସଲମାନେ ଆତ୍ମସମର୍ପଣ କରିଥିବା ଜଣାଯାଇଛି। ଆତ୍ମସମର୍ପଣ କରିଥିବା ମିଲିସିଆଙ୍କ ମଧ୍ୟରେ ୨ ଜଣ ମହିଳା ଓ ୪୮ ଜଣ ପୁରୁଷ ଅଛନ୍ତି। ନକ୍ସଲମାନେ ହିଂସା ଛାଡ଼ି ମୁଖ୍ୟସ୍ରୋତରେ ସାମିଲ ହେବାକୁ ଡିଜିପି ଆହ୍ୱାନ ଦେଇଛନ୍ତି। ଡିଜିପି ଆଜି ପୂର୍ବାହ୍ନ ୧୦ଟା ୪୦ରେ ସ୍ୱାଭିମାନ ଅଞ୍ଚଳର ଯନ୍ତ୍ରୀ ବିଏସ୍ଏଫ୍ କ୍ୟାମ୍ପରେ ପହଞ୍ଚି ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ କରିଥିଲେ। ତାଙ୍କ ସହ ଗୁଇନ୍ଦା ନିର୍ଦ୍ଦେଶକ ସଞ୍ଜୀବ ପଣ୍ଡା, ଅପରେସନ୍ ଆଇଜି ଅମିତାଭ ଠାକୁର ଓ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ରାଜେଶ ପଣ୍ଡିତ ପ୍ରମୁଖ ଉପସ୍ଥିତ ଥିଲେ। ନକ୍ସଲ ଦମନ ନେଇ ବିଏସ୍ଏଫ୍ ଓ ପୁଲିସ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଥିଲେ ଡିଜିପି। ଏହାପରେ ମାଥିଲି ଥାନାର ନୂତନ ବିଲ୍ଡିଂର ଉଦ୍‌ଘାଟନ କରିଥିଲେ।

# ବର୍ଷାଙ୍କୁ ଝଟକା, ଅନୁଭବଙ୍କ ପୈତୃକ ଘର ଛାଡ଼ିବାକୁ କୋର୍ଟଙ୍କ ନିର୍ଦ୍ଦେଶ



କଟକ/ଭୁବନେଶ୍ୱର, ୦୨/୦୬ (ନି.ପ୍ର): ପାରିବାରିକ ବିବାଦ ମାମଲାରେ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କୁ କୋର୍ଟରୁ ଲାଗିଛି ଝଟକା। ସ୍ୱାମୀ ତଥା ସାଂସଦ ଅନୁଭବ ମହାନ୍ତିଙ୍କ ପୈତୃକ ଘର ଛାଡ଼ିବାକୁ ବର୍ଷାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି କଟକ ଏସ୍‌ଡିଜେଏମ୍ କୋର୍ଟ। ବର୍ଷାଙ୍କୁ ଘର ଛାଡ଼ିବାକୁ ନିର୍ଦ୍ଦେଶ ଦେବାକୁ କଟକ ଏସ୍‌ଡିଜେଏମ୍ କୋର୍ଟରେ ଆବେଦନ କରିଥିଲେ ଅନୁଭବ। ତା’ ସହିତ ସେ ବର୍ଷାଙ୍କ ପାଇଁ ବିକଳ୍ପ ବ୍ୟବସ୍ଥା କରିବେ ବୋଲି କହିଥିଲେ। ଗତ ସପ୍ତାହରେ କୋର୍ଟ ଏହି ମାମଲାର ଶୁଣାଣି କରି ରାୟ ସଂରକ୍ଷିତ ରଖିଥିଲେ। ଆଜି ରାୟ ପ୍ରକାଶ କରି କୋର୍ଟ ବର୍ଷାଙ୍କୁ ଘର ଛାଡ଼ିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ ବର୍ଷାଙ୍କ ରହଣି ଲାଗି ଅନୁଭବ ମାସିକ ୩୦ ହଜାର ଟଙ୍କା ଦେବେ ବୋଲି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପ୍ରତି ମାସର ୧୦ ତାରିଖ କିମ୍ବା ତା’ ପୂର୍ବରୁ ଏହି ଟଙ୍କା ସେ ବର୍ଷାଙ୍କୁ ଦେବେ ବୋଲି କୋର୍ଟ କହିଛନ୍ତି। ଅନୁଭବଙ୍କଠାରୁ ପ୍ରଥମ ଟଙ୍କା ପାଇବାର ୨ ମାସ ମଧ୍ୟରେ ଘର ଛାଡ଼ିବାକୁ କୋର୍ଟ ବର୍ଷାଙ୍କୁ ନିର୍ଦ୍ଦେଶ ▶▶ପୃଷ୍ଠା ୭

# ପିଏମ୍‌ଶ୍ରୀ ସ୍କୁଲ ଜାତୀୟ ଶିକ୍ଷାନୀତିର ପ୍ରୟୋଗଶାଳା ହେବ : ଧର୍ମେନ୍ଦ୍ର ପ୍ରଧାନ



ଗାନ୍ଧୀନଗର/ଭୁବନେଶ୍ୱର, ୦୨/୦୬ (ନି.ପ୍ର): ଦେଶର ଛାତ୍ରଛାତ୍ରୀଙ୍କୁ ଭବିଷ୍ୟତ ପାଇଁ ପ୍ରସ୍ତୁତ କରିବା ଦିଗରେ ପିଏମ ଶ୍ରୀ ସ୍କୁଲ ପ୍ରତିଷ୍ଠା କରାଯିବ। ଏହି ଉଚ୍ଚମାନର ସ୍କୁଲ ଜାତୀୟ ଶିକ୍ଷା ନୀତି -୨୦୨୦ (ଏନଇପି)ର ପ୍ରୟୋଗଶାଳା ହେବ ବୋଲି ଗୁରୁବାର ଗୁଜୁରାଟର ଗାନ୍ଧୀନଗରରେ ଆୟୋଜିତ ଦୁଇଦିନିଆ ରାଜ୍ୟ ଶିକ୍ଷା ମନ୍ତ୍ରୀ ମାନଙ୍କର ଜାତୀୟ ଶିକ୍ଷା ସମ୍ମିଳନୀରେ ଯୋଗ ଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ବିଦ୍ୟାଳୟ ଶିକ୍ଷା ହେଉଛି ଜ୍ଞାନ ଆଧାରିତ ସମାଜ ପ୍ରତିଷ୍ଠାର ମୂଳଦୁଆ ଏବଂ ଜାତୀୟ ଶିକ୍ଷା ନୀତି ହେଉଛି ଜ୍ଞାନର ଦସ୍ତାବିଜ୍। ଯେଉଁ ଦସ୍ତାବିଜ୍ ଛାତ୍ରଛାତ୍ରୀଙ୍କ ସାମଗ୍ରିକ ବିକାଶ ସହ ଶିକ୍ଷାକୁ ସର୍ବବ୍ୟାପୀ ଓ ସର୍ବସ୍ପର୍ଶୀ ଲକ୍ଷ୍ୟ ରଖିଛି। ଆମେ ଅମୃତ କାଳ ସମୟରେ ଉପନୀତ ହୋଇଛେ। ବିଶ୍ୱର କଲ୍ୟାଣ ପାଇଁ ପ୍ରତିବଦ୍ଧ ଥିବା ଭାରତକୁ ଜ୍ଞାନର ଅର୍ଥନୀତି ଭାବରେ ପ୍ରତିଷ୍ଠିତ କରିବା ପାଇଁ ଆମ ପାଇଁ ଆଗାମୀ ୨୫ ବର୍ଷ ମହତ୍ୱପୂର୍ଣ୍ଣ। ଆମେ ବସୁଧୈବ କୁଟୁମ୍ବକମରେ ବିଶ୍ୱାସ ରଖୁଥିବା ସଭ୍ୟତା। ଆମର ଦାୟିତ୍ୱ କେବଳ ଦେ ପାଇଁ ନୁହେଁ ବରଂ ବିଶ୍ୱ ପାଇଁ; ଏହି କଥାକୁ ଆମେ ହୃଦୟଙ୍ଗମ କରିବା ଆବଶ୍ୟକ। ଏକବିଂଶ ଶତାବ୍ଦୀରେ ସୁଯୋଗ ଓ ଆହ୍ୱାନ ପାଇଁ ଆମେ ନିଜକୁ ପ୍ରସ୍ତୁତ କରୁଥିବା ବେଳେ ଶିକ୍ଷା ଓ ଦକ୍ଷତା ପରିସଂସ୍ଥାନକୁ ସୁଦୃଢ଼ କରିବା ପାଇଁ ଟେକ୍ନୋଲୋଜିର ଲାଭ ନେବା ଉଚିତ୍। ରାଷ୍ଟ୍ରୀୟ ଶିକ୍ଷା ନୀତିରେ ୫+୩+୩+୪ ଢାଂଚାରେ ପ୍ରାକ୍ ବିଦ୍ୟାଳୟ ଶିକ୍ଷା ସହିତ ମାଧ୍ୟମିକ ସ୍କୁଲ ଶିକ୍ଷା, ନିରାପଦ ଓ ଉଚ୍ଚମାନର ଶୈଶବ ଯତ୍ନ ଓ ଶିକ୍ଷା ଉପରେ ଗୁରୁତ୍ୱ, ଶିକ୍ଷକ ପ୍ରଶିକ୍ଷଣ ଏବଂ ପୌଢ଼ ଶିକ୍ଷା, ଦକ୍ଷତା ବିକାଶ ସହ ସ୍କୁଲ ଶିକ୍ଷାର ଏକୀକରଣ, ମାତୃଭାଷାକୁ ଗୁରୁତ୍ୱ ଦେବା ଭଳି ବିଭିନ୍ନ ପଦକ୍ଷେପ ଛାତ୍ରଛାତ୍ରୀଙ୍କୁ ବୈଶ୍ୱିକ ନାଗରିକ ଭାବେ ପ୍ରସ୍ତୁତ କରିବା ପାଇଁ ସହାୟକ ହେବ। ଶିକ୍ଷା କ୍ଷେତ୍ରରେ ବିଭିନ୍ନ ରାଜ୍ୟ ଓ କେନ୍ଦ୍ର ଶାସିତ ଅଂଚଳର ବେଷ୍ଟ ପ୍ରାକ୍ଟିସସେସ ଭାରତର ଯୁବବର୍ଗଙ୍କୁ ବିଶ୍ୱ ମାନବରେ ପରିଣତ କରିବାରେ ସହଯୋଗୀ ହେବ। ଶ୍ରୀ ପ୍ରଧାନ କହିଛନ୍ତି ଯେ ଆସନ୍ତା ଜୁଲାଇ ୨୯ ତାରିଖରେ ଭାରତ ସରକାରଙ୍କ ▶▶ପୃଷ୍ଠା ୭

# ଆଜି ବ୍ରଜରାଜନଗର ଭୋଟ ଗଣତି

ଭୁବନେଶ୍ୱର, ୦୨/୦୬ (ନି.ପ୍ର): ଶୁକ୍ରବାର ଦିନ ବ୍ରଜରାଜନଗର ଉପ ନିର୍ବାଚନ ଭୋଟ ଗଣତି ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଛି । ଭୋଟ ଗଣନା ପ୍ରକ୍ରିୟାକୁ ସୁରୁଖୁରରେ କରିବାକୁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି ବୋଲି ରାଜ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀ ସୂଚନା ଦେଇଛନ୍ତି । ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ ଆସନ୍ତାକାଲି ଅର୍ଥାତ୍ ଜୁନ୍ ୩ ତାରିଖ ସକାଳ ୮ ଘଟିକା ସମୟରେ ଝାରସୁଗୁଡ଼ା ବଡ଼େଇମୁଣ୍ଡାସ୍ଥିତ ଇଂଜିନିୟରିଂ ସ୍କୁଲ ପରିସରରେ ବ୍ରଜରାଜନଗର ବିଧାନସଭା ନିର୍ବାଚନ ମଣ୍ଡଳୀ ନିମନ୍ତେ ଅନୁଷ୍ଠିତ ହୋଇଥିବା ମତଦାନର ମତଗଣନା କରାଯିବ। ପ୍ରଥମେ ପୋଷ୍ଟାଲ ବାଲାଟ ପେପର ଗଣତି ଆରମ୍ଭ ହେବ। ୩୦ ମିନିଟ ପରେ ଇଭିଏମ୍ ଭୋଟଗଣତି କରାଯିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ପ୍ରକାଶ କରିଛନ୍ତି। ଏତଦ୍‌ବ୍ୟତୀତ ୫ ଗୋଟି ବୁଥର ଭିଭିପ୍ୟାଟ୍ ସ୍ଲିପ୍ ଗୁଡ଼ିକୁ ଗଣତି କରାଯିବ। ଭୋଟଗଣତି କାର୍ଯ୍ୟ ନିମନ୍ତେ ୨୦ ଜଣ ମାଇକ୍ରୋ ଅବଜରଭର, ୨୦ ଜଣ କାଉଂଟିଙ୍ଗ୍ ସୁପରଭାଇଜର, ୨୦ ଜଣ କାଉଂଟିଙ୍ଗ୍ ଆସିଷ୍ଟାଂଟଙ୍କୁ ନିୟୋଜିତ କରାଯାଇଛି। ଏହା ଛଡ଼ା ବିଭିନ୍ନ ରାଜନୈତିକ ଦଳ ତରଫରୁ ଭୋଟଗଣତି କାର୍ଯ୍ୟ ନିରୀକ୍ଷଣ କରିବା ପାଇଁ ୬୩ ଜଣ କାଉଂଟିଙ୍ଗ ଏଜେଂଟ ଆବେଦନ କରିଛନ୍ତି। ୧୪ ଟି ଟେବୁଲରେ ଗଣତି କରାଯିବ । ମୋଟ ୨୭୯ ବୁଥ ଥିବାରୁ ୨୦ରାଉଣ୍ଡ କାଉଂଟ ହେବ ବୋଲି ସେ କହିଛନ୍ତି ।ପ୍ରତି ଟେବୁଲରେ ୪ଜଣ କାଉଟିଂ ଅଫିସର ରହିବେ। ପ୍ରତି ରାଉଣ୍ଡ ପରେ ଫଳାଫଳ ମାଇକ ଯୋଗେ ଜଣାଯିବ ବୋଲି ସେ କହିଛନ୍ତି। ଭୋଟ ଗଣତି କେନ୍ଦ୍ରରେ କେନ୍ଦ୍ରୀୟ ଅର୍ଦ୍ଧ ସୁରକ୍ଷା ବଳ, ସଶସ୍ତ୍ର ପୋଲିସ ବାହୀନି ସହ ଓଡ଼ିଶା ପୋଲିସର ଜବାନ ମାନଙ୍କୁ ନିୟୋଜିତ କରାଯାଇଛି । ଭୋଟଗଣନା କେନ୍ଦ୍ରଠାରେ ମିଡ଼ିଆ ସେଂଟର ଖୋଲାଯାଇଛି ଏବଂ ଗଣନା କେନ୍ଦ୍ର ▶▶ପୃଷ୍ଠା ୭

# ମୁଖ୍ୟ ଚିକିତ୍ସାଳୟର ବିଭିନ୍ନ ସମସ୍ୟାକୁ ନେଇ ବିଭିନ୍ନ ସଂଗଠନ ସହିତ ଅଧିକ୍ଷକଙ୍କ ଆଲୋଚନା

ବଲାଙ୍ଗିର,୦୨/୦୬ (ନି.ପ୍ର): ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲର ବିଭିନ୍ନ ସମସ୍ୟାକୁ ନେଇ ବଲାଙ୍ଗିର ସ୍ୱେଚ୍ଛାସେବୀ ସଂଗଠନ ବଲାଙ୍ଗିରର ବିଭିନ୍ନ ସଂଗଠନ ସହ ମିଶି ମେଡ଼ିକାଲ ଅଧିକ୍ଷକଙ୍କ ସହ ଆଲୋଚନା କରିଥିଲେ । ମେଡିକାଲରେ ରେଡ଼ିଓଲୋଜିଷ୍ଟ ଛୁଟିରେ ଥିବାରୁ ଦୀର୍ଘଦିନ ଧରି ଅଲ୍ଟ୍ରାସାଉଣ୍ଡ ହେଇପାରୁ ନ ଥିଲା। ଯଦ୍ୱାରା ଏହି ମେଡିକାଲ ଉପରେ ନିର୍ଭର କରୁଥିବା ସ୍ଥାନୀୟ ତଥା ଦୂରଦୂରାନ୍ତରୁ ଆସୁଥିବା ରୋଗୀମାନେ ଦୈନନ୍ଦିନ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଡାକ୍ତର ଥିଲା ସମୟରେ ମଧ ସୀମିତ ସଂଖ୍ୟାରେ ଅଲ୍ଟ୍ରାସାଉଣ୍ଡ ହେଉଥିବାରୁ ଲୋକେ ରାତିରୁ ଧାଡି ବାନ୍ଧିବା ଆରମ୍ଭ କରୁଥିଲେ ଏବଂ ବାକି ରହିଯାଉଥିବା ରୋଗୀ ହଇରାଣରେ ପଡୁଥିଲେ। ଅନ୍ୟ ଦାବିମାନ ମୁତାବକ ମେଡିକାଲରେ ଏଣ୍ଡୋସ୍କୋପି ସୁବିଧା ଉପଲବ୍ଧ ନାହିଁ, ଏମ୍ ଆର୍ ଆଇ ସୁବିଧା ନାହିଁ, ଏକ ବର୍ଣ୍ଣ ୟୁନିଟ ସ୍ଥାପନ, ସିକିଲ ସେଲ ୟୁନିଟ ସ୍ଥାପନ ଏବଂ ସୀମିତ ସଂଖ୍ୟାରେ ହେଉଥିବା ଅପରେସନକୁ ବଢ଼େଇବା ଉପରେ ଆଲୋଚନା କରାଗଲା। ଏହି ସବୁ ଦାବି ଗୁଡିକ ମେଡିକାଲ ଅଧିକ୍ଷକଙ୍କ ନିକଟରେ ଉପସ୍ଥାପନ କରିବା ସହିତ ଏହାର ତୁରନ୍ତ ସମାଧାନ କରିବା ଦିଗରେ ପଦକ୍ଷେପ ନେବା ବିଷୟରେ ଆଲୋଚନା ହୋଇଥିଲା । ମେଡିକାଲ ଅଧିକ୍ଷକ ପ୍ରତିଶ୍ରୁତି ଦେଇ କହିଥିଲେ ଯେ, ସ୍ଥାନୀୟ ଏକ ଡାକ୍ତରଙ୍କ ସହିତ ଯୋଗାଯୋଗ କରି ଆଜିଠାରୁ ହିଁ ଅଲ୍ଟ୍ରାସାଉଣ୍ଡ ନିୟମିତ କରାଯିବ। ଏକ ସିକିଲସେଲ ୟୁନିଟ ଓ ବର୍ଣ୍ଣ ୟୁନିଟ ଏକ ସପ୍ତାହ ଭିତରେ କାର୍ଯ୍ୟକ୍ଷମ କରାଯିବ। ଅନ୍ୟ ଦାବି ଗୁଡିକ ମଧ ଶୀଘ୍ର ପୂରଣ କରିବା ଦିଗରେ ସେ କାର୍ଯ୍ୟ କରିବେ ବୋଲି ମେଡିକାଲ ଅଧିକ୍ଷକ ପ୍ରତିଶ୍ରୁତି ଦେଇଛନ୍ତି। ଆଜି ଏହି ଆଲୋଚନାରେ ବଲାଙ୍ଗିର ଏକ୍ସନ କମିଟିର ଗୋପାଳଜୀ ପାଣିଗ୍ରାହୀଙ୍କ ସମେତ ବିଧୁଭୂଷଣ ତ୍ରିପାଠୀ, ପ୍ରତାପ ଚନ୍ଦ୍ର ରଥ, ସାଗରିକା ଗୁରୁ, ନିହାରିକା ମିଶ୍ର, ବିଶ୍ୱମୟ ପୂଜାରୀ, ଶ୍ରୀପଦା ଷଡଙ୍ଗୀ, କାନ୍ହା ଶତପଥୀଙ୍କ ସହ ବଲାଙ୍ଗିର ସ୍ୱେଚ୍ଛାସେବୀ ସଂଗଠନର ସନ୍ତୋଷ ପଟ୍ଟନାଏକ, ଗୋବିନ୍ଦ ଚନ୍ଦ୍ର ଶତପଥୀ, ସୁମିତ ମିଶ୍ର, ରବିନ୍ଦ୍ର ପ୍ରଧାନ, ଲିଙ୍କନ ସେଠ, ସନ୍ଦୀପ ବାଗ, ଅମିତ ନାୟକ, ଶ୍ୟାମସୁନ୍ଦର ଗହୀର, ସଞ୍ଜୟ ସାହୁ, ସୁଶାନ୍ତ ପୁଟେଲ, ଦେବରାଜ ନାଗ, ସୁରେଶ କର୍ମ ଉପସ୍ଥିତ ରହି ମେଡିକାଲ ଅଧିକ୍ଷକଙ୍କ ସହ ସମ୍ପୂର୍ଣ୍ଣ ଆଲୋଚନା କରିଥିଲେ।

# ଅସହ୍ୟ ଗ୍ରୀଷ୍ମ ପ୍ରବାହକୁ ତାଳ ଦେଇ ବାରମ୍ବାର ବିଦ୍ୟୁତକାଟ : ଅସ୍ତବ୍ୟସ୍ତ ଜନଜୀବନ

କେନ୍ଦୁଝର,୦୨/୦୬ (ନି.ପ୍ର): କେନ୍ଦୁଝରରେ ଗତ କିଛିଦିନ ଧରି ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଇବାରେ ଲାଗିଥିବା ବେଳେ ଗୁଳୁଗୁଳି ମଧ୍ୟ ଅସହ୍ୟ ହୋଇ ପଡିଛି। ଆଉ ଏଭଳି ସ୍ଥିତିରେ ଦୀର୍ଘସମୟ ପାଇଁ ବାରମ୍ବାର ଅଘୋଷିତ ବିଦ୍ୟୁତ କାଟ ସାଧାରଣଙ୍କ ପାଇଁ ବୋଝ ଉପରେ ନଳିତା ବିଡା ସଦୃଶ୍ୟ ହୋଇ ପଡିଛି । ଏହି ଅବସ୍ଥା ସମଗ୍ର କେନ୍ଦୁଝରବାସୀ ଭୋଗୁଥିଲେ ମଧ୍ୟ ଝୁମ୍ପୁରା ଅଂଚଳରେ ବିଦ୍ୟୁତକାଟ ମାତ୍ରା ସବୁଠାରୁ ଅଧିକ ରହିଛି ବୋଲି କୁହାଯାଉଛି। ଝୁମ୍ପୁରା ବିଦ୍ୟୁତ ବିଭାଗ ପକ୍ଷରୁ ମରାମତି କାମ ନାମରେ ବାରମ୍ବାର ବିଦ୍ୟୁତକାଟ କରାଯାଉଛି ତା ପୁଣି ଦୀର୍ଘ ସମୟଧରି । ବର୍ତ୍ତମାନ ଟାଟା ପାୱାର ବିଦ୍ୟୁତ ଆବଣ୍ଟନ ଦାୟୀତ୍ୱରେ ରହିଥିବା କାରଣରୁ ଟାଟା ପାୱାର ଏବେ ଖୋଲା ଖୋଲି ଭାବେ ତା'ର ପାୱାର ଯେପରି ଦେଖାଉଅଛି ଏ ସଂପର୍କରେ ଯେତେ ଅଭିଯୋଗ କଲେ ମଧ୍ୟ କେହି ଶୁଣିବାକୁ ନାହିଁ। ଏବଂ ଏପଟେ ସରକାରଙ୍କର ଗେହ୍ଲା ପୁଅ ସାଜିଥିବା ଟାଟା ପାୱାର ର ମଧ୍ୟ କିଛି ହବାର ନାହିଁ ବୋଲି ଚର୍ଚ୍ଚା ଆରମ୍ଭ ହୋଇଛି। ଏହି ପ୍ରବଳ ଖରାରେ ଜଳକଷ୍ଟ ମଧ୍ୟ ସୀମା ଅତିକ୍ରମ କରିସାରିଲାଣି । ଝୁମ୍ପୁରା ବ୍ଲକ ଅଂଚଳରେ ସମସ୍ତ ପାନୀୟ ଜଳ ପ୍ରକଳ୍ପ ଗୁଡିକ ବିଦ୍ୟୁତ ଦ୍ୱାରା ପରିଚାଳିତ। ବିଦ୍ୟୁତ ମୋଟର ଚଳାଇ ପାଇପ ଯୋଗେ ପାନୀୟ ଜଳ ଯୋଗାଣ କରାଯାଇଥାଏ। କେତେକ ଜାଗାରେ ଜଳ ଗଚ୍ଛିତ ରଖିବା ପାଇଁ ଓଭରହେଡ ଟାଙ୍କି ମଧ୍ୟ ନାହିଁ। ବିଦ୍ୟୁତ କାଟ ହେବା ଯୋଗୁଁ ପମ୍ପ ବନ୍ଦ ହେବା ଦ୍ୱାରା ଓଭରହେଡ ଟାଙ୍କିରେ ପାଣି ଗଚ୍ଛିତ ହୋଇ ପାରୁନାହିଁ। ଫଳରେ ଦିନ ଦିନ ଧରି ଗ୍ରାମର ବାସିନ୍ଦାମାନେ ଜଳକଷ୍ଟ ର ସମ୍ମୁଖୀନ ହେଉଛନ୍ତି।

ସୂଚନା ଅନୁଯାୟୀ ଟାଟା ପାୱାରର ଝୁମ୍ପୁରା ବିଦ୍ୟୁତ ସେକ୍‌ସନରେ ରହିଛନ୍ତି ୧୨ ହଜାରରୁ ଉର୍ଦ୍ଧ ବିଦ୍ୟୁତ ଉପଭୋକ୍ତା । ଅଘୋଷିତ ବିଦ୍ୟୁତ କାଟରେ ଅତିଷ୍ଠ ହୋଇ ପ୍ରତ୍ୟହ ଶହ ଶହ ବିଦ୍ୟୁତ ଉପଭୋକ୍ତା ଝୁମ୍ପୁରା ବିଦ୍ୟୁତ ସେକସନରେ ଅଭିଯୋଗ କରି ଚାଲିଛନ୍ତି, ହେଲେ ସମସ୍ୟାର ସମାଧାନ ପାଇଁ ବିଭାଗ ଆଗ୍ରହ ପ୍ରକାଶ କରୁନାହିଁ। କେବଳ ମରାମତି ନାମରେ ସବୁକୁ ଏଡାଇ ଦିଆଯାଉଛି । ଝୁମ୍ପୁରା ସେକସନର ବିଦ୍ୟୁତ ଯନ୍ତ୍ରୀ ଲମ୍ବୋଦର ବାରିକ ମଧ୍ୟ ଅନୁରୂପ ଭାବେ ମରାମତି କାମ ଯୋଗୁଁ ବିଦ୍ୟୁତ କାଟ ହେଉଛି, ଆମେ କିଛି କରିପାରିବୁ ନାହିଁ ବୋଲି ସାଧାସଳଖ କହୁଛନ୍ତି । ତେବେ ବିଦ୍ୟୁତକାଟ ନ କରିବାକୁ ରାଜ୍ୟ ମୁଖ୍ୟ ଶାସନ ସଚୀବଙ୍କ ନିର୍ଦ୍ଦେଶର କଣ କିଛି ମୂଲ୍ୟ ନାହିଁ ? ଏହାର ଉତର ଦବ କିଏ ତାହା ପୁଣି ଅନ୍ୟ ଏକ ପ୍ରଶ୍ନ ।

# ପଟାଙ୍ଗୀରେ ରକ୍ଷକ ପ୍ରଶିକ୍ଷଣ ଶିବିର

ଜୟପୁର,୦୨/୦୬ (ନି.ପ୍ର): ରାଜ୍ୟ ପରିବହନ ପ୍ରାଧିକରଣ ଓ ଭାରତୀୟ ରେଡ଼କ୍ରସ ସୋସାଇଟି ଓଡିଶା ରାଜ୍ୟ ଶାଖାର ମିଳିତ ଆନୁକୂଲ୍ୟରେ ପଟାଙ୍ଗୀ ପଚାଂୟତ ସମିତି ସଭା କକ୍ଷରେ ଦ୍ୱିତୀୟ ପର୍ଯ୍ୟାୟ ରକ୍ଷକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। କୋରାପୁଟ ଜିଲ୍ଲା ଆଂଚଳିକ ପରିବହନ ଅଧିକାରୀ ପ୍ରସନ୍ନ କୁମାର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଆଂଚଳିକ ପରିବହନ ଅଧିକାରୀ ତପନ କୁମାର ବେଟି ଏବଂ ମୋଟର ଯାନ ନିରୀକ୍ଷକ ଶ୍ରୀମତୀ ଚନ୍ଦ୍ରା ବିଶ୍ୱାସ ଯୋଗଦାନ କରି ରକ୍ଷକ ପ୍ରଶିକ୍ଷଣର ଆଭିମୁଖ୍ୟ, ଆହତ ବ୍ୟକ୍ତିଙ୍କୁ ସହାୟତା ପ୍ରଦାନ, ଗୁଡ଼ ସମରିଟାନ ନୀତି, ସୋଲାସିୟମ ଫଣ୍ଡ ଯୋଜନା, ମୋଟର ଯାନ ଆଇନର ବିଭିନ୍ନ ଧାରା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ କାର୍ଯ୍ୟକ୍ରମ ସଂଯୋଜକ ତଥା ପ୍ରଶିକ୍ଷକ ଯଜ୍ଞେଶ୍ୱର ପଣ୍ଡା ପ୍ରଶିକ୍ଷଣର ବିଭିନ୍ନ ଦିଗ, ପ୍ରଶିକ୍ଷଣ ଶିବିରରୁ ଶିକ୍ଷା ଲାଭ କରିଥିବା ଜୀବନ ରକ୍ଷା ଜ୍ଞାନ କୌଶଳକୁ ବାସ୍ତବ କ୍ଷେତ୍ରରେ ପ୍ରୟୋଗ କରି ଆହତ ବ୍ୟକ୍ତିକୁ ପ୍ରାଥମିକ ଚିକିତ୍ସା ସହାୟତା ଯୋଗାଇ ଦେବାପାଇଁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସପନ କୁମାର ଦୀକ୍ଷିତ, ଜ୍ୟୋତି ରଞ୍ଜନ ନନ୍ଦ, ହରେକୃଷ୍ଣ ମହାରଣା, ସୌମେନ୍ଦ୍ର ସ୍ୱାଇଁ, ଜି.ଗୌରୀ ଶଙ୍କର ଏବଂ ସୀମାଂଚଳ କୁଣ୍ଡୁ ପ୍ରମୁଖ ପ୍ରଶିକ୍ଷକ ଭାବେ ଯୋଗଦାନ କରି ପ୍ରଶିକ୍ଷ୍ୟାର୍ଥୀ ମାନଙ୍କୁ ଜୀବନ ରକ୍ଷାକାରୀ ପ୍ରଣାଳୀ, ହୃତ-ଫୁସଫୁସ କାର୍ଯ୍ୟର ପୁନଃ ପ୍ରଚଳନ, ରକ୍ତସ୍ରାବ ଏବଂ ଅସ୍ଥି ଭଗ୍ନର ଉପଚାର ବିଷୟରେ ତାଲିମ ପ୍ରଦାନ କରିଥିଲେ। ଲାଷ୍ଟ ମାଇଲ କନେକ୍ଟ ଭୁବନେଶ୍ୱର ଶାଖାର ସମୀର ରଞ୍ଜନ ରାୟ ଓ ସାଥୀ ଏବଂ ସଞ୍ଜୟ କୁମାର ପାଠୀଙ୍କ ସମେତ ଆଂଚଳିକ ପରିବହନ କାର୍ଯ୍ୟାଳୟର କର୍ମଚାରୀବୃନ୍ଦ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଦୋକାନୀ, ସାଧାରଣ ଜନତା, ଗାଡି ଚାଳକ, ହୋଟେଲ ବ୍ୟବସାୟୀ ପ୍ରଭୃତି ବ୍ୟକ୍ତି ବିଶେଷ ଫାଷ୍ଟ ରେସ୍ପଣ୍ଡର ଭାବେ ତାଲିମ ଗ୍ରହଣ କରିଥିଲେ।

# ୫୯ କେଜି ୨୦୦ ଗ୍ରାମ ଗଞ୍ଜେଇ ଜବତ : ଜଣେ ଗିରଫ

ଗଞ୍ଜାମ,୦୨/୦୬ (ନି.ପ୍ର): ଅନ୍ତର୍ଗତ କଂସାମାରୀ ଗ୍ରାମରେ ପୋଲିସ ମଙ୍ଗଳବାର ସକାଳୁ ଜଣେ ଯୁବକଙ୍କ ଘରେ ଅତର୍କିତ ଚଢ଼ଉ କରି ବିପୁଳ ପରିମାଣର ଗଞ୍ଜେଇ ଜବତ କରିଥିବା ଜଣାପଡିଛି । ଏହି ମାମଲାରେ ପୋଲିସ ଗ୍ରାମର ଗଦାଧର ବେହେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି।

ସୂଚନା ଅନୁଯାୟୀ, ସାନଖେମୁଣ୍ଡି ବ୍ଲକ କଂସାମାରୀ ଢେପସାହିର ବାଙ୍କୁଲୁ ବେହେରାଙ୍କ ପୁଅ ଅଭିଯୁକ୍ତ ଗଦାଧର ଦୀର୍ଘ ଦିନ ଧରି ବେଆଇନ ଭାବେ ଜିଲ୍ଲା ତଥା ରାଜ୍ୟ ବାହାରକୁ ଗଞ୍ଜେଇ ଚୋରାଚାଲାଣ କରୁଥିବା ପୋଲିସ ବିଶେଷ ସୂତ୍ରରୁ ଖବର ପାଇଥିଲା । ଯାହାଫଳରେ ସ୍ଥାନୀୟ ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇ ଗତକାଲି ଭୋର୍ ୫ଟାରେ ଅଭିଯୁକ୍ତଙ୍କ ଘରେ ଚଢଉ କରାଯାଇଥିଲା । ଏହି ଚଢଉ ସମୟରେ ପୋଲିସ ଘର ଭିତର ଅନୁସନ୍ଧାନ କରି ୨ ଟି ବସ୍ତାରେ ରଖାଯାଇଥିବା ଗଞ୍ଜେଇ ଜବତ କରିବା ସହ ଯୁବକଙ୍କୁ ଥାନାରେ ଅଟକ ରଖିଥିଲା । ତେବେ ଉକ୍ତ ଦୁଇ ବସ୍ତାରେ ଥିବା ଗଞ୍ଜେଇ ଓଜନ କରିବା ପରେ ସେଥିରେ ୫୯ କେଜି ୨୦୦ ଗ୍ରାମ ରହିଥିବା ଜଣାପଡିଛି । ଯାହାର ବଜାର ମୂଲ୍ୟ ୯ ଲକ୍ଷ ଟଙ୍କା ହେବ ବୋଲି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଆସିକା ଏସଡିପିଓ ଉମାଶଙ୍କର ସିଂ ସୂଚନା ଦେଇଛନ୍ତି । ଏଥିସହ ଏହି ବେଆଇନ ଗଞ୍ଜେଇ ଚୋରାଚାଲାଣ ମାମଲାରେ ଅନ୍ୟ ଜଣେ ସମ୍ପୃକ୍ତ ରହିଥିବା ବେଳେ ଖୁବଶିଘ୍ର ତାକୁ ମଧ ଗିରଫ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି । ଏହି ଚଢଉ ପରେ ଏସଆଇ ମିଳନ ପାଣିଗ୍ରାହୀଙ୍କ ଏତଲା କ୍ରମେ ଥାନା ମାମଲା ନଂ ୧୭୨/୨୨ ଦଫା ୨୦(ବି) ଆଇଆଇ(ସି)/ ଏନଡିପିଏସ୍ ଅନୁଯାୟୀ ଅଭିଯୁକ୍ତ ବିରୋଧରେ ଏକ ମୋକଦ୍ଦମା ରୁଜୁ କରାଯାଇ ତାକୁ ଜିଲ୍ଲା ଦୌରାଜଜ କୋର୍ଟକୁ ଚାଲାଣ କରାଯାଇଛି ।

# ଦ୍ୱିତୀୟ ପର୍ଯ୍ୟାୟ ବିଦ୍ୟାଳୟ ରୂପାନ୍ତରିକରଣ ପାଇଁ ଜିଲ୍ଲା ପ୍ରଶାସନ ପ୍ରସ୍ତୁତ

ଧର୍ମଶାଳା,୦୨/୦୬ (ନି.ପ୍ର): ମୋ ସ୍କୁଲ ମାଧ୍ୟମରେ ବିଦ୍ୟାଳୟ ଗୁଡିକର ରୂପାନ୍ତରିକରଣ କାର୍ଯ୍ୟ ଚାଲୁ ରହିଛି । ଚଳିତ ମାସ ଦ୍ୱିତୀୟ ପର୍ଯ୍ୟାୟରେ ୫ଟି ରୂପାନ୍ତରିକରଣ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଲୋକାର୍ପଣ ହେବ । ଏହି ଅବସରରେ ଯାଜପୁର ଜିଲାର ଧର୍ମଶାଳା ନିର୍ବାଚନ ମଣ୍ଡଳୀ ରସୁଲପୁର ବ୍ଲକ ଅଧିନସ୍ଥ ଜାବରା ଉଚ୍ଚ ବିଦ୍ୟାଳୟ ଚିହ୍ନଟ ହୋଇଛି । ଏହି ବିଦ୍ୟାଳୟର କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପଂହଚିଛି । ଯାହାକୁ ନେଇ ଆଜି ଯାଜପୁର ଜିଲାପାଳ ଚକ୍ରବର୍ତୀ ସିଂ ରାଥୋଡ, ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଓ ରସୁଲପୁର ବ୍ଲକ ଉନ୍ନୟନ ଅଧିକାରୀ ଉମାକାନ୍ତ ପରିଡା ଏହି ବିଦ୍ୟାଳୟ ପରିଦର୍ଶନ କରିଛନ୍ତି । ଏନେଇ ସେ ବିଦ୍ୟାଳୟ କତୃପକ୍ଷ ଓ ସ୍ଥାନୀୟ ଲୋକପ୍ରତିନିଧିଙ୍କ ସହ ଆଲୋଚନା କରିଛନ୍ତି ।

# ଧର୍ମଶାଳା ପଂଚାୟତ ସମିତି ସ୍ୱତନ୍ତ୍ର ବୈଠକ

ଧର୍ମଶାଳା,୦୨/୦୬ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ପଂଚାୟତ ସମିତିର ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି । କଳ୍ପତରୁ ଦାସ ଷ୍ଟାଡିୟମସ୍ଥିତ ପଂଚାୟତ ସମିତି ଗୃହ ପରିସରରେ ପଂଚାୟତ ସମିତି ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ମେଗା ପାନୀୟ ଜଳଯୋଗାଣ ପ୍ରକଳ୍ପ ଓ ସ୍ୱଚ୍ଛ ଭାରତ ମିଶନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଆସନ୍ତା ୨୦୧୪ ମସିହା ସୁଦ୍ଧା ଧର୍ମଶାଳା ବ୍ଲକର ପ୍ରତ୍ୟେକ ଘରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ମୋଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରୁଥିବା ଠିକା ସଂସ୍ଥାକୁ ଶ୍ରୀ ବଳବନ୍ତରାୟ ନିର୍ଦ୍ଦେଶ ଦେଇଛନ୍ତି । ଧର୍ମଶାଳା ମଣ୍ଡଳ ଉନ୍ନୟନ ଅଧିକାରୀ ଅରବିନ୍ଦ ବେହେରା ବୈଠକ ସମ୍ପର୍କରେ ସୂଚନା ଦେଇଥିଲେ । ଅତିରିକ୍ତ ବିଡିଓ ଅସିତ କୁମାର ପାତ୍ର ସଭା ପରିଚାଳନା କରିବା ସହ ସ୍ୱଚ୍ଛ ଭାରତ ମିଶନ ସମ୍ପର୍କରେ ଆଲୋଚନା କରିଥିଲେ । ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ଧର୍ମଶାଳା ବ୍ଲକର ୬୨ ହଜାର ପରିବାରଙ୍କୁ ବିଶୁଦ୍‌ଧ ପାନୀୟ ଜଳ ଯୋଗାଇ ଦିଆଯିବ । ଏଥି ପାଇଁ ୮୮୬ କିଲୋମିଟିର ପାଇପ ଲାଇନ ବିଛା ଯିବା ପାଇଁ ସ୍ଥିର ହୋଇଛି । ତତ୍ ସହିତ ୫୭୪ କିଲୋମିଟର ପାଇପ ବିଛା ଯାଇଛି । ବାକି ଥବବା ପାଇପ ବିଛା କାର୍ଯ୍ୟ ଆସିନ୍ତା ଡିସେମ୍ବର ମାସ ସୁଦ୍ଧା ଶେଷ ହେବ ବୋଲି ଗ୍ରାମ୍ୟ ଜଳ ଓ ପରିମଳ ବିଭାଗର ସହକାରୀ ଯନ୍ତ୍ରୀ ଇଂ କୁଳମଣି ମହାରଣା ସୂଚନା ଦେଇଥିଲେ । କାର୍ଯ୍ୟକ୍ରମରେ ପଂଚାୟତ ସମିତି ଉପାଧ୍ୟକ୍ଷା ବିଶ୍ୱବିଜୟିନୀ ମିଶ୍ର,ଜିଲା ପରିଷଦ ସଭ୍ୟା ପଣତି ଲେଙ୍କା,ସ୍ମୃତିରେଖା ବେହେରା ,ଜଳଧର ମହାନ୍ତି ଓ ସ୍ଥାନୀୟ ଲୋକପ୍ରତିନିଧି ଉପସ୍ଥିତ ରହିଥିଲେ ।

# ଆସନ୍ତା ୯ରେ କୋରାପୁଟ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ ନେଇ ଚେତାବନୀ

ଜୟପୁର,୦୨/୦୬ (ନି.ପ୍ର): କୋରାପୁଟ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ମନମୁଖୀ ଶାସନ, ଅମଲା ମାନଙ୍କ ପ୍ରତି ବୈମାତୃକ ମନୋଭାବ, ଅମଲା ମାନଙ୍କୁ ଚାପଗ୍ରସ୍ତ, ଅଣଦେଖା, ମାନସିକ ନିର୍ଯ୍ୟାତନା, ଦୁର୍ବ୍ୟବହାର, ଅମଲା ମାରଣ ନୀତି, ବେତନ ପ୍ରଦାନରେ ବିଳମ୍ବ, ପ୍ରାପ୍ୟ ବକେୟା ସ୍ଥଗିତ ରଖିବା, ଗୋଷ୍ଠି ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ମାନଙ୍କରେ ଆବଶ୍ୟକ କର୍ମଚାରୀ ପୂରଣ ନକରିବା, ଭାରପ୍ରାପ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ମାନଙ୍କୁ କୋରାପୁଟ ସଦର ମହକୁମା ଠାରେ ରଖି ଅମଲା ମାନଙ୍କୁ ପ୍ରତି ବ୍ଲକରୁ ସେଠାକୁ ଫାଇଲ୍ ଓ ବିଲ୍ ଇତ୍ୟାଦି ଧରି ଆସିବାକୁ ନିର୍ଦ୍ଦେଶ ଦେଇ ବିନା ଅତିରିକ୍ତ ଭତାରେ ହଇରାଣ ହରକତ କରିବା ସହିତ ଅମଲା ମାନଙ୍କ ଦୈନନ୍ଦିନ କାର୍ଯ୍ୟରେ ବାଧା ଦେବା, ନିଜ ଇଚ୍ଛା ମୁତାବକ ଅମଲା ମାନଙ୍କ କର୍ମାନ୍ତର ପ୍ରେରଣ କରିବା, ଆବଶ୍ୟକ ସ୍ଥଳେ ବଦଳି ପାଇଁ ଆବେଦନ କରିଥିବା ଅମଲା ମାନଙ୍କ ଦରଖାସ୍ତକୁ ବିଚାରକୁ ନ ନେଇ ତାଙ୍କୁ ମାନସିକ ଯନ୍ତ୍ରଣା ଦେବା, ଗୋଷ୍ଠି ଶିକ୍ଷା ଅଧିକାରୀଙ୍କ ବିରୋଧରେ ଯେତେ ଅଭିଯୋଗ ହେଲେ ସୁଦ୍ଧା ସେଇ ଅଭିଯୋଗକୁ ଉକତ୍ରୋଚ ନେଇ ତାକୁ ବିନା ତଦନ୍ତରେ କିମ୍ବା ତଦନ୍ତକୁ ମିଥ୍ୟା ପ୍ରମାଣିତ କରିବା ଓ ଅମଲା ମାନଙ୍କ ପଦୋନ୍ନତି ଦିଗରେ ଦୃଷ୍ଟି ନଦେବା ଏଭଳି ୧୦ ଦଫା ଦାବିରେ ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା ସମ୍ପାଦକ ଶଶୀଭୂଷଣ ଦାଶ ତା ୦୯.୦୬.୨୦୨୨ ରିଖ ଦିନ ଅପରାହ୍ନ ୪ଟା ସମୟରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ କୋରାପୁଟ ଘେରାଉ ହେବା ନେଇ ଚେତାବନୀ ଦେଇଛନ୍ତି । ସେ ଏହାର ନକଲ ଭାରପ୍ରାପ୍ତ ଥାନା ଅଧିକାରୀ କୋରାପୁଟ, ଆରକ୍ଷୀ ଅଧିକ୍ଷକ କୋରାପୁଟ, ଜିଲ୍ଲାପାଳ କୋରାପୁଟ, ସାଧାରଣ ସମ୍ପାଦକ ଓଡିଶା ଅମଲା ସଂଘ, ସଭାପତି ଓ ସମ୍ପାଦକ ପ୍ରାଥମିକ ଶିକ୍ଷା ବିଭାଗ ଗୋଷ୍ଠି ଓ ଜିଲ୍ଲା ଓ ସମସ୍ତ ଅମଲା ମାନଙ୍କ ଅବଗତି ନିମନ୍ତେ ପ୍ରେରଣ କରିଛନ୍ତି।

# ରୋହିଙ୍ଗିଆ ଓ ବାଙ୍ଗଲାଦେଶୀଙ୍କୁ ଜିଲ୍ଲାରୁ ବାହାର କରିବା ନେଇ ଶୋଭାଯାତ୍ରା

ଜୟପୁର,୦୨/୦୬ (ନି.ପ୍ର): ରୋହିଙ୍ଗିଆ ଓ ବାଙ୍ଗଲାଦେଶୀଙ୍କୁ କୋରାପୁଟ ଜିଲ୍ଲାରୁ ବାହାର କରିବା ନେଇ ଜୟପୁରରେ ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜୟପୁର ହିନ୍ଦୁ ସମାଜ ତରଫରୁ ଏହି ବିଶୋଳ ଶୋଭାଯାତ୍ରା ବାହାରି ଥିବା ବେଳେ ଏଥିରେ ଶହ ଶହ ଲୋକ ଓ ବିଭିନ୍ନ ସଂଗଠନ ସାମିଲ ହୋଇଥିଲେ । ସୁର୍ଯ୍ୟମହଲ ଠାରୁ ଏହି ଶୋଭାଯାତ୍ରା ବାହାରି ମୁଖ୍ୟ ରାସ୍ତା ଦେଇ ଜୟପୁର ଟାଉନ ଥାନାରେ ପହଂଚି ଥିଲା । ଘର ମାଲିକ ସାବଧାନ ହୁଅ ଆପଣା ଲୋକଙ୍କୁ ଭଡା ଦିଅ , ଜୟପୁର ସହରରେ ବାଂଲାଦେଶୀ ରୋହଙ୍ଗିଆ ମାନଙ୍କ ଦାଦାଗିରି ଚଳିବ ନାହିଁ, ବାଂଲାଦେଶୀ ହଟାଅ କୋରାପୁଟ ବଂଚାଅ ଆଦି ଲେଖାଥିବା ପ୍ଲାକାର୍ଡ ଧରି ପ୍ରତିବାଦ କରାଯାଇଥିଲା । ଶୋଭାଯାତ୍ରାକାରୀମାନେ ଟାଉନ ଥାନାରେ ପହଂଚି ଏସଡିପିଓ ଅରୂପ ଅଭିଷେକ ବେହେରା, ଟାଉନ ଥାନା ଅଧିକାରୀ ସଞ୍ଜୟ କୁମାର ମଣ୍ଡଳ ଙ୍କୁ ରୋହିଙ୍ଗିଆ ଓ ବାଙ୍ଗଲାଦେଶୀଙ୍କୁ ଜିଲାରୁ ବାହାର କରିବା ନେଇ ଦାବି କରାଯାଇଥିଲା।ଏହିଶୋଭାଯାତ୍ରାରେ ରଜନୀ ନାୟକ, , ଲଳିତ ଆଗ୍ରୱାଲ,ବରୁଣ ଜୈନ,ସନ୍ତୋଷ ସାହୁ, ମିନ କେତନ ଦାସ, ସାଧୁ ଦାସ ଚୈଧୁରି, କୃଷ୍ଣ କେଶବ ଷଡଙ୍ଗି , ସୁବାସ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ଶାନ୍ତି ଶୃଙ୍ଖଳା ପାଇ ଟାଉନ ପୋଲିସ ମୃତୟନ ହୋଇଥିଲେ ।

# ବଲାଙ୍ଗିର ନୂତନ ବସ ଟର୍ମିନାଲ ଖୁବ୍ ଶୀଘ୍ର କାର୍ଯ୍ୟକ୍ଷମ ହେବ

ବଲାଙ୍ଗିର ,୦୨/୦୬ (ନି.ପ୍ର): ବଲାଙ୍ଗିର ରେ ତିଆରି ହୋଇଥିବା ନୂତନ ବସ ଟର୍ମିନାଲ ଖୁବ୍ ଶୀଘ୍ର ଜୁନ ମାସ ଭିତରେ କାର୍ଯ୍ୟକ୍ଷମ ହେବ ଏଠାରୁ ଉଭୟ ସରକାରୀ ଓ ବେସରକାରୀ ବସ ଗୁଡ଼ିକୁ ଚଳାଚଳ କରାଯିବାକୁ ଆଜି ଏକ ବୈଠକରେ ନିଷ୍ପତି ନିଆଯାଇଛି। ଆଜି ପୂର୍ବାହ୍ନରେ ବଲାଙ୍ଗିର ଜିଲ୍ଲାପାଳ କାର୍ଯ୍ୟାଳୟ ସ୍ଥିତ ସଭାଗୃହରେ ଜିଲ୍ଲାପାଳ ଚଂଚଲ୍ ରାଣାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଓଡିଶା ରାଜ୍ୟ ପରିବହନ ନିଗମର ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଡିପ୍ରେସ ପଟନାୟକ, ବଲାଙ୍ଗିର ପୌରପାଳିକାର ଅଧକ୍ଷା ଲିକା ସାହୁ, ଘରୋଇ ବସ ମାଲିକ ସଂଘର ସଭାପତି ହେମନ୍ତ କୁମାର ପଣ୍ଡା ଙ୍କ ସମେତ ସଂଘ କର୍ମକର୍ତା ଅନ୍ୟ ସଦସ୍ୟ , ପରିବହନ ବିଭାଗ ଅନ୍ୟ କର୍ମଚାରୀମାନଙ୍କ ଉପସ୍ଥିତି ରେ ଏସମ୍ପର୍କରେ ବିଭିନ୍ନ ବିଷୟରେ ଆଲୋଚନା ହୋଇଥିଲା । ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇ ସମାଧାନ ର ବାଟ ବାହାର କରାଯାଇଛି। ପୂର୍ବରୁ ନିର୍ଦ୍ଧାରିତ ଜୁନ ମାସ ୧୫ ତାରିଖରେ ବସ ଗୁଡିକ ନୂଆ ଟର୍ମିନାଲ ରେ ଚାଲିବା ଥିଲା ଏହା ଉପରେ ନିଷ୍ପତି ନେଇ ଜୁନ ଭିତରେ ଚଳାଯିବାକୁ ନିଷ୍ପତି ନିଆଯାଇଛି. ଦୂରତ୍ୱ ଦୃଷ୍ଟିରୁ ବର୍ତମାନର ସରକାରୀ ବସ ଷ୍ଟାଣ୍ଡକୁ ବସ ମାନଙ୍କ ପାଇଁ ବ୍ୟବହାର କରାଯିବା ଉପରେ ଆଲୋଚନା ହୋଇଥିଲା। ନୂତନ ଟର୍ମିନାଲ ରେ ଏକ ପୁଲିସ ବିଟ ହାଉସ୍ କରାଯିବ ଆଉଟ ପୋଷ୍ଟ କରାଯିବା ପର୍ଯ୍ୟନ୍ତ , ଏହି ଅଂଚଳରେ ଘରୋଇ ବସ ଷ୍ଟାଣ୍ଡରେ ଥିବା ଦୋକାନୀ ମାନଙ୍କୁ ଥଇଥାନ କରାଯିବା କୁ ଆଲୋଚନା ହୋଇଥିଲା। ନୂତନ ଟର୍ମିନାଲ ରେ ଯାତ୍ରୀ ମାନଙ୍କ ପାଇଁ ଶୌଚାଳୟ ଓ ଅନ୍ୟ ବ୍ୟବସ୍ଥା ଖୁବ୍ ଶୀଘ୍ର କରାଯିବାକୁ ନିଷ୍ପତି ହୋଇଥିବା ଜଣା ଯାଇଚି।

# ବଲାଙ୍ଗିର ନାଗରିକ କମିଟିର ମାଲପଡା ସ୍କୁଲକୁ ଶୁଭେଚ୍ଛା ଗସ୍ତ

ବଲାଙ୍ଗିର ୧ ଜୁନ ( ହି.ସ.) - ବଲାଙ୍ଗୀର ଜିଲ୍ଲା ନାଗରିକ କମିଟି ଶିକ୍ଷା ବିଭାଗ ସବ୍ କମିଟିର ସଭ୍ୟବୃନ୍ଦ ଆବାହକ ବ୍ରଜରାଜ ପୁରୋହିତଙ୍କ ନେତୃତ୍ୱରେ ଏକ ଶୁଭେଚ୍ଛା ଗସ୍ତରେ ସ୍ଥାନୀୟ ମାଲପଡା ୟୁପି ସ୍କୁଲକୁ ଯାଇଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରି ସୁଶ୍ରୀ ବିଦ୍ୟୁତଲତା ଶତପଥି, ସିଆରସିସି ରଶ୍ମିତା ମହାନ୍ତି ଏବଂ ଅନ୍ୟାନ୍ୟ ଶିକ୍ଷୟତ୍ରୀ ଗଣ ଉପସ୍ଥିତ ଥିଲେ । ସ୍କୁଲ କମିଟି ସଭାପତି ସାଧୁ ମେହେର ମଧ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ବିଦ୍ୟାଳୟର ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷା ଦାନ ଦିଆଯାଉଥିଲେ ମଧ ମାତ୍ର ୪ଟି ଶ୍ରେଣୀ କୋଠରୀ ଥିବାରୁ ଶିକ୍ଷାଦାନ କାର୍ଯ୍ୟବାଧାପ୍ରାପ୍ତ ହେଉଛି । ଅଷ୍ଟମ ଶ୍ରେଣୀ ପାଇଁ ହିନ୍ଦୀ ଓ ସଂସ୍କୃତ ଶିକ୍ଷକ (କ୍ୟାସିକାଲ ଶିକ୍ଷକ) ଏ ପର୍ଯ୍ୟନ୍ତ ନିଯୁକ୍ତି ପାଇ ନାହାନ୍ତି । ଆଲୋଚନା ସମୟରେ ସ୍କୁଲ କମିଟି ସଭାପତି ଶ୍ରୀ ମେହେର ପ୍ରକାଶ କଲେ ଯେ, ପରିତ୍ୟକ୍ତ ଶ୍ରେଣୀ କୋଠରୀମାନଙ୍କ ସ୍ଥାନରେ ନୂତନ ଗୃହ ନିର୍ମାଣ ହେଲେ ଛାତ୍ର ଛାତ୍ରୀମାନେ ଉପକୃତ ହୋଇପାରିବେ । କମିଟି ସଦସ୍ୟ ଗୋପଭୂଷଣ ନାଥ, ଧର୍ମବ୍ରତ ରଥ ତଥା ଦିବାକର ହୋତା ଛାତ୍ରଛାତ୍ରୀଙ୍କ ବିଭିନ୍ନ ସୁବିଧା, ଅସୁବିଧା ବିଷୟରେ ପଚାରି ବୁଝିବା ସହ ଯଥା ସମ୍ଭବ ସାହାଯ୍ୟ ସହଯୋଗ କରିବା ପାଇଁ ପ୍ରତିଶୃତି ଦେଇଥିଲେ ।

# ସ୍କୁଲ ଅଛି ପିଲା ପଢୁଛନ୍ତି ବନରକ୍ଷୀଙ୍କ କ୍ୱାର୍ଟରରେ

କନ୍ଧମାଳ ,୦୨/୦୬ (ନି.ପ୍ର): ସରକାର ଶିକ୍ଷାର ବିକାଶପାଇଁ ଅନେକ ଯୋଜନାମାନ କରୁଛନ୍ତି ଆଉ କୋଟି କୋଟି ଟଙ୍କା ଖର୍ଚ୍ଚ ମଧ କରୁଛନ୍ତି । ଏବେ ପିଲାମାନଙ୍କୁ ବେସରକାରି ଇଂରାଜୀ ମିଡିୟମ ସ୍କୁଲର ଶୈକ୍ଷିକ ପରିବେଶ ସୃଷ୍ଟି କରିବାଲାଗି ସ୍ମାର୍ଟ ସ୍କୁଲ କରିଛନ୍ତି । ହେଲେ ଏବେ ବି କନ୍ଧମାଳ ଜିଲା ରେ ଏଭଳି ସ୍କୁଲ ରହିଛି ଯାହାକି ଭୁତକୋଠୀ ସଦୃଶ କହିଲେ ଭୂଲ ହେବନି । ସେ ଭଳି ଏକ ସ୍କୁଲ ତୁମୁଡିବନ୍ଧ ବ୍ଲକ ର ବିଲାମାଳ ପଞ୍ଚାୟତର ଧରଣୀମାସ୍କା ସ୍କୁଲ । ପ୍ରାୟ ୨୯ ବର୍ଷ ପୂର୍ବେ ଏହା ନିର୍ମାଣ ହୋଇଥିଲା,୨୦୦୩ ମସିହା ସେପଟେମ୍ବର ବର୍ଷରେ ବିଦ୍ୟାଳୟ ସଂପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା. ଫଳରେ ନୂତନ କୋଠା ନିର୍ମାଣପାଇଁ ଅର୍ଥ ଅନୁବାନ ଆସିଥିଲା। ହେଲେ ସେତେବେଳର ପ୍ରଧାନ ଶିକ୍ଷକ ଏହି ଅନୁଦାନ ଅର୍ଥ ହଡପ ଅଭିଯୋଗରେ ଚାକିରିରୁ ବିଦା ହୋଇଥିଲେ । ସେହିଦିନଠୁ ୨୦ ବର୍ଷ ହେଲା ନୂତନ ବିଦ୍ୟାଳୟ ନିର୍ମାଣ ହୋଇପାରୁନି। ଫଳରେ ପିଲାମାନେ କେତେ ବେଳେ ବନରକ୍ଷୀ କ୍ୱାର୍ଟରରେ ନତୁବା ଗଛ ମୁଳେ ପାଠ ପଢୁଛନ୍ତି। ଅଭିଯୋଗ କଲେ ଶୁଣିବାକୁ କିଏ ନାହିଁ। ଏନେଇ ବିଇ ଓ ଙ୍କୁ ପଚାରିଲେ ସେହି ଚିରାଚରିତ ଉତ୍ତର ମିଳୁଛି, ବିଦ୍ୟାଳୟ ଗୃହ ନିର୍ମାଣ ପାଇଁ ପଦକ୍ଷେପ ନିଆ ଯିବ।

# ମନ୍ଦିରକୁ ବାହୁଡିଲେ ପଂଚ ଦେବୀ : ଶେଷ ହେଲା ଫୁଲବାଣୀର ଠାକୁରାଣୀ ଯାତ୍ରା

କନ୍ଧମାଳ,୦୨/୦୬ (ନି.ପ୍ର): ଦିର୍ଘ ପ୍ରାୟ ଏକ ମାସ ଧରି ଫୁଲବାଣୀରେ ଚାଲିଥିବା ମା ନାରାୟଣୀଙ୍କ ସମେତ ପଂଚ ଦେବୀ ପଂଚ ଠାକୁରାଣୀଙ୍କ ୨୫ ତମ ଯାତ୍ରା ଶେଷ ହୋଇଛି। ଗତ ମଇ ମାସ ୩ ତାରିଖ ଠାରୁ ଆରମ୍ଭ ହୋଇଥିବା ଫୁଲବାଣୀର ପ୍ରସିଦ୍ଧ ଠାକୁରାଣୀ ଯାତ୍ରା ଶେଷ ହୋଇଛି। ଆଜି ସକାଳେ ପ୍ରାୟ ୧୧ ଟା ସମୟରେ ଯାତ୍ରା ପରିଚାଳନା କମିଟି ପକ୍ଷରୁ ରୀତିନୀତି ପ୍ରକାରେ ମା ବ୍ରାହ୍ମଣୀ ଦେବୀ, ମା ବରାଳଦେବୀ, ମା ବ୍ୟାଘ୍ରଦେବୀଙ୍କୁ ନେଇ ବିରାଟ ଶୋଭାଯାତ୍ରା ବାଜାବାଜଣା ବାଣ ଓ ରୋଷଣୀରେ ଦେବୀ ମାନଙ୍କୁ ସେମାନଙ୍କ ନିଜ ନିଜ ମନ୍ଦିରକୁ ଯାଇ ପାରମ୍ପରିକ ରୀତିନୀତିରେ ପହଂଚା ଯାଇଥିଲା। ପରେ ସଂନ୍ଧ୍ୟା ପ୍ରାୟ ୭ ଟା ସମୟରେ ଏକ ବିରାଟ ଶୋଭାଯାତ୍ରା ବାହାରି ମା ନାରାୟଣୀଙ୍କୁ ନେଇ ତାଙ୍କର ମନ୍ଦିର ଅଭିମୁଖେ ଯାଇଥିଲେ। ଏହି ଶୋଭାଯାତ୍ରାରେ ଯାତ୍ରା ପରିଚାଳନା କମିଟିର ସଭାପତି ପି. ସୁଧାଂଶୁ କୁମାର ସେନାପତି, ଉପସଭାପତି ସୁଜିତ ବେହେରା, ସମ୍ପାଦକ ଦୁର୍ଗା ପ୍ରସାଦ ତ୍ରିପାଠୀ, ଉପଦେଷ୍ଟା ଅଶୋକ ପଟ୍ଟନାୟକ, ଶିବପ୍ରସାଦ ତ୍ରିପାଠୀ, ପାର୍ଥସାରଥି ବିଶ୍ୱାଳ, ସାଂସ୍କୃତିକ ସମ୍ପାଦକ ଭି.ଲୋକନାଥ ରାଜୁ, ଅରୁଣ କୁମାର ପଣ୍ଡାଙ୍କ ସମେତ ଶତାଧିକ ଭକ୍ତ ମା ନାରାୟଣୀ ମନ୍ଦିର ଅଭିମୁଖେ ବାହାରି ମା ନାରାୟଣୀଙ୍କୁ ନେଇ ତାଙ୍କର ମନ୍ଦିରରେ ପହଂଚାଇଥିଲେ। ଏହି ଅବସରରେ ବାଣ ଫୁଟାଯିବା ସହ ବିଭିନ୍ନ ଆଲୋକର ସାଜସଜ୍ଜା କରାଯାଇଥିଲା। ସୁରକ୍ଷା ଦୃଷ୍ଟିରୁ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଆଜି ଶେଷ ଦିନରେ ମିନାବଜାରରେ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ତେବେ ଦିର୍ଘ ଏକ ମାସ ଧରି ଚାଲିଥିବା ଏହି ଯାତ୍ରାରେ ସହଯୋଗ କରିଥିବା ସମସ୍ତ ସହଯୋଗୀ ମାନଙ୍କୁ ଯାତ୍ରା ପରିଚାଳନା କମିଟି ପକ୍ଷରୁ ସଭାପତି ପି. ସୁଧାଂଶୁ କୁମାର ସେନାପତି କୃତଜ୍ଞତା ଜ୍ଞାପନ କରିଥିଲେ।

# ଗଞ୍ଜେଇ ଚାଲାଣ ବେଳେ ଚଢଉ : ଜଣେ ଗିରଫ

ଜୟପୁର,୦୨/୦୬ (ନି.ପ୍ର): ଜୟପୁର ସଦର ପୋଲିସ ଗଞ୍ଜେଇ ଚାଲାଣ ବେଳେ ଚଢଉ କରି ଜଣକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲା ଜୟପୁର ସହର ବାପୁଜି ନଗରର ହରିହର ବେନିଆ (୨୩) । ସଦର ପୋଲିସର ସୂଚନା ଅନୁଯାୟୀ, ଏକ ବାଇକରେ ଗଞ୍ଜେଇ ଚାଲାଣ ହେଉଥିବା ନେଇ ଜୟପୁର ସଦର ପୋଲିସ ଖବର ପାଇ ବାରିଣିପୁଟ ନିକଟରେ ଚଢଉ କରିଥିଲା । ଚଢଉ କରି ହରିହର ବେନିଆକୁ ଗିରଫ କରିବା ସହ ତା ନିକଟରୁ ୩୨ କେଜି ଗଞ୍ଜେଇ ଓ ବାଇକକୁ ଜବତ କରିଛି । ଏହି ଗଞ୍ଜେଇ ନବରଙ୍ଗପୁର ଚାଲାଣ ହେଉଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି । ଗିରଫ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ସଦର ଥାନା ଅଧିକାର ଇଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି ।

# ପାଳଙ୍ଗ ଶାଗ ପତ୍ରରୁ ହାର୍ଟର ଟିସୁ

ହୃତପିଣ୍ଡ ଟିସ୍ୟୁ ପ୍ରସ୍ତୁତିର ବିକଳ୍ପ ଭାବେ ପାଳଙ୍ଗ ଶାଗ ପତ୍ରକୁ ଗ୍ରହଣ କରିହେବ ବୋଲି କେତେକ ବିଜ୍ଞାନୀ ଦାବି କରିଛନ୍ତି। ପାଳଙ୍ଗ ଶାଗ ଖାଇଲେ ଆମ ହୃଦୟ ପାଇଁ ଭଲ ବୋଲି କେତେକ କହିଥାନ୍ତି। ହୁଏତ ହୃଦରୋଗରୁ ରକ୍ଷା ପାଇବା ନିମନ୍ତେ ପାଳଙ୍ଗ ଶାଗର ଉପକାରୀ ଗୁଣ ଥିବା ଓ ଏହାର ଅବ୍ୟର୍ଥ ଔଷଧ ବୋଲି ସାଧାରଣରେ ଏକ ଧାରଣା ରହିଛି। ବିଜ୍ଞାନୀମାନେ ଏହି ଶାଗରେ ସବୁଠୁ ବଡ଼ ଉପକାରୀ ଭୂମିକା ରହିଥିବାର ଜାଣିବାକୁ ପାଇଛନ୍ତି। ଥ୍ରୀ-ଡି ପ୍ରିଣ୍ଟିଂ ଭଳି ଅତ୍ୟାଧୁନିକ ପ୍ରଯୁକ୍ତି ବିଦ୍ୟାର ଆଗମନ ଫଳରେ ବାୟୋ ଇଞ୍ଜିନିୟରିଂର ଆଶାତୀତ ଅଗ୍ରଗତି ଘଟିଛି। କିନ୍ତୁ ମଣିଷ ଶରୀର ସୂକ୍ଷ୍ମ ଟିସ୍ୟୁ ତିଆରି କ୍ଷେତ୍ରରେ ଥ୍ରୀଡ଼ି ପ୍ରିଣ୍ଟିଂ ସଫଳତା ପାଇବା ନେଇ ଆହୁରି ସନ୍ଦେହ ରହିଛି। ହୃତପିଣ୍ଡ ଭିତରେ ଯେଉଁସବୁ ଟିସ୍ୟୁ ବିଛେଇ ହୋଇ ରହିଛି ସେଗୁଡ଼ିକ କୌଣସି କାରଣରୁ କ୍ଷତିଗ୍ରସ୍ତ ହେଲେ ତାହା ଏବେ ସୁଦ୍ଧା ପ୍ରତିରୋପଣ ଯୋଗ୍ୟ ନୁହେଁ। ତେବେ ଏହି ବିଜ୍ଞାନୀମାନେ ଟିସ୍ୟୁର ଏକ ବିକଳ୍ପ ଉପାୟ ଖୋଜି ପାଇଛନ୍ତି।

# ମାଛ ପୁର୍ଗା

ଆବଶ୍ୟକ ସାମଗ୍ରୀ: ରୋହି ମାଛ, ଜିରା,ଧନିଆ ରସୁଣ, ଅଦା ଓ ସୋରିଷର ପେଷ୍ଟ, ହଳଦୀ ଗୁଣ୍ଡ, ଲୁଣ, ବସା ଦହି, ଲଙ୍କା ଗୁଣ୍ଡ, ରିଫାଇନ ତେଲ, ଶାଳ ପତ୍ର।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଏକ ଗୋଟା ରୋହି ମାଛକୁ ଆଣି ତା' ଦେହରୁ କାତି ଛଡ଼ାଇ ଧୋଇ ଏକ ପାତ୍ରରେ ରଖନ୍ତୁ। ପରେ ମାଛର ଦୁଇ ପଟକୁ ଛୁରୀରେ ଅଳ୍ପ କାଟି ଦିଅନ୍ତୁ। ପରେ ଜିରା,ଧନିଆ ରସୁଣ, ଅଦା ଓ ସୋରିଷର ପେଷ୍ଟ, ହଳଦୀ ଗୁଣ୍ଡ ,ସ୍ୱାଦ ଅନୁସାରେ ଲୁଣ, ବସା ଦହି, ଲଙ୍କା ଗୁଣ୍ଡ, ରିଫାଇନ ତେଲକୁ କଟା ମାଛ ଭିତରେ ପୁରାଇ ଦିଅନ୍ତୁ। ଆଉ କିଛି ମସଲାକୁ ମାଛ ଦେହରେ ଭଲ ଭାବରେ ବୋଳି ଦିଅନ୍ତୁ। ପରେ ଶାଳ ପତ୍ରରେ ମସଲା ବୋଳା ମାଛକୁ ଗୋଡ଼ାଇ ବାନ୍ଧି ଦିଅନ୍ତୁ। ପରେ ଏକ ମାଟି ପାତ୍ର ଆଣି ନିଆଁ ଅଙ୍ଗାର ଦେଇ ମାଛଟିକୁ ପୋଡି ଦିଅନ୍ତୁ। ପ୍ରାୟ ୨୦ ମିନିଟ ପର୍ଯ୍ୟନ୍ତ ମାଛଟିକୁ ନିଆଁ ଅଙ୍ଗାର ଭିତରେ ରଖନ୍ତୁ। ପରେ ତାଙ୍କୁ ବାହାରକୁ କାଢ଼ି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ମାଛ ପୁର୍ଗା।



# ମହୁ ଖାଉଥିଲେ ସାବଧାନ: ହୋଇପାରେ ବିପଦ

*ମହୁ କେବଳ ପାଟିକୁ ସୁଆଦିଆ ଲାଗେ ତାହା ନୁହେଁ ଏହା ସ୍ୱାସ୍ଥ୍ୟ ପାଇଁ ମଧ୍ୟ ବେଶ୍ ଲାଭଦାୟୀ ବୋଲି ବିଶ୍ୱାସ। ମହୁ ଖାଇବା ଦ୍ୱାରା ଶରୀରକୁ ଅନେକ ଲାଭ ମିଳେ। ଏଥିରେ କାର୍ବୋହାଇଡ୍ରେଟ୍, ପ୍ରୋଟିନ୍, ଭିଟାମିନ୍-ଏ, ବି, ସି, ଆଇରନ୍, ମ୍ୟାଗ୍ନେସିୟମ, କ୍ୟାଲସିଅମ୍, ଫସଫରସ, ପୋଟାସିୟମ, ସୋଡିୟମ ଆଦି ପୋଷକତତ୍ତ୍ୱ ଭରପୂର ମାତ୍ରାରେ ରହିଛି। କୌଣସି ଜିନିଷ ଖାଇବା ଦ୍ୱାରା ଲାଭ ଏବଂ କ୍ଷତି ଉଭୟ ହୋଇଥାଏ। ସମସ୍ତଙ୍କ ଶରୀରରେ ଭିନ୍ନ ଭିନ୍ନ ଜିନିଷର ପ୍ରଭାବ ଭିନ୍ନ ହୋଇଥାଏ। ତେଣୁ ମହୁ ଆମ ସ୍ୱାସ୍ଥ୍ୟ ପାଇଁ ଯେତିକି ଭଲ ସେତିକି କ୍ଷତିକାରକ ମଧ୍ୟ। ତେବେ ମହୁ ଖାଇବା ଦ୍ୱାରା କ'ଣ ସବୁ କ୍ଷତି ହୁଏ ଆସନ୍ତୁ ଜାଣିବା।*



♦ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବା ଅନୁଯାୟୀ, ଆପଣ ଦିନସାରା କେତେ ପରିମାଣର ମହୁ ଖାଉଛନ୍ତି ସେଥିପ୍ରତି ଧ୍ୟାନ ଦେବା ଅତ୍ୟନ୍ତ ଜରୁରୀ। ମହୁର ଅତ୍ୟଧିକ ବ୍ୟବହାର ଦ୍ୱାରା ଦାନ୍ତ ଏବଂ ମାଢ଼ିର ଗୁଣ୍ଡ କ୍ଷୟ ହେବା ଆଶଙ୍କା ବଢ଼ିଯାଏ।

♦ଫ୍ୟାଟି ଲିଭର ସମସ୍ୟା ଥିବା ଲୋକଙ୍କ ପାଇଁ ମହୁ ବିପଦ ହୋଇପାରେ। ଏହା ଫ୍ୟାଟି ଲିଭରରେ ପୀଡିତ ଲୋକଙ୍କ ପାଇଁ ଅନେକ ସମସ୍ୟା ସୃଷ୍ଟି କରିପାରେ। ଏଥିପାଇଁ ଏହି ବ୍ୟକ୍ତିଙ୍କୁ ସୀମିତ ମାତ୍ରାରେ ମହୁ ଖାଇବା ପାଇଁ ପରାମର୍ଶ ଦିଆଯାଏ।

♦ସେହିପରି ଆଲର୍ଜି ସମସ୍ୟା ଥିବା ଲୋକେ ମଧ ମହୁଠାରୁ ଦୂରେଇ ରହିବା ଉଚିତ। ଯଦି ଆପଣଙ୍କ ଆଲର୍ଜି ସମସ୍ୟା ରହିଛି ତେବେ ମହୁ ଖାଇବା ଦ୍ୱାରା ଏହା କମ୍ ହେବା ବଦଳରେ ଆହୁରି ବଢ଼ିଯିବା ଆଶଙ୍କା ରହିଥାଏ।

♦ମଧୁମେହ ରୋଗୀମାନେ ମଧ ମହୁ ଠାରୁ ଦୂରେଇ ରହିବା ଉଚିତ, ନଚେତ ସେମାନଙ୍କ ପାଇଁ ଏହା ଭୟଙ୍କର ପ୍ରମାଣିତ ହୋଇପାରେ।

♦ସାଧାରଣତଃ ମହୁରେ ଚିନି ଥାଏ। ତେଣୁ ଏହାକୁ କମ୍ ମାତ୍ରାରେ ବ୍ୟବହାର କରିବା ଉଚିତ। ଅଧିକ ମାତ୍ରାରେ ବ୍ୟବହାର କରିବା ଦ୍ୱାରା ଟାଇପ-୨ ଡାଇବେଟିସ୍ ରୋଗୀଙ୍କ ବ୍ଲଡ ସୁଗାର ଲେବୁଲ ବଢ଼ିଯାଇପାରେ।

♦୧୨ ମାସରୁ କମ୍ ବୟସର ଶିଶୁଙ୍କୁ ମହୁ ସେବନ କରାଇବା ଉଚିତ ନୁହେଁ। ଏହାଦ୍ୱାରା ଶିଶୁମାନଙ୍କ ମଧ୍ୟରେ କ୍ଲୋଷ୍ଟ୍ରିଡିୟମ ଇନ୍‌ଫେକ୍ସନ୍ ବିପଦ ରହିଥାଏ।

# ଜାଣିବା କଥା

■ଇଡିଲି ପିଠା ପାଇଁ ପିଠଉ ପ୍ରସ୍ତୁତ କରୁଥିବା ବେଳେ ସେଥିରେ କିଛି ସଜଭାତ ବାଟି ଦିଅନ୍ତୁ ପିଠା ନରମ ହେବ।

■ସିଝା ଅଣ୍ଡା କିଛି ସମୟ ଗରମ ପାଣିରେ ରଖିଦେଲେ ଶୀଘ୍ର ଛଡ଼ାଇ ହୋଇଯାଏ ।

■ଅଣ୍ଡା ଯଦି ଫାଟି ଯାଇଥାଏ, ପାଣିରେ ୧ଚାମଚ ଭିନେଗାର ମିଶାଇ ଅଣ୍ଡା ସିଝାନ୍ତୁ । ଏହାର ତରଳ ଅଂଶ ବାହାରିବ ନାହିଁ।

■ରୁଟି ପାତ୍ରରେ କେତୋଟି ଅଦାକଟା ରଖିଲେ ରୁଟି ସତେଜ ଏବଂ ନରମ ରହିପାରେ ।

■ପକୁଡ଼ି କୁଡ଼ମୁଡ଼ିଆ କରିବା ଲାଗି ବେସନରେ ଅଳ୍ପ କର୍ଣ୍ଣଫ୍ଲୋର ନଚେତ୍ ଚାଉଳ ଚୁନାର ମିଶାଇ ଦିଅନ୍ତୁ ।

■କଲରାର ପିତା କମାଇବା ପାଇଁ ଏହାକୁ କାଟିବା ପରେ ଲୁଣରେ ଗୋଳାଇ ଅଧଘଣ୍ଟା ରଖିଦେବେ ।

■ସବୁଜ ପତ୍ରର ପରିବା ପ୍ଲାଷ୍ଟିକ ପାତ୍ରରେ ରଖିଲେ ଶୀଘ୍ର ଖରାପ ହୋଇଯାଏ ।

■ପିଆଜ କାଟିବା ପୂର୍ବରୁ ଏହାକୁ ଦୁଇଫାଳ କରି କିଛି ସମୟ ପାଣିରେ ରଖି ଦିଅନ୍ତୁ । ପରେ କାଟିଲେ ଆଖି ପୋଡ଼ିବ ନାହିଁ ।

■ଆଳୁ ଏବଂ ପିଆଜ ଏକାଠି ରଖନ୍ତୁ ନାହିଁ । ଏପରି ହେଲେ ଆଳୁ ଶୀଘ୍ର ନଷ୍ଟ ହୋଇଯାଏ । ଏହାପରେ ଡିପ୍ ଫ୍ରାଏ କଲେ ଆଳୁ ଚିପ୍‌ସ ଭଲ ହୋଇଥାଏ ।

# ଘର ଉପରେ ରହିବ ମା' ଲକ୍ଷ୍ମୀଙ୍କ କୃପା, ଯଦି ଏହି ଜିନିଷକୁ କହିଦେବେ ବାଏ ବାଏ

ଘର ସବୁବେଳେ ଧନଧାନ୍ୟରେ ପରିପୂର୍ଣ୍ଣ ହୋଇଥାଉ । ଘର ଉପରେ ମା' ଲକ୍ଷ୍ମୀଙ୍କ କୃପା ଦୃଷ୍ଟି ଲାଗି ରହିଥାଉ ବୋଲି ସମସ୍ତେ ମନେ ମନେ ଇଚ୍ଛା କରିଥାନ୍ତି। ଏଥିପାଇଁ ଯଥାସାଧ୍ୟ ଉଦ୍ୟମ ସହ ମା' ଲକ୍ଷ୍ମୀଙ୍କ ଆରାଧାନା କରିବାକୁ ମଧ ଭୁଲି ନ ଥାନ୍ତି । ତଥାପି ବେଳେବେଳେ ଏପରି ସ୍ଥିତି ଉପୁଜେ ପାଖରେ ଅର୍ଥର ଘୋର ଅଭାବ ପଡ଼ିଯାଏ। ହେଲେ ଜାଣିଛନ୍ତି ଏହାର କାରଣ କ'ଣ ହୋଇପାରେ। ବେଳେବେଳେ ଆମେ ଅଜାଣତରେ ଘରେ ଏପରି କିଛି ଅଶୁଭ ଜିନିଷ ରଖିଥାଉ, ଯାହାଦ୍ୱାରା ଘରେ ମା' ଲକ୍ଷ୍ମୀଙ୍କ ବାସ ହୁଏ ନାହିଁ ବୋଲି ବିଶ୍ୱାସ ରହିଛି। ତେଣୁ ଆଜି ଜାଣିବା ଘରେ ରଖିଥିବା କେଉଁ ଜିନିଷକୁ ବାହାର ରାସ୍ତା ଦେଖାଇବା ସହ ବାଏ ବାଏ କଲେ ଆମ ଘର ସୁଖ ସମୃଦ୍ଧିରେ ହସି ଉଠିବ । -

ଘରେ ବନ୍ଦ ହୋଇଯାଇଥିବା ଘଣ୍ଟାର କୌଣସି ସ୍ଥାନ ନାହିଁ। ଘରର କାନ୍ଥ କିମ୍ବା ହାତରେ ବି ତାହାକୁ ପିନ୍ଧିବା କଥା ନୁହେଁ।

♦ଘଣ୍ଟାକୁ ସୁଖ, ସମୃଦ୍ଧିର ପ୍ରତୀକ ବୋଲି ବିବେଚନା କରାଯାଏ। ହେଲେ ଯଦି ଆପଣଙ୍କ ଘରେ ବନ୍ଦ ହୋଇଯାଇଥିବା କିମ୍ବା ଭାଙ୍ଗି ଯାଇଥିବା ଘଣ୍ଟା ଅଛି, ତେବେ ତୁରନ୍ତ ତାହାକୁ ଘରୁ ବାହାର କରି ଫୋପାଡ଼ି ଦିଅନ୍ତୁ। ବେଳେବେଳେ



ଘର କାନ୍ଥରେ ଝୁଲୁଥିବା କାନ୍ଥ ଘଣ୍ଟାଟି ଖରାପ ହୋଇ ଯାଇଥିବା





ସତ୍ତ୍ୱେ ତା' ଉପରକୁ କାହା ନଜର ଯାଇ ନ ଥାଏ। ହେଲେ ଜାଣି ରଖନ୍ତୁ, ବନ୍ଦ ହୋଇଯାଇଥିବା ଘଣ୍ଟାର ଘରେ କୌଣସି ସ୍ଥାନ ନାହିଁ। ଘରର କାନ୍ଥରେ ତାହାକୁ ଲଗାଇବା ଉଚିତ ନୁହେଁ, ଏପରିକି ହାତ ଘଣ୍ଟାରେ ଏପରି ସମସ୍ୟା ଦେଖାଦେଲେ ଠିକ୍ ନ କରିବା ପର୍ଯ୍ୟନ୍ତ ତାହାକୁ ପିନ୍ଧନ୍ତୁ ନାହିଁ। ତୁରନ୍ତ ତାହାକୁ ଘରୁ ବାହାର କରି ଫୋପାଡ଼ି ଦିଅନ୍ତୁ।

♦ଘରେ କେବେ ବି ଭଗବାନଙ୍କ ଭଙ୍ଗା ମୂର୍ତ୍ତି ରଖିବା ଉଚିତ ନୁହେଁ। ଏପରି ମୂର୍ତ୍ତି ଘରକୁ ଦୁର୍ଭାଗ୍ୟକୁ ଡାକି ଆଣିଥାଏ। ତେଣୁ ଘରେ ଭଗ୍ନ ଅବସ୍ଥାରେ ଥିବା ମୂର୍ତ୍ତିକୁ ତୁରନ୍ତ ବିସର୍ଜନ କରି ତାହା ସ୍ଥାନରେ ନୂଆ ମୂର୍ତ୍ତି ସ୍ଥାପିତ କରନ୍ତୁ।

♦ ଘରେ କେବେ ବି ଭଙ୍ଗା କାଠ ଜିନିଷ ରଖନ୍ତୁ ନାହିଁ। ତୁରନ୍ତ ଏହାକୁ କବାଡିବାଲାକୁ ବିକ୍ରି କରି ଦିଅନ୍ତୁ। ଘରେ କେବେ ବି ଭାଙ୍ଗି ଯାଇଥିବା ଚେୟାର, ଟେବୁଲ ପରି ଜିନିଷ ରଖନ୍ତୁ ନାହିଁ। ଆପଣଙ୍କ ଭାଗ୍ୟ ଉପରେ ଏହାର ନକରାତ୍ମକ ପ୍ରଭାବ ପଡ଼ିପାରେ।

♦ଭାଙ୍ଗି ଯାଇଥିବା କାଚ ସାମଗ୍ରୀ ପାଇଁ ବି ଘରେ କୌଣସି ସ୍ଥାନ ରଖନ୍ତୁ ନାହିଁ। ଘରେ ଥିବା ମିରର, ଝରକା କାଚ କିମ୍ବା କାଚ ବଲ୍ ଭାଙ୍ଗି ଯାଇଥିଲେ ତାକୁ ତୁରନ୍ତ ଘରୁ ବାହାର କରି ଦିଅନ୍ତୁ। ଏହା ଘର ଉପରେ ନକରାତ୍ମକ ପ୍ରଭାବ ପକାଇଥାଏ।

♦ ରୋଷେଇ ଘରେ କେବେ କି ଭାଙ୍ଗି ଯାଇଥିବା କିମ୍ବା ଚାପି ହୋଇ ଆକାର ପରିବର୍ତ୍ତନ ହୋଇ ଯାଇଥିବା ବାସନ ରଖନ୍ତୁ ନାହିଁ। ଏହାକୁ ଅଶୁଭ ବୋଲି ବିବେଚନା କରାଯାଏ। ତେଣୁ ତୁରନ୍ତ ଏହାକୁ ଘରୁ ବାହାର କରି ନୂଆ ବାସନ ରଖନ୍ତୁ ।

♦ ଏପରିକି ଘରେ ଥିବା ଛିଣ୍ଡା ତଥା ପୁରୁଣା ଚପଲକୁ ବି ବାହାର ରାସ୍ତା ଦେଖାଇ ଦିଅନ୍ତୁ। ଏହା ଘରକୁ ଦୁର୍ଭାଗ୍ୟ ଡାକି ଆଣି ଦେଇଥାଏ।

# ଥଣ୍ଡା, ଛିଙ୍କରୁ ରକ୍ଷା ପାଇବାର ଘରୋଇ ଉପଚାର



ଶୀତଦିନେ ପିଲାଠାରୁ ବଡ଼ ସମସ୍ତେ ଥଣ୍ଡା ରୋଗରେ ଆକ୍ରାନ୍ତ ହୁଅନ୍ତି । ଏ ବାବଦରେ ସଚେତନ ରହିବା ସତ୍ତ୍ୱେ ଥଣ୍ଡା ସଂକ୍ରମଣରୁ ରକ୍ଷା ପାଇବା ଏତେ ସହଜ ହୋଇନଥାଏ । ତେବେ ଔଷଧ ଖାଇବା ପୂର୍ବରୁ କୋଟୋଟି ଘରୋଇ ଉପଚାର କରିନେବା ଭଲ ।

ସକାଳୁ ନାକ ବନ୍ଦ ହୋଇ ବାରମ୍ବାର ଛିଙ୍କ ହେଉଥିଲେ, ପ୍ରଥମେ ମିଶ୍ରି, ଅଦା ତେଜପତ୍ର ଫୁଟା ଉଷୁମ ପାଣି ପିଇନ୍ତୁ । ପରେ ଜଳଖିଆ ଖାଇବା ଉଚିତ । ଏହି ଉଷୁମ ପାଣି ଶରୀରର ରୋଗପ୍ରତିରୋଧକ ଶକ୍ତି ବଢ଼ାଇବା ସହ ଥଣ୍ଡାରୁ ରକ୍ଷା କରେ ।

ମହୁ, ଆୟୁର୍ବେଦରେ ମହୁକୁ ଅମୃତ ଭାବେ ବର୍ଣ୍ଣନା କରାଯାଇଛି । ଶୁଦ୍ଧ ମହୁ ପିଲାଙ୍କୁ ଖୁଆଇବା ଖୁବ୍ ହିତକାରୀ। ଅନ୍ୟପାଖେ ଶୀତଦିନେ ରାତିବେଳା ଭୋଜନ ପରେ ୧ ଗିଲାସ ନଖ ଉଷୁମ ଖିରରେ ୧ଚାମଚ ଶୁଦ୍ଧ ମହୁ ମିଶାଇ ପିଇଲେ ତାହା ଥଣ୍ଡାରୁ ରକ୍ଷା କରେ । ଯୁବବର୍ଗ ଓ ବୟସ୍କ ନିୟମିତ ଭାବେ ଏଇ ପାନୀୟ ପିଇଲେ ହଜମ ଶକ୍ତି ମଧ ଭଲ ଭାବେ ହୁଏ । ପ୍ରାୟ ୫ହଜାର ବର୍ଷ ପୂର୍ବେ ହିଁ ଅଁଳାର ବ୍ୟବହାର ହୋଇଥିବାର ବିଶେଷଜ୍ଞ ଦଳ ପ୍ରକାଶ କରିଛନ୍ତି । ଥଣ୍ଡା, ଛିଙ୍କ କବଳରୁ ରକ୍ଷା ପାଇବାକୁ ଚାହୁଁଥିଲେ ସକାଳ ଓ ସନ୍ଧ୍ୟାରେ ଅଁଳା ଫଳ ଖାଆନ୍ତୁ । ନଚେତ ଅଁଳା ଗୁଣ୍ଡ ମଧ ନଖ ଉଷୁମ ପାଣିରେ ଖାଇଲେ ତାହାର ଉତ୍ତମ ପ୍ରଭାବ ସ୍ୱାସ୍ଥ୍ୟ ଉପରେ ପଡ଼େ ।

# ମୁଣ୍ଡବ୍ୟଥାର କାରଣ

**ମୁଣ୍ଡବ୍ୟଥାକୁ ସମସ୍ତେ ଏକ ସାଧାରଣ ସମସ୍ୟା ଭାବୁଥିଲେ ମଧ୍ୟ ତାହା ପଛରେ ଲୁଚି ରହିଥାଏ ଅନେକ ଗମ୍ଭୀର କାରଣ। ଯାହା ଆଗକୁ ଯାଇ ସୃଷ୍ଟି କରିପାରେ ଏକ ଜଟିଳ ସମସ୍ୟା। ତେଣୁ ସମସ୍ତ ଥାଉଁ ଥାଉଁ ଏହାର କାରଣ ଜାଣିବା ସହ ସଠିକ୍ ଉପଚାର କରିବା ଅତ୍ୟନ୍ତ ଆବଶ୍ୟକ। ତେବେ ଆସନ୍ତୁ ଜାଣିବା ମୁଣ୍ଡବ୍ୟଥା ପଛରେ ଲୁଚି ରହିଥିବା ଛୋଟବଡ଼ କାରଣ ସମ୍ପର୍କରେ..।**

♦ଯଦି ବିନା କାରଣରେ ମୁଣ୍ଡବ୍ୟଥା ହେଉଥାଏ, ତେବେ ତାହା ବ୍ରେନ ଟ୍ୟୁମର ହେବାର ସଙ୍କେତ ହୋଇପାରେ।

♦ଉଚ୍ଚ ରକ୍ତଚାପ କାରଣରୁ ମୁଣ୍ଡବ୍ୟଥା ଓ ଛାତିର ଯନ୍ତ୍ରଣା ଆଦି ଅନୁଭବ ହୋଇଥାଏ। ସେଥିପାଇଁ ଅସହ୍ୟ ମୁଣ୍ଡବ୍ୟଥା ହେଲେ ତୁରନ୍ତ ରକ୍ତଚାପ ପରୀକ୍ଷା କରିବାର ଉଚିତ।

♦ହଠାତ୍ ମୁଣ୍ଡରେ ଅସହ୍ୟ ଯନ୍ତ୍ରଣା ଅନୁଭବ ହେବା ସହ ଯଦି ଶରୀରର ଗୋଟିଏ ପାର୍ଶ୍ୱ ସଠିକ୍ ଭାବେ କାର୍ଯ୍ୟ ନକରେ, ତେବେ ତାହା ଷ୍ଟ୍ରୋକର ସଙ୍କେତ ହୋଇପାରେ।

♦ଯଦି ଆପଣଙ୍କ ଠାରେ ମୁଣ୍ଡବ୍ୟଥା ଜନିତ ସମସ୍ୟା ଦେଖାଦେଇଥାଏ, ତେବେ ତାହା ଦୃଷ୍ଟିଶକ୍ତି ହ୍ରାସ ପାଇବାରେ ଲକ୍ଷଣ ହୋଇପାରେ।

♦ଅଧିକାଂଶ ସମୟ ଚିନ୍ତାଗ୍ରସ୍ତ ରହିବା ଯୋଗୁଁ ଶରୀରର ରକ୍ତ ସଞ୍ଚାଳନ ବଢ଼ି ଯାଇଥାଏ। ଏହାର ସିଧାସଳଖ ପ୍ରଭାବ ମସ୍ତିଷ୍କ ଉପରେ ପଡ଼ିବା ଯୋଗୁଁ ମଧ୍ୟ ମୁଣ୍ଡବ୍ୟଥା ହୋଇପାରେ।



# ବାସ୍ତୁ ଶାସ୍ତ୍ରରେ ଦୂର କରାନ୍ତୁ ନକାରାତ୍ମକ ଶକ୍ତି

ଆମ ପରମ୍ପରାରେ ବାସ୍ତୁଶାସ୍ତ୍ରକୁ ଯଥେଷ୍ଟ ମାତ୍ରାରେ ଗୁରୁତ୍ୱ ଦିଆଯାଉଛି । ଆଜିକାଲି ଅଧିକାଂଶ ଲୋକେ ବାସ୍ତୁଶାସ୍ତ୍ରର ନିୟମ ଅନୁସାରେ ଘର ତିଆରି କରୁଛନ୍ତି । ବାସ୍ତୁବିତ୍ ଦୀକ୍ଷା ରାଠିଙ୍କ ମତରେ କେତେକ ଦିଗ ପ୍ରତି ସାମାନ୍ୟ ଦୃଷ୍ଟି ଦେଲେ ଘରୁ ନକରାତ୍ମକ ଶକ୍ତି ଦୂର ହୋଇଯିବ । ଘରର ମୁଖ୍ୟ ଦ୍ୱାର ସଫାସୁତୁରା ରଖିବା ଉଚିତ ମୁଖ୍ୟ ଦୁଆର ଏଭଳି ଭାବରେ ବତୀ ଲଗାଯିବା ଦରକାର ଯେ ତାହା ଉଜ୍ଜ୍ୱଳ ଆଲୋକ ପ୍ରଦାନ କରୁଥିବା । ଏହି ବତୀ ଖରାପ ହେଲେ ତୁରନ୍ତ ପରିବର୍ତ୍ତନ କରିବା ଜରୁରୀ । ପ୍ରବେଶ ଦୁଆରରେ କାଠର କବାଟ ରହିଲେ ସକାରାତ୍ମକ ଶକ୍ତି ଉତ୍ପନ୍ନ ହୁଏ । ଏହା ସାମାନ୍ୟ ଉଚ୍ଚତାରେ ରହିଲେ ଅଧିକ ଭଲ ପ୍ରଭାବ ପକାଇଥାଏ । ମୁଖ୍ୟ ଦୁଆରର କାନ୍ଥରେ ଗଣେଶଙ୍କ ଷ୍ଟିକର କିମ୍ବା ଚିତ୍ରାଙ୍କନ କରିବା ପରିବାର ସଦସ୍ୟଙ୍କ ଉପରେ ଖୁବ୍ ଶୁଭଫଳ ପକାଇଥାଏ । ଅନ୍ୟ ଏକ କଥା ମଧ ଧ୍ୟାନପରେ ରଖିବା ଉଚିତ, ଘର ବାଲକୋନି କିମ୍ବା ଛାତ ଉପରେ ଫୁଲଗଛ ରଖିଥିଲେ, ଶୁଖିଲା ଫୁଲଗଛକୁ ଫିଙ୍ଗିଦିଅନ୍ତୁ । ଏହି କାରଣରୁ ମଧ ଘରେ ନକାରାତ୍ମକ ଶକ୍ତି ଉତ୍ପନ୍ନ ହୋଇଥାଏ ।



# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର

୩ ଜୁନ୍ ୨୦୨୨ , ଶୁକ୍ରବାର




## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ବହୁଜନ କଲ୍ୟାଣ ଲୋଡ଼ା...

ଦେଶ ତଥା ବିଶ୍ୱରେ କ୍ରମାଗତ ତିନିବର୍ଷ ଧରି କରୋନା ସଙ୍କଟ ଜାରି ରହିବା ଫଳରେ ସମଗ୍ର ବ୍ୟବସ୍ଥା ବିକଳ ବିକୃତ ରୂପ ନେଇସାରିଛି । ସର୍ବତ୍ର ଦେଖା ଦେଇଛି ମହାସଙ୍କଟ । ବିଶେଷକରି ଅର୍ଥନୀତି ଏଭଳି ବିକୃତ ହୋଇଯିବ, ତାହା କେହି ଘୁଣାକ୍ଷରେ କଳ୍ପନା ସୁଦ୍ଧା କରିନଥିଲେ । ଲୋକମାନଙ୍କ ଜୀବନ-ଜୀବିକା ବୁଡ଼ିଗଲ, ବୁଡ଼ାଇଦେଲା ଆର୍ଥିକ ମେରୁଦଣ୍ଡକୁ । ମାତ୍ର କେନ୍ଦ୍ର ସରକାର ବୈଶ୍ୱିକ ମହାମାରୀର ମୁକାବିଲା ପାଇଁ ଯଥାସାଧ୍ୟ ପ୍ରୟାସ କରି ପାଇଛନ୍ତି ସଫଳତା । ତାହାରି ଭିତରେ ଲହର ପରେ ଲହର କରୋନା ଭିନ୍ନ ରୂପ ଓ ଅବତାର ନେଇ ଓହ୍ଲାଇବା ଛାଡ଼ିନାହିଁ । ଥରେ ଦୁଇଥର ପ୍ରତିଷେଧକ ନେବାପରେ ଆବଶ୍ୟକ ପଡୁଛି ପ୍ରିକସନାରି ଟିକାକରଣ । ତାହା ସମ୍ଭାବ୍ୟ ସଙ୍କଟର ମୁକାବିଲା କରିବାରେ କେତେଦୂର ସକ୍ଷମ ହେଉଛି, ଦେଖିବାର କଥା । କରୋନା ଜନିତ ମହାସଙ୍କଟର ନଗଦ ପରିଣତି ହେଉଛି ମୁଦ୍ରାସ୍ଫୀତି । କୌଣସି ଭାବରେ ତାହା ଉପରେ କାହାରି ନିୟନ୍ତ୍ରଣ ରହି ନପାରିବାରୁ ବଡ଼ ଧରଣର ଦରବୃଦ୍ଧି ହୋଇଛି । ପନିପରିବାର ଅହେତୁକ ଦରବୃଦ୍ଧି ପଛରେ ମୁଖ୍ୟ କାରଣ ହେଉଛି: ଉତ୍ପାଦନ ଏଥର ଭଲ ହୋଇନାହିଁ, ତା ପଛକୁ ତୈଳ ଦରବୃଦ୍ଧି ଜନିତ ସମସ୍ୟା । ସପ୍ଲାଏ ଚେନ୍ ବିଭିନ୍ନ ପର୍ଯ୍ୟାୟରେ ବିଚ୍ଛିନ୍ନ ହୋଇଥିବାରୁ ଖାଇବା ତେଲଠାରୁ ଆରମ୍ଭ କରି ବିଭିନ୍ନ ସାମଗ୍ରୀର ହୋଇଛି ଅହେତୁକ ମୂଲ୍ୟ ବୃଦ୍ଧି । ଯଦି କ୍ରମାଗତ ଭାବେ ମୁଦ୍ରାସ୍ଫୀତି ଲାଗି ରହେ, ସାଧାରଣ ଜୀବନଯାତ୍ରା ଉପରେ ତାହାର ପ୍ରତିକୂଳ ପ୍ରଭାବ ଅବଶ୍ୟ ରହିବ । ଏଭଳି କେବେ ହୋଇନଥିଲା ଯେ ବିଲାତି ବାଇଗଣ କିଲୋକୁ ଶହେଟଙ୍କା ହୋଇଯିବ । ଖାଇବାତେଲ କିଲୋକୁ ଦୁଇଶହ ଟଙ୍କା ଛୁଇଁବା ସହିତ ଏଭଳି କୌଣସି ପରିବା ନାହିଁ, ଯାହାର କିଲୋ ପିଛା ଦାମ୍ ପଚାଶ-ଷାଠିଏ ହୋଇନଥିବ । ସରକାର ଏହା ଭିତରେ ଦରଦାମ ଉପରେ ନିୟନ୍ତ୍ରଣ ରଖିବା ଲକ୍ଷ୍ୟରେ କେତେକ ପଦକ୍ଷେପ ନେଇଛନ୍ତି । ମେ’ ମାସରେ ମୁଦ୍ରାସ୍ଫୀତି ସ୍ତର ଯେତିକି ରହିଛି, ସସରକାର ତାହା ଊଣା ହେବା ପାଇଁ ଅଧିକ ସମୟ ଲାଗିବ ବୋଲି ଆଶା ରଖିଛନ୍ତି । ଦେଶରେ ମେ’ ମାସରେ ଖୁଚୁରା ମୁଦ୍ରାସ୍ଫୀତି ହାର ୭% ରହିଥିବା ସ୍ଥଳେ ତାହା ଧୀରେ ଧୀରେ ଊଣା ହେବ ବୋଲି କୁହାଯାଉଛି । କେନ୍ଦ୍ରର ବଜେଟ୍‌ରେ ଗୃହୀତ ପଦକ୍ଷେପ ସକାଶେ ଜି.ଡି.ପି.ର ୬.୪%ରେ ସୀମିତ ରହିଥିବା ବେଳେ ଆସନ୍ତା କିଛିଦିନ ଭିତରେ ତାହା ଊଣା ହେବାର ଆଶା ରହିଛି । ଏପ୍ରିଲ୍‌ରେ ଆଠ ବର୍ଷରେ ସର୍ବାଧିକ ୭.୮%ରେ ପହଞ୍ଚି ଯାଇଥିଲା ମୁଦ୍ରାସ୍ଫୀତି ହାର । ବିଶିଷ୍ଟ ଅର୍ଥଶାସ୍ତ୍ରୀ ସୌମ୍ୟକାନ୍ତି ଘୋଷଙ୍କ ରିପୋର୍ଟ କହୁଛି: ଉପସ୍ଥିତ ସ୍ଥିତିରେ ୨୦୨୨-୨୩ ଆର୍ଥିକ ବର୍ଷରେ ଖାଉଟି ମୁଲ୍ୟସୂଚି ଆଧାରିତ ମୁଦ୍ରାସ୍ଫିତି ୬.୫%ରୁ ୬.୭% ଭିତରେ ରହିବ । ଯଦି ସରକାରୀ ପ୍ରୟାସ କ୍ରମେ କେନ୍ଦ୍ର ପକ୍ଷରୁ ୬୬.୦୦୦କୋଟି ରାଜକୋଷରୁ ବିନିଯୋଗ ଲାଗି ପ୍ରଦାନ କରାଯିବାର ପ୍ରାବଧାନ ହୁଏ, ସେଥିରୁ ଅବଶ୍ୟ ସୁଫଳ ମିଳିବାର ଆଶା କରିହେବ । ସମସ୍ତ ଦିଗରୁ ବିଚାର କରି ସରକାର ସାର ଉପରେ ସବ୍‌ସିଡି ବଢ଼ାଇ ଦେଇଛନ୍ତି ୧.୧ ଲକ୍ଷ କୋଟି । ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ଅଧୀନରେ ହିତାଧିକାରୀଙ୍କୁ ସିଲିଣ୍ଡର ପିଛା ୨୦୦ଟଙ୍କା ପ୍ରଦାନର ବ୍ୟବସ୍ଥା ଘୋଷଣା କରାଯାଇଛି । ପାଇକାରୀ ଖାଇବା ତେଲ ଉପରେ ଘୋଷିତ ରିହାତି ଯୋଗୁଁ ଖାଇଟିମାନେ ଲାଭ ପାଇବେ ବୋଲି କୁହାଯାଉଛି । ସବୁ କଥା ଭଳି ଘୋଷଣାର କାର୍ଯ୍ୟକାରିତା କିଭଳି ହେଉଛି, ତାହା ସମସ୍ତେ ଜାଣନ୍ତି । ମୁନାଫାଖୋର ତଥା ସରକାରୀ ଘୋଷଣାକୁ ମାନୁ ନଥିବା ବ୍ୟବସାୟୀଙ୍କ ଆଚରଣ ଓ ଉଚ୍ଚାରଣ ସବୁବେଳେ ଅଲଗା । ତାହା ଲୁଚାଛପାରେ କିଭଳି ଚାଲେ ଓ ସାଧାରଣ ଖାଉଟି କିଭଳି ହନ୍ତସନ୍ତ ତାହା କାହାକୁ ଅଜଣା ? ସରକାର ସାମଗ୍ରିକ ହିସାବରେ ଅଢ଼େଇ ଲକ୍ଷ କୋଟିର ସବ୍‌ସିଡି ଘୋଷଣା କରିଛନ୍ତି । ମାତ୍ର ତାହାର ସଠିକ୍ ଉପଯୋଗ ଦିଗରେ ପଦକ୍ଷେପ ଜରିଆରେ ଆମକୁ ଖାଉଟି ସଚେତନତା ସୃଷ୍ଟି କରିବାକୁ ହୋଇପାରେ । ଖାଉଟି ମାନଙ୍କ ଭିତରେ ଉପସ୍ଥିତ ସମୟରେ ଦେଖାଯାଉଛି ଯେ, ସେମାନେ ହୁଏତ ଗହମ-ଚାଉଳ ମହଜୁଦ ରଖି ଫଟକା ବଜାର ସୃଷ୍ଟି କରୁଛନ୍ତି ନତୁବା ଫଟକା ବଜାର ତିଆରି କରିବାରେ ଅସାଧୁ ବେପାରୀଙ୍କ ହାତ ବାରିସି ସାଜୁଛନ୍ତତି । ସୁତରାଂ ସରକାରୀ ସବ୍‌ସିଡି ରହିଯାଉଛି ଘୋଷଣାରେ । ରାଜ୍ୟ ହୁଅନ୍ତୁ କିମ୍ବା କେନ୍ଦ୍ର ସରକାର, ସେମାନଙ୍କ ତଦାରଖ ବ୍ୟବସ୍ଥାକୁ ଅଧିକ ତୀକ୍ଷଣ କରାଯିବାର ଆବଶ୍ୟକତା ରହିଛି । ଅନ୍ୟଥା ଯେତେ ଚେଷ୍ଟା କଲେ ସୁଦ୍ଧା ତାହା ବହୁଜନ କଲ୍ୟାଣରେ ଲାଗି ପାରିବ ନାହିଁ ।

## ସାଇକେଲ ଚଲାଇ ସୁସ୍ଥ ରହିବା

ବୈଷ୍ଣବ ମେହେର



ଭାରତ ଖଣିଜ ତୈଳ ପାଇଁ ଅନ୍ୟ ଦେଶ ମାନଙ୍କ ଉପରେ ନିର୍ଭର କରୁଥିବାରୁ ଆମେ ଯଥା ସମ୍ଭବ ଖଣିଜ ତୈଳର କମ ବ୍ୟବହାର କରିବାକୁ ସ୍ୱତଃ ସଚେତନ ହେବା ଆବଶ୍ୟକ । ଅଯଥା ଖଣିଜ ଦ୍ରବ୍ୟକୁ ଖର୍ଚ୍ଚ ହେବାକୁ ନ ଦେବା କେବଳ ସୁନାଗରିକର କର୍ତ୍ତବ୍ୟ ନୁହେଁ ବରଂ ଏହା ଆମ ସାମାଜିକ ଦାୟିତ୍ୱ ମଧ୍ୟ । ଛୋଟଛୋଟ କାମରେ ଘରୁ ବାହାରକୁ ଗଲାବେଳେ ବାଇକ କି ଅନ୍ୟଇଞ୍ଜିନ ଗାଡ଼ିରେ ନ ଯାଇ ଯଦି ସାଇକେଲର ବ୍ୟବହାର କରିବା ତେବେ ଏହା ସମଗ୍ର ମାନବତା ପାଇଁ ବହୁବିଧ ଉପକାର ସାବ୍ୟସ୍ତ ହୋଇ ପାରିବ ।

ଆଜି ବିଶ୍ୱ ବାଇସାଇକେଲ ଦିବସରେ ସାଇକେଲକୁ ପୁଣି ଆଦରି ନେବାର ଅବସର ଆସିଛି । ସମାଜ ପାଇଁ ସାଇକେଲର ଆବଶ୍ୟକତା କେତେ ଥିଲା ଓ ବର୍ତ୍ତମାନର ବ୍ୟୟବହୁଳ ଏବଂ ଶ୍ୱାସରୁଦ୍ଧ ପ୍ରଦୂଷିତ ଜୀବନରେ ଏହି ସରଳ ଯାନ ସାଇକେଲର ଗୁରୁତ୍ୱ କେତେ, ତାହାର ନିରପେକ୍ଷ ତର୍ଜମା ଜରୁରି । ନୂତନ ପିଢ଼ିକୁ ସାଇକେଲର ଅବଦାନ ବିଷୟରେ ଅବଗତ କରିବା ସହ ସାଂପ୍ରତିକ ଆଡ଼ମ୍ବରପୂର୍ଣ୍ଣ ଯୁଗରେ ପୁଣିଥରେ ସାଇକେଲର ବ୍ୟବହାରକୁ ଜନାଭିମୁଖି କରିବା ପାଇଁ ୨୦୧୯ ଠାରୁ ଜୁନ ୩ କୁ ‘ବିଶ୍ୱ ବାଇସାଇକେଲ’ ଦିବସ ଭାବରେ ପାଳନ କରିବାକୁ ମିଳିତ ଜାତି ସଂଘର ସାଧାରଣ ପରିଷଦ ଅନୁମୋଦନ କରିଛନ୍ତି ।

ଓଡ଼ିଶାରେ ଆଗରୁ ସାଇକେଲକୁ ‘ଶୁନଗାଡ଼ି’ ବୋଲି କୁହାଯାଉଥିଲା । ସାଇକେଲର ସୃଷ୍ଟି କିନ୍ତୁ ଆରମ୍ଭରୁ ବିଭିନ୍ନ ଧରଣର ହୋଇଥିଲା । ୧୭୯୧ରେ ଫ୍ରାନ୍ସ ଦେଶର କୋମେଟ ମେଡ଼େ ତିଆରି କରିଥିବା ସାଇକେଲରେ ପେଡ଼ାଲ ନଥିଲା ଏବଂ ଏହାର ସିଟ ଉଚ୍ଚରେ ରହିଥିଲା । ଏହି ସାଇକେଲକୁ ଠେଲିଠେଲି ନେବାକୁ ପଡୁଥିଲା । ୧୮୧୭ରେ ଜର୍ମାନର ବେରୋନ କାର୍ଲବାନ ଡ୍ରେସ୍ ହେଣ୍ଡେଲ ଥିବା ସାଇକେଲ ନିର୍ମାଣ କରିଥିଲେ, ଯାହାର ନାମ ‘ଡ୍ରେସିନେ’ ରଖାଯାଇଥିଲା । ପୂର୍ବରୁ ସାଇକେଲ ପ୍ରାୟତଃ କାଠରେ ତିଆରି ହୋଇଥିବା ବେଳେ ୧୮୩୯ ରେ ସ୍କଟଲାଣ୍ଡର କ୍ରିକପ୍ୟାଟ୍ରିକ୍ ମ୍ୟାକମିଲାନ ଲୁହାର ବ୍ୟବହାର କରି ଆଗ ଚକରେ ପେଡ଼ାଲ ଲଗାଇ ଥିଲେ । ୧୮୪୫ ରେ ଫ୍ରାନ୍ସର ନିକୋଲାସ ସାଇକେଲରେ ପ୍ରଥମ କରି ବ୍ରେକ୍ ଲଗାଇବା ସହ ଚକକୁ ମଧ୍ୟ ଲୁହାରେ ତିଆରି କରିଥିଲେ। ୧୮୭୦ରେ ଆବିଷ୍କୃତ ସାଇକେଲର ଆଗଚକ ପଛଚକ ଅପେକ୍ଷା ବଡ଼ ଥିଲା । ୧୮୮୦ରେ ଇଂଲଣ୍ଡର ଜେମ୍ସ ଷ୍ଟେରଲା ‘ସୁରକ୍ଷିତ ବାଇସାଇକେଲ’ ନାମରେ ପୂର୍ବାପେକ୍ଷା ଏକ ବିକଶିତ ସାଇକେଲ ନିର୍ମାଣ କରିଥିଲେ । ଏହି ସାଇକେଲର ମଧ୍ୟ ଭାଗରେ ପେଡ଼ାଲ ଲାଗିଥିବା ବେଳେ ପ୍ରଥମ ଥର ପାଇଁ ଚେନ ଲଗାଯାଇଥିଲା । ୧୮୯୦ ପରବର୍ତ୍ତି ସମୟରୁ ସାଇକେଲରେ ବ୍ରେକ୍ ଆଦି ଲାଗିବା ପରେ ଏହା ଚଲାଇବା ପାଇଁ ସହଜ ହୋଇଥିଲା ।

ସାଇକେଲ କେବଳ ବ୍ୟକ୍ତିର ପରିବହନର ସାଧନ ନୁହେଁ ବରଂ ଉତ୍ତମ ସ୍ୱାସ୍ଥ୍ୟ ଏବଂ ସ୍ୱଚ୍ଛ ପରିବେଶର ସାଥି ମଧ୍ୟ ହୋଇଥାଏ । ଅଧିକନ୍ତୁ ସାଆକେଲ ଚଲାଇବା ଦ୍ୱାରା ତିନୋଟି ଗୁରୁତ୍ୱପୂର୍ଣ୍ଣ ବିଷୟ ଯାହା ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ ଆମ ଜୀବନକୁ ପ୍ରଭାବିତ କରିବ। ପ୍ରଥମ କଥା ତ ପ୍ରତ୍ୟହ ସାଇକେଲ ଚାଳନା ଦ୍ୱାରା ଉଭୟ ଶାରୀରିକ ଓ ମାନସିକ ଭାବରେ ଆମେ ସୁସ୍ଥ ରହିପାରିବା । ବ୍ରିଟିଶ ମେଡ଼ିକାଲ ଆସୋସିଏସନ୍ କହିବା ଅନୁଯାୟୀ ନିୟମିତ ସାଇକେଲ ଚଳାଇବା ଦ୍ୱାରା ୫୦ ପ୍ରତିଶତ ହୃଦରୋଗ ଆଶଙ୍କା କମିଯାଇଥାଏ । ମାଂସପେଶୀର ଶକ୍ତି ବୃଦ୍ଧି ଘଟିବା ସହ ଓଜନ କମାଇବାରେ ମଧ୍ୟ ସହାୟକ ହୁଏ । ସପ୍ତାହରେ ଅନ୍ତତଃ ଚାରିଦିନ ଦିନକୁ ଅଧଘଣ୍ଟା ଲେଖାଏଁ ସାଇକେଲ ଚଳାଇଲେ ପିଠି ଯଂତ୍ରଣା ଦୂର ହେବା ସହ ଏହା ମଧୁମେହ ରୋଗୀଙ୍କ ପାଇଁ ବ୍ୟାୟାମର ବିକଳ୍ପ ଭଳି କାର୍ଯ୍ୟ କରେ । ପୁନଶ୍ଚ ସାଇକ୍ଲିଂ ଦ୍ୱାରା ଶରୀରର ସମସ୍ତ ଅଙ୍ଗର ବ୍ୟାୟାମ ହେଉଥିବାରୁ ବ୍ୟକ୍ତିର ମାନସିକ ଚାପକୁ କମାଇବା ସହ ଶରୀରରେ ହାପି ହରମୋନର କ୍ଷରଣକୁ ପ୍ରେରିତ କରି ଏହା ବ୍ୟକ୍ତିକୁ ଖୁସି ରଖେ ବୋଲି ବିଶେଷଜ୍ଞ ମତ ଦିଅନ୍ତି । ଦ୍ୱିତୀୟରେ ସାଇକେଲ ଚଳାଇବା ଦ୍ୱାରା ପରିବେଶକୁ ଅନେକାଂଶରେ ପ୍ରଦୁଷଣ ମୁକ୍ତ ରଖିପାରିବା । ଗାଡ଼ିମଟରରୁ ନିର୍ଗତ ବିଷାକ୍ତ ଧୂଆଁଧୂଳି ଏବଂ ବିକଟାଳ ଶବ୍ଦ ଯୋଗୁଁ ବାୟୁମଣ୍ଡଳ ପ୍ରଦୁଷଣ ହେଉଛି। ଉକ୍ତ ପ୍ରଦୁଷିତ ବାୟୁକୁ ନିଶ୍ୱାସରେ ଗ୍ରହଣ କରି ଆମେ ଅନେକ ସାଂଘାତିକ ରୋଗର ଶୀକାର ହେଉଛୁ । ପୁଣି ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ଗ୍ୟାସ ବୃଦ୍ଧି ଯୋଗୁଁ ତାପମାତ୍ରା ବଢ଼ିବାରେ ଲାଗିଛି । ତେଣୁ ସାଇକେଲ ବ୍ୟବହାର କଲେ ଅନେକାଂଶରେ ପରିବେଶ ସୁରକ୍ଷିତ ରହିବ ଯାହା ଆମେ ଗତବର୍ଷ ଲକଡ଼ାଉନ୍ ସମୟରେ ଉପଲବଧ କରିଛୁ । ସାଇକେଲ ଚଳାଇବାର ତୃତୀୟ ଲାଭ ହେଉଛି ପ୍ରତିଦିନ ରାସ୍ତାରେ ସମସ୍ୟା ସୃଷ୍ଟି କରୁଥିବା ଟ୍ରାଫିକରୁ ନିସ୍ତାର ମିଳିବ । ଗାଡ଼ିମଟର ଯୋଗୁଁ ଦୁର୍ଘଟଣା ଘଟି ଯେଉଁ ମାତ୍ରାରେ ଧନଜୀବନର ହାନି ଘଟୁଛି, ଏହା ମଧ୍ୟ ଧିରେ ଧିରେ ନିୟନ୍ତ୍ରଣ ହୋଇଯିବ ।

ଭାରତୀୟଙ୍କ ଅପେକ୍ଷା ବିଦେଶୀ ମାନେ ଏବେ ସାଇକେଲ ପ୍ରତି ବେଶୀ ଆକୃଷ୍ଟ ଥିବା ଜଣାପଡ଼େ । ଡେନମାର୍କରେ ପ୍ରାୟ ୫୨% ଲୋକ ନିୟମିତ ସାଇକେଲ ଚଳାଇଥାନ୍ତି । ବେଲଜିୟମରେ ୪୮% ଲୋକ, ଜାପାନରେ ୫୮%, ଫିନଲାଣ୍ଡରେ ୭୮% ଲୋକ ସାଇକେଲ ଚଳାଉଥିବା ବେଳେ ଆମ ଦେଶରେ ମାତ୍ର ୧୦% ଲୋକ ସାଇକେଲର ଉପଯୋଗ କରିବା ଚିନ୍ତାର ବିଷୟ ନୁହେଁ କି ? ଅବଶ୍ୟ ଉକ୍ତ ଦେଶମାନଙ୍କରେ ସାଇକେଲ ଚାଳନାକୁ ସେଠାକାର ସରକାର ସ୍ୱତଂତ୍ର ଧ୍ୟାନ ଦେଉଛନ୍ତି । ସାଇକେଲ ଚଳାଇବା ପାଇଁ ସ୍ୱତଂତ୍ର ମାର୍ଗ ତିଆରି କରାଯାଇଛି । ଲୋକଙ୍କୁ ରିହାତି ଦରରେ ସାଇକେଲ ଯୋଗାଇ ଦିଆଯାଉଛି । କିନ୍ତୁ ନେଦରଲାଣ୍ଡର ସାଇକେଲ ଚାଳକଙ୍କୁ ସେଠାକାର ସରକାର ସ୍ୱତନ୍ତ୍ର ଉତ୍ସାହ ପ୍ରଦାନ କରୁଛନ୍ତି । ଏହା ବିଶ୍ୱର ଏମିତି ଗୋଟିଏ ଦେଶ ଯେଉଁଠି ସାଇକେଲରେ ଅଫିସ ଯାଉଥିବା କର୍ମଚାରୀଙ୍କୁ ଆର୍ଥିକ ପ୍ରୋତ୍ସାହନ ଦିଆଯାଉଛି । ସାଇକେଲରେ ଅଫିସ ଆସୁଥିବା କର୍ମଚାରୀଙ୍କୁ କିଲୋମିଟର ପ୍ରତି ୦.୨୨ ଡଲାର ଅର୍ଥାତ୍ ୧୬ ଟଙ୍କା ଦିଆଯାଉଛି । ଫଳରେ କର୍ମଚାରୀଙ୍କ ସାଇକେଲ ପ୍ରତି ଆଗ୍ରହ ବଢ଼ିବା ନିଶ୍ଚିତ । ନେଦରଲାଣ୍ଡର ବର୍ଲିନ ସହରରେ ୭୮% ସାଇକଲ ଯାତାୟାତ କରିବା ଉଲ୍ଲେଖନୀୟ । ସେହିଭଳି ୟୁରୋପର କେତେକ ଦେଶରେ ‘ସାଇକେଲ ଟୁ ୱାର୍କ ସ୍କିମ୍’ ଲାଗୁକରାଯାଇ ସେଠାରେ ମଧ୍ଯ ସାଇକଲ ବ୍ୟବହାରକୁ ପ୍ରାଧାନ୍ୟ ଦିଆଯାଉଛି ।

ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ମାଲେସିଆ ଅଧିକାର କରିବା ପାଇଁ ଜାପାନୀ ସୈନିକ ମାନେ ସାଇକେଲର ବ୍ୟବହାର କରିଥିବା କୁହାଯାଏ । କୋରିଆର ଓଖ୍ୱାନ୍ ୟୁନ୍ ନାମକ ବ୍ୟକ୍ତି ସାଇକେଲ ଚଲାଇ ନଅ ବର୍ଷ ମଧ୍ୟରେ ୧୯୨ ଟି ଦେଶକୁ ବୁଲିଥିଲେ । ଭାରତର ‘ସାଇକେଲ ଗାର୍ଲ’ ଭାବରେ ବିଶ୍ୱରେ ପରିଚିତ ଜ୍ୟୋତି ପାସଓ୍ୱାନ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ । ଗତବର୍ଷର ଲକଡ଼ାଉନ ପରେ ଅଟୋ ଚଲାଉଥିବା ଦିବ୍ୟାଙ୍ଗ ବାପାଙ୍କୁ ସାଇକେଲରେ ବସାଇ ମାତ୍ର ଆଠ ଦିନରେ ତେର ଶହ କିଲୋମିଟର ଅତିକ୍ରମ କରି ହରିୟାଣାର ଗୁଡ଼ଗ୍ରାମରୁ ବିହାର ଦରଭଙ୍ଗାକୁ ପହଂଚିଥିଲେ । ସେତେ ବେଳେ ଜ୍ୟୋତିଙ୍କ ସାଇକେଲ ଚାଳନାକୁ ସାରା ବିଶ୍ୱ ପ୍ରଶଂସା କରିଥିଲା ।

ମହାମାରୀ କରୋନା ଏବଂ ତତଜନିତ ଲକଡ଼ାଉନ ଅନେକାଂଶରେ ଲୋକଙ୍କୁ ପୁଣି ସାଇକେଲ ପ୍ରତି ଆକୃଷ୍ଟ କରିଛି । ସାଇକେଲ ପ୍ରତି ଏହି ଆକର୍ଷଣକୁ ଆମକୁ ବଜାୟ ରଖିବାକୁ ହେବ । ଉତ୍ତମ ସ୍ୱାସ୍ଥ୍ୟ, ସୁସ୍ଥ ପରିବେଶ ଏବଂ ସ୍ୱଚ୍ଛ ବାତାବରଣ ନିମନ୍ତେ ସାଇକେଲର ଭୂମିକାକୁ ଅଣଦେଖା ନ କଲେ ମାନବ ସମାଜ ପାଇଁ ମଙ୍ଗଳକାରୀ ହେବ।

♥ ଶିକ୍ଷକ
ସିନାପାଲି,ନୂଆପଡ଼ା

## ଉତ୍କଳୀୟ ପରମ୍ପରାରେ ଅଷ୍ଟଶମ୍ଭୁ ଓ ଅଷ୍ଟଚଣ୍ଡୀ



ଭାଗିରଥୀ ସ୍ୱାଇଁ

କୋଣାର୍କ କ୍ଷେତ୍ର ଦକ୍ଷିଣରେ ଲିଆଖିଆ ମୁହାଣରୁ ଆରମ୍ଭ କରି ଉତ୍ତରରେ କାଦୁଆ ନଦୀ କୂଳ ପର୍ଯ୍ୟନ୍ତ ଏହି କ୍ଷେତ୍ର ପରିବ୍ୟାପ୍ତ ହୋଇଥିଲା। ଏହି ସ୍ଥାନରେ ଦେବାଦେବୀମାନେ କ୍ଷେତ୍ରପାଳ ସ୍ୱରୂପ ସ୍ଥାପିତ ହୋଇଥିଲା। ପ୍ରାଚୀ ମାହାତ୍ମ୍ୟରେ ପ୍ରାଚୀ ନଦୀ କୂଳରେ ଅସଂଖ୍ୟ ଦେବାଦେବୀ ପ୍ରତିଷ୍ଠିତ ହୋଇଥିବାର ଉଲ୍ଲେଖ ରହିଛି। ସେମାନଙ୍କ ମଧ୍ୟରୁ ଅଷ୍ଟଶମ୍ଭୁ ଓ ଅଷ୍ଟଚଣ୍ଡୀ ଅନ୍ୟତମ। ଏହି ସମୟରେ କ୍ଷେତ୍ରର ରକ୍ଷକ ଭାବେ ଅଷ୍ଟଶମ୍ଭୁ ମୂର୍ତ୍ତି ସ୍ଥାପନ କରାଯାଇଥିବାର ପ୍ରାଚୀ ମାହାତ୍ମ୍ୟରେ ଉଲ୍ଲେଖ ରହିଛି। ଏହି ଅଷ୍ଟଶମ୍ଭୁ ମାନଙ୍କ ମଧ୍ୟରେ ରାମେଶ୍ୱର, ଚିତ୍ରେଶ୍ୱର,ମଙ୍ଗୁଳେଶ୍ୱର, ଐଶାନେଶ୍ୱର, ମୁକ୍ତେଶ୍ୱର, ତ୍ରିବେଣୀଶ୍ୱର, ଉତ୍ପଳେଶ୍ୱର ଏବଂ ସୋବନେଶ୍ୱର ଅନ୍ୟତମ। ବର୍ତ୍ତମାନ କୁଶଭଦ୍ରା ନଦୀକୂଳର ଲିଆଖିଆ ମୁହାଣରେ ରାମେଶ୍ୱର ମହାଦେବ ଅବସ୍ଥାନ କରୁଛନ୍ତି। ଭଗବାନ ଶ୍ରୀ ରାମଚନ୍ଦ୍ରଙ୍କ ଲଙ୍କା ଅଭିଯାନ ସମୟରେ ରାମେଶ୍ୱର ମହାଦେବ ସ୍ଥାପିତ ହୋଇଥିବାର ଜଣାଯାଏ। ଗୋଲରାଗୋଡ଼ର ଯଦୁପୁର ନିକଟରେ ଥିବା କାଦୁଆ ନଦୀ କୂଳରେ ପ୍ରାୟ ତିନି ମାଇଲ୍ ଦୂରରେ ଚିତ୍ରେଶ୍ୱର ମହାଦେବ ଅବସ୍ଥାନ କରୁଅଛନ୍ତି। ଏହା ବର୍ତ୍ତମାନ ରକ୍ଷଣାବେକ୍ଷଣ ଅଭାବରୁ ଭଗ୍ନ ଅବସ୍ଥାରେ ପଡ଼ିରହିଥିବାବେଳେ ଏକ ପରିତ୍ୟକ୍ତ ଗୃହରେ ଅବସ୍ଥାନ କରୁଅଛନ୍ତି। କୋଣାର୍କ ସୂର୍ଯ୍ୟ ମନ୍ଦିରର ଦକ୍ଷିଣ ପାର୍ଶ୍ୱରେ ଥିବା ଅବଧୂତ ମଠର ପଛପାର୍ଶ୍ୱରେ ମଙ୍ଗୁଳେଶ୍ୱର ମହାଦେବ ଅବସ୍ଥାନ କରୁଅଛନ୍ତି। କୋଣାର୍କର ଐଶାନକୋଣରେ ଥିବାରୁ ନାମ ଐଶାନେଶ୍ୱର ହୋଇଅଛି। ଏହା କୋଣାର୍କର ଦୁଇ ମାଇଲ୍ ଉତ୍ତର ପୂର୍ବ ସନ୍ତପୁର ଗ୍ରାମରେ ପୂଜା ପାଉଅଛନ୍ତି। ମୁକ୍ତେଶ୍ୱର ମହାଦେବ ଚନ୍ଦ୍ରଭାଗା ସନ୍ନିକଟ ସମୁଦ୍ର କୂଳରେ ଅବସ୍ଥାନ କରୁଥିବାର କିମ୍ବଦନ୍ତୀରୁ ସୂଚନା ମିଳେ । ପୌରାଣିକ ତଥ୍ୟ ଅନୁଯାୟୀ ମୁକ୍ତେଶ୍ୱର ଅବସ୍ଥାନ କରୁଥିବା ସମୁଦ୍ର କୂଳରେ ସମୁଦ୍ର ଲହଡ଼ା କୂଳ ଖାଇଯିବାରେ ସେ ଭାସି ଯାଇଥିଲେ ବୋଲି ଉଲ୍ଲେଖ ରହିଛି। ଭାସିଯିବା କଥା ଶୁଣି କେହି ସେଠାକୁ ଯାଇନଥିଲେ। ତାହାଙ୍କ ୨୪ ଦସ୍ତିରେ ୭ ବା ୮ ମାଣ ବାହେଲ ଜମି ବର୍ତ୍ତମାନ ମଧ ଅଛି। କୋଣାର୍କର ପ୍ରାୟ ୩ ମାଇଲ୍ ଉତ୍ତରରେ କାଦୁଆ ନଦୀ ଉପରେ ଅବସ୍ଥିତ ଅନସରା ବୋଲି ଏକ ଗ୍ରାମ ରହିଛି। ମୁକ୍ତେଶ୍ୱରଙ୍କ ପଣ୍ଡାମାନେ ସେହି ଗ୍ରାମରେ ଅବସ୍ଥାନ କରିବା ସହ ସମସ୍ତ ଜମି ଭୋଗ ଦଖଲ କରୁଥିବାର ପଣ୍ଡିତ ଐତିହାସିକ କୃପାସିନ୍ଧୁ ମିଶ୍ରଙ୍କ କୋଣାର୍କ ପୁସ୍ତକରେ ଉଲ୍ଲେଖ ରହିଛି। ତ୍ରିବେଣୀଶ୍ୱର ମହାଦେବ କୋଣାର୍କର ଉତ୍ତର ପଶ୍ଚିମ ପ୍ରାୟ ଅଧମାଇଲ୍ ଦୂରରେ ମାଧିପୁର ଗ୍ରାମରେ ପୂଜା ପାଉଅଛନ୍ତି। ଏହି ଗ୍ରାମର ସେବକମାନେ ମଧ କୋଣାର୍କ ବେଢ଼ା ମଧରେ ନବଗ୍ରହ ପାଟର ପୂଜା କରୁଅଛନ୍ତି। ଉତ୍ପଳେଶ୍ୱର କୋଣାର୍କ ନିକଟସ୍ଥ ଅନସରା ଗ୍ରାମ ନିକଟରେ ଉତ୍ପଳ ନାମରେ ଏକ କ୍ଷୁଦ୍ର ଗ୍ରାମ ଅଛି। ସେଠାରେ ଉତ୍ପଳେଶ୍ୱର ବର୍ତ୍ତମାନ ପୂଜା ପାଉଅଛନ୍ତି। ସୋବନେଶ୍ୱର ମହାଦେବ ଚନ୍ଦ୍ରଭାଗା ନିକଟରେ ସମୁଦ୍ର କୂଳରେ ଅବସ୍ଥାନ କରୁଥିଲେ। ବର୍ତ୍ତମାନ ତାଙ୍କର ଅସ୍ତିତ୍ୱ ନଥିବା ପଣ୍ଡିତ କୃପାସିନ୍ଧୁ ମିଶ୍ର କୋଣାର୍କ ପୁସ୍ତକରେ ଉଲ୍ଲେଖ କରିଅଛନ୍ତି। ଏହି ଅଷ୍ଟଶମ୍ଭୁ ମାନଙ୍କ ସମ୍ବନ୍ଧରେ ପ୍ରାଚୀ ମାହାତ୍ମ୍ୟରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି। ଅନୁରୂପ ଭାବେ ଏହି ସମୟରେ କ୍ଷେତ୍ରର ରକ୍ଷୟିତ୍ରୀ ସ୍ୱରୂପ ଅଷ୍ଟଚଣ୍ଡୀ ମୂର୍ତ୍ତି ସ୍ଥାପିତ ହୋଇଥିଲା। ଏମାନଙ୍କ ମଧରୁ ୭ଟି ଦେବୀଙ୍କର ନାମ ଉଲ୍ଲେଖ ରହିଛି। ଯଥା ଖାଲକୋଠି, ରାମଚଣ୍ଡୀ, ଭଗବତୀ, ରଦ୍ରାଣୀ, ଖିଲେଶ୍ୱରୀ, ଚର୍ଚ୍ଚିକା ଏବଂ ଚିତ୍ରେଶ୍ୱରୀ ଅନ୍ୟତମ। ଖାଲକୋଠୀ ରାମଚଣ୍ଡୀଙ୍କ ନିକଟରେ ଲିଆଖିଆ ମୁହାଣ ପାଖରେ ଖାଲକୋଟା ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ନାମରେ ପୂଜା ପାଉଅଛନ୍ତି। ରାମଚଣ୍ଡୀ ପ୍ରଥମେ କୋଣାର୍କ ସୂର୍ଯ୍ୟ ମନ୍ଦିର ବେଢ଼ାରେ ଅବସ୍ଥାନ କରୁଥିଲେ। ବର୍ତ୍ତମାନ କୁଶଭଦ୍ରା ନଦୀର ତିନି ମାଇଲ୍ ଦକ୍ଷିଣ ଲିଆଖିଆ ମୁହାଣ ନିକଟରେ ମା’ ରାମଚଣ୍ଡୀ ଅବସ୍ଥାନ କରୁଅଛନ୍ତି। ଭଗବତୀ କୋଣାର୍କ ଅଧିଷ୍ଠାତ୍ରୀ ଦେବୀ। ଅଷ୍ଟଚଣ୍ଡୀଙ୍କ ମଧରେ ସେ ଶ୍ରେଷ୍ଠା। ରଦ୍ରାଣୀ କୋଣାର୍କର ଦୁଇ ମାଇଲ୍ ଦକ୍ଷିଣ ପଶ୍ଚିମ କୋଣରେ ସୁତନ ବୋଲି ଏକ ଗ୍ରାମ ରହିଛି। ରଦ୍ରାଣୀ ବର୍ତ୍ତମାନ ସେହି ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ଭାବେ ପୂଜା ପାଉଅଛନ୍ତି। ଖିଲେଶ୍ୱରୀ ବର୍ତ୍ତମାନ ଖାଲକୋଠିଙ୍କ ସହିତ-ଖାଲକୋଟାପାଟଣା ଗ୍ରାମରେ ପୂଜା ପାଉଅଛନ୍ତି। ଚର୍ଚ୍ଚିକାଙ୍କ ବର୍ତ୍ତମାନ ନାମ ଚାଟକେୟୀ। କୋଣାର୍କର ଦୁଇ ତିନି ମାଇଲ୍ ଉତ୍ତର ପଶ୍ଚିମରେ ବେରୁହଁ ଗ୍ରାମରେ ପୂଜା ପାଉଅଛନ୍ତି। ଚିତ୍ରେଶ୍ୱରୀ ଚିତ୍ରେଶ୍ୱର ମହାଦେବଙ୍କ ନିକଟରେ ଯଦୁପୁର ଠାରେ ଅଧିଷ୍ଠିତ ଅଛନ୍ତି। ଅଷ୍ଟଚଣ୍ଡୀଙ୍କର ଉଲ୍ଲେଖ ଥିବା ସ୍ଥଳେ ୭ଟି ଚଣ୍ଡୀଙ୍କର ନାମ ରହିଛି। ପ୍ରାଚୀ ମାହାତ୍ମ୍ୟରେ ଉଲ୍ଲେଖ ରହିଛି ଯେ, ସୋଭନେଶ୍ୱରଙ୍କ ପଶ୍ଚିମରେ ‘ଚଣ୍ଡଘଣ୍ଟା’ ନାମରେ ମହାକାର୍ତ୍ତାୟିନୀ ଅଧିଷ୍ଠିତ ଥିଲେ। ତାହାଙ୍କ ଅଷ୍ଟମଚଣ୍ଡୀ ନାମରେ ପ୍ରାଚୀ ମାହାତ୍ମ୍ୟରେ ବର୍ଣ୍ଣନା କରାଯାଇଛି। ଏହିଭଳି ଭାବରେ ଉତ୍କଳୀୟ ପରମ୍ପରାରେ ଅଷ୍ଟଶମ୍ଭୁ ଅଷ୍ଟଚଣ୍ଡୀଙ୍କ ମାହାତ୍ମ୍ୟ ପ୍ରାଚୀନ କାଳରେ ଅତିବ ଗୌରାବମୟ ଅଧ୍ୟାୟ ସୃଷ୍ଟି କରିବା ସହ ପ୍ରାଚୀନ ଧାର୍ମୀୟ ପରମ୍ପରାକୁ ସୁଦୃଢ଼ କରିବାରେ ବିଶେଷ ସହାୟକ ହୋଇପାରିଥିଲା।

♥ମୋ-୯୪୩୮୦୪୦୮୭୧




## ବସନ୍ତ: ଆପଣାପଣର କବିତା

ପୁସ୍ତମ ଯୁଆଡ଼ି



ତମ ଆସିବା ଜାଣି
ପଳାଶ ବଣରେ ନିଆଁ ଲାଗିଲା
ଆମ୍ବ ବଉଳ କହଁର ଦେଲା
ମହୁଆ ନିଶାରେ ଚହଟିଗଲା ମହୁଲଫୁଲ
ନତୁବା, ଆମର ବା କୋଉ ସମ୍ପର୍କ ଯେ
ଆଞ୍ଜୁଳାଏ ପ୍ରେମ ଗଜୁରି ଯାଆନ୍ତା ?

ଯେବେ ପ୍ରେମରଙ୍ଗ ମତୁଆଲା କଲା
ତମ ଶ୍ରୀକୁ...
ମୁଁ ତ ଖତେଇ ହୋଇନି କେବେ ।

ଅବିର ବୋଳିଦେବା ଆଗରୁ
ଥରେ ରଙ୍ଗେଇ ଦେବ
କୃଷ୍ଣଚୁଡ଼ାର ପାଖୁଡ଼ାସବୁକୁ
କାଳେ ମୋ ଅଗଣାର
ବାଟ ଭୁଲିଯାଇପାର ।

ଏ ରଙ୍ଗ କଥା କହୁଛ ତ
ଛାଡ ହୋ,
ଏ ରଙ୍ଗ ପ୍ରେମର ନୁହେଁ
ଜୀବନ ଋତୁରେ ପାର୍ବଣର ବି ନୁହେଁ ,
ନିଜେ ନିଜକୁ ବୋଳିହୋଇ
ଖୁସି ହେବା ଛଡ଼ା
ଆଉ କିଛି ନୁହେଁ ।

ହୁଲକାଏ ଧୁକା ଧସେଇ ଆସିବା ଆଗରୁ
ତମେ ମୋ ଛାତିରେ ଘସିହେଲେ
କୋଉ ପୁରାଣ ଅଶୁଦ୍ଧ ହୋଇଯିବ ଯେ ?
ଫିସିଲିଯିବାକୁ ଏତେ ଡର କିଆଁ
ମୁଁ ପରା ସମ୍ଭାଳିନେବି
ତମ ପ୍ରିୟ ଚଇତାଳି ହେଇ ।

♥ଭୁତିବାହାଲ,
ଗାଇସିଲାଟ, ବରଗଡ଼
ମୋ-୬୩୭୧୪୧୯୩୩୪

## ସମର୍ପଣ

ପୁଷ୍ପାଞ୍ଜଳି ପଣ୍ଡା



ଚକ୍ଷୁ ଦ୍ୱୟରେ ମୋ ପ୍ରେମର କଜ୍ୱଳ ପିନ୍ଧିଅଛି ପ୍ରିୟବର
ଅଧରରେ ମୋର ରକ୍ତଜବାରଙ୍ଗ ମାଖିଛି ହେ ଚିତ୍ତଚୋର
ମନ ଉପବନେ ଫୁଲେଇଫଗୁଣ ଫୁଟାଇଛି ପ୍ରେମଫୁଲ
ଆଣିଅଛି ତୋଳି ପୂଜାର୍ଚ୍ଚନା କରି ସମର୍ପିବି ଆତ୍ମାମୋର ।
ତବ ରୂପକାନ୍ତି ଦେଖି ବଢେପ୍ରିତୀ ପ୍ରିତୀପଦ
ସ୍ନେହ ସ୍ୱର
କମନୀୟ ଆଭା ନିତ୍ୟ ମନଲୋଭା କରାଏ ସ୍ୱପ୍ନବିଭୋର
ଦୂର ନଭଶ୍ଚୁମ୍ବୀ ପୀତବର୍ଣ୍ଣ ରବି ସଙ୍ଗେ
ଗୋଧୁଳି ଲଗନ
ରୂପର ମାଧୁର୍ଯ୍ୟ କରେ ମନ୍ତ୍ରମୁଗ୍ଧ ପିପାସୁ
ପ୍ରିତି ଚୁମ୍ବନ ।
ନିଃଶବ୍ଦନିଶ୍ୱାସ ପ୍ରଗାଢ ଆଶ୍ଳେଷ ଲଭି
ଦେହର ଉତ୍ତାପ
ହେବ ପ୍ରଶମିତ ବିରହବିଚ୍ଛେଦ ନିଶିଥିନୀ
ଅସ୍ତମିତ
ସ୍ପନ୍ଦନର ଗତି ଡ଼ରାଉଛି ଛାତି ତୁମ ମୁହଁ ମନେପଡେ
ଅନ୍ତରେ ବାହାରେ ସବୁ ଭାବନାରେ ସାଥୀ ମୁଁ ଲାଜରେ ବୁଡେ ।
ଆଞ୍ଜୁଳାରେ ଭରି ହୃଦୟ ଗମ୍ଭୀରି ଇଛାର
କଦମ୍ବ ବନ
ପ୍ରିୟତମ ଆସ ହେଇଯାଉ ଶେଷ ଅପେକ୍ଷା ର ପାଦଚିହ୍ନ ।

♥ଷ୍ଟାଟିଷ୍ଟିକାଲ୍ ଅଫିସର
ଯାଜପୁର

## ଉତ୍ତପ୍ତ ବସୁଧା

ସୁଧାକର ରାଉତ



ମୃଦୁ ମନ୍ଦ ମଳୟର
ନିଦାଘର ବାସ୍ନା ।

ଆମ୍ବ ବଉଳ ତଳ ମୁହଁ।
ହୋଇ କାନ୍ଦୁଛି ଝାଞ୍ଜିରେ ।

କୋଇଲି ସ୍ୱର ନିରବି
ଯାଇଛି ଆଉ
ରହି ରହି ଶୁଭେ ତାର
ବିଷାଦ ଭରା କୋହତାନ ।

ତୋଟା କାହିଁ
ତା ଛାଇରେ ଟିକେ
ବଞ୍ଚିବାର ଆଶ୍ରା ଖୋଜିବାକୁ ।

ହର୍ଷଉତ୍ଫୁଲିତ ନବ ନିଶଳୟ
ମର୍ମାହତ ହୋଇ
ଝାଉଁଳି ପଡୁଛନ୍ତି
ଭାଗ୍ୟକୁ ଆଦରି ।

ତତଲା କଢେଇରେ
ନଦୀ,ନାଳ ପାଣିବି
ଫୁଟୁଛି ତୃଷାର୍ତ୍ତିକୁ
ନିରାଶ କରି ।

ଭାରାକ୍ରାନ୍ତ ହୃଦୟରେ
କାନ୍ଦୁଛି ମା ମାଟି ।
ତତଲା ଲୁହ ତା
ଦେହରେ ଶୁଖୁଛି ।

ଋତୁରାଜର ରାଜୁତିରେ
ଏକି ବିଦ୍ରୋହ
ଏକି ବିଡ଼ମ୍ବନା
ପ୍ରକୃତିର କ୍ରୋଧର
ପରିଣାମ ନା
ମନୁଷ୍ୟର କୃତ କର୍ମଫଳ ।

♥ପ୍ରତାପ ନଗରୀ ,କଟକ
ମୋ ୮୨୪୯୯୩୨୭୯୨

## ସମୟର ଚପଳତା

ଜୟନ୍ତୀ ନନ୍ଦ

ହେ ସମୟ.......!!!!
ତୁ’ ତ କେତେ’ ଯେ ନିର୍ଦ୍ଦୟ
ନାହିଁ ତୋ ଅପେକ୍ଷା ତୁ କି ନିରାମୟ
ବୁଝୁନାହୁଁ କା’ର ଦୁଃଖ କି ତାଡନା
ଦେଖୁନାହୁଁବି କା’ ସୁଖ ସମ୍ଭାବନା ।

ମରୁ ଉଦ୍ୟାନରେ ମୋ ପାଦ ଅଥୟ
ଆଖି ଥାଇ ଦୁର୍ବଳ ମୋ’ ଲୟ ।
ହେ ସମୟ ...........!!!
ତୁ’ରେ ଅସ୍ଥିର ଅଦ୍ଭୁତ
ଅକାରଣ ନୁହଁ ତୋର ଗତିପଥ

ନୀୟତି ସାଥିରେ ତୁତ ସହଭାଗୀ
ସୁଖ ଦୁଃଖରେ ତୁ ସତ୍ୟର ସମ୍ଭୋଗୀ ।

କାହା କାରଣରେ କରୁଣା ବିଳୟ
ଏ ଜିବନ ଲାଗେ କେତେଯେ ଅଥୟ ।

ଚାଲି ମୁଁ ପାରୁନି ତୋ ସାଥିରେ ଆଜି
ମୋ ଛାଇ ଡରାଏ ମୋତେ ତ ନିଇତି
ନୀଳ ଆକାଶଟା ଦିଶେ ଧୁମମୟ
ଅଟକି ଯା’ ତୁ ହୁଅନା ନିର୍ଦ୍ଦୟ
ନାହିଁ ତୋ ଅପେକ୍ଷା ତୁ କି ନିରାମୟ ।

♥ଗ୍ରା/ପୋ: ବୀର ଗୋବିନ୍ଦ ପୁର
ଭାୟା : ସାକ୍ଷୀଗୋପାଳ
ଜିଲ୍ଲା : ପୁରୀ
ମୋ:୬୩୭୧୩୯୭୦୩୩

# ‘କାନ୍ସ’ ଫିଲ୍ମ ଫେଷ୍ଟିଭାଲ: ଶେଷ ଦିନରେ ହୋସ୍ ଉଡ଼ାଇଲେ ଦୀପିକା




ହୋସ୍ ଉଡାଇଲେ ଡିମ୍ପଲ ବିୟୁଟି ଦୀପିକା। ଧଳା ଶାଢ଼ୀ ସାଙ୍ଗକୁ ବେକରେ ମୋତି ମାଳି। ରେଡ୍ କାର୍ପେଟ୍‌ରେ ରୟାଲ ଲୁକ୍‌ରେ ନଜର ଆସିଥିଲେ ବଲିଉଡର ମସ୍ତାନୀ। କାନ୍ସ ଫିଲ୍ମ ଫେଷ୍ଟିଭାଲର ଶେଷ ଦିନରେ ସମସ୍ତଙ୍କ ଉଡାଇଲେ ହୋସ। ତାଙ୍କ ଲୁକ୍, ତାଙ୍କ ଷ୍ଟାଇଲ୍ ଓ ତାଙ୍କ ଚାଲି କଲା ସମସ୍ତଙ୍କୁ ଘାଇଲା। ସେ ପାଲଟିଲେ ସେଣ୍ଟର ଅଫ୍ ଆଟ୍ରାକ୍‌ସନ୍।

କାନ୍ସ ଫିଲ୍ମ ଫେଷ୍ଟିଭାଲର ଶେଷ ଦିନରେ ଦୀପିକାଙ୍କ ନୂଆ ଲୁକ୍ ସାମ୍ନାକୁ ଆସିଛି। ଏଥିରେ ସେ ରୟାଲ୍ ଲୁକ୍‌ରେ ନଜର ଆସିଛନ୍ତି। ଯାହା ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଏହି ଫଟୋ ଗୁଡ଼ିକରେ ଦୀପିକା ଏକ ଧଳା ରଙ୍ଗର



ରଫଲ୍ ଶାଢୀରେ ଓ୍ୱେଷ୍ଟର୍ଣ୍ଣ ସାଙ୍ଗକୁ ଦେଶୀ ଲୁକ୍‌ରେ ନଜର ଆସିଛନ୍ତି। ଏହା ବ୍ୟତୀତ ଦୀପିକା ଧଳା ମୋତିର ଏକ ଭାରି ଗହଣା ପିନ୍ଧିଛନ୍ତି । ଏଥିପାଇଁ ତାଙ୍କ ଲୁକ ଏକ ରାଜକୀୟ ସ୍ପର୍ଶ ଦେଉଛି। ଲୋକମାନେ ଦୀପିକାଙ୍କ ଏହି ଲୁକକୁ ବହୁତ ପସନ୍ଦ କରୁଛନ୍ତି।

ଦୀପିକାଙ୍କ ଏହି ଆଉଟ୍‌ଫିଟ୍‌କୁ ପ୍ରସିଦ୍ଧ ଡିଜାଇନର ଅବୁ-ଜାନି-ସନ୍ଦୀପ୍ ଖୋସଲା ଡିଜାଇନ୍ ଦେଇଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ଦୀପିକାଙ୍କ ଇଣ୍ଡୋ-ଓ୍ୱେଷ୍ଟର୍ଣ୍ଣରୁ ଓ୍ୱେଷ୍ଟର୍ଣ୍ଣ-ଇଣ୍ଡୋ ପର୍ଯ୍ୟନ୍ତ ସମସ୍ତ ପ୍ରକାରର ଲୁକ୍ କାନ୍ସ ଫିଲ୍ମ ଫେଷ୍ଟିଭାଲରେ ଦେଖିବାକୁ ମିଳିଛି। କାନ୍ସ ଫିଲ୍ମ ଫେଷ୍ଟିଭାଲ-୨୦୨୨ରେ ବଲିଉଡର ଅନେକ ନାମିଦାମୀ ସେଲେବ୍ରିଟି ଭାଗ ନେଇଥିଲେ। ଚଳିତ ଥର ଏହି ଫିଲ୍ମ ଫେଷ୍ଟିଭାଲ୍‌ରେ ଜୁରୀ ସଦସ୍ୟ ହେବା ସୁଯୋଗ ପାଇଥିଲେ ଦୀପିକା। ତେବେ ଏଥିରେ ଭାଗ ନେଇଥିବା ସମସ୍ତ ଅଭିନେତ୍ରୀଙ୍କ ମଧ୍ୟରୁ ତାଙ୍କ ଷ୍ଟାଇଲ୍ ଥିଲା ପୁରା ଭିନ୍ନ। ସେ ନିଜ ଲୁକ୍ ଓ ଷ୍ଟାଲ୍ ଷ୍ଟେଟ୍‌ମେଣ୍ଟରେ ଲୋକଙ୍କ କରିଥିଲେ ଘାଏଲ। ସେ କାନ୍ସର ଏହି ରେଡ୍ କାର୍ପେଟ୍‌ରେ ଓ୍ୱେଷ୍ଟର୍ଣ୍ଣ ସହ ନିଜ ଦେଶୀ ଲୁକ୍‌କୁ ବଜାୟ ରଖି ଲୋକଙ୍କୁ ଓ୍ୱାହ୍...କହିବାକୁ ବାଧ କରିଦେଇଛନ୍ତି। ସମସ୍ତେ ତାଙ୍କ ପ୍ରଶଂସା ନକରି ରହିପାରୁ ନାହାନ୍ତି।

# ପ୍ରଥମ ଥର ଲାଗି ଏହି ଆଗଧାଡ଼ିର ନାୟକଙ୍କ ନାୟିକା ବନିଲେ ଏଲିନା



ଓଲିଉଡର ଲୋକପ୍ରିୟ ନାୟିକା ଏଲିନା ପ୍ରଥମ ଥର ଲାଗି ଜଣେ ଆଗଧାଡ଼ିର ନାୟକଙ୍କ ନାୟିକା ବନିଛନ୍ତି। ଆଗରୁ ତାଙ୍କୁ ଏହି ସୁଯୋଗ ମିଳିନଥିଲା। କିନ୍ତୁ ନିକଟରେ ଏହି ନାୟକଙ୍କ ସହ କାମ କରିବାର ସୁଯୋଗ ପାଇଛନ୍ତି ଏଲିନା। ଏଠାରେ ଯେଉଁ ନାୟକଙ୍କ କଥା କୁହାଯାଉଛି, ସେ ହେଲେ ଅମ୍ଲାନ।

ଯେଉଁ ସିନେମାରେ ପ୍ରଥମ ଥର ଲାଗି ଅମ୍ଲାନ ଓ ଏଲିନାଙ୍କୁ ଏକାଠି ଦେଖିବାକୁ ମିଳିବ, ତାର ଶୀର୍ଷକ ହେଲା ‘ପ୍ରିୟେ ତୁ ମୋ ସିଏ’। ଝିଲିକ୍ ମୋସନ୍ ପିକଚର୍ସ ବ୍ୟାନରରେ ନିର୍ମିତ ଏହି ଫିଲ୍ମର ପ୍ରଯାଜନା କରିଛନ୍ତି ଅଭିନେତ୍ରୀ ଝିଲିକ୍ ଭଟ୍ଟାଚାର୍ଯ୍ୟ। ଏଥିରେ ଭୂପତି ତ୍ରିପାଠୀ, ଈଶା ବେବର୍ତ୍ତା ଓ ବବି ମିଶ୍ର ପ୍ରମୁଖଙ୍କୁ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ। ସୁଧାଂଶୁ ମୋହନ ସାହୁ ଏହାର ନିର୍ଦ୍ଦେଶକ। ବୈଦ୍ୟନାଥ ଦାଶ ଏହାର ସଙ୍ଗୀତକାର। ଶରଣାରବିନ୍ଦ ଏହି ସିନେମାର ସଂଳାପକାର। ଫିଲ୍ମର ଶୁଭ ମହୁରତ କଟକଠାରେ ଅନୁଷ୍ଠିତ ହୋଇଯାଇଛି। ଏବେ ସୁଟିଂ ଆରମ୍ଭ ହେବ ବୋଲି ସୂଚନା ମିଳିଛି।

ଉଲ୍ଲେଖଯୋଗ୍ୟ, ଏଲିନାଳ ଇତିମଧ୍ୟରେ ଭିତରେ ଅରିନ୍ଦମ, ବାବୁସାନ୍, ଅନୁଭବ, ସବ୍ୟସାଚୀ, ଜ୍ୟୋତି ଓ ସ୍ୱରାଜ ପ୍ରମୁଖ ଜଣାଶୁଣା ନାୟକଙ୍କ ସହ କାମ କରିଛନ୍ତି ଏଲିନା। ଠିକ୍ ସେହିପରି ନବାଗତ ରଣବୀରଙ୍କ ସହ ଏଲିନା ‘ମୁଁ ଖାଣ୍ଟି ଓଡ଼ିଆ ଝିଅ’ ସିନେମାରେ ଦେଖା ଦେଇଥିଲେ। ନିରଞ୍ଜନ ରଣାଙ୍କ ପ୍ରଯୋଜିତ ତଥା ଏସ୍.କେ.ମୁରଲୀଧରନଙ୍କ ନିର୍ଦ୍ଦେଶିତ ଫିଲ୍ମ ‘ଟାର୍ଗେଟ୍’ରୁ କ୍ୟାରିଅର୍ ଆରମ୍ଭ କରିଥିବା ଅମ୍ଲାନ ଇତିମଧ୍ୟରେ ଝିଲିକ୍, ରୀୟା, ସନମୀରା ଓ ଅନୁଭାଙ୍କ ପରି ନାୟିକାଙ୍କ ପରଦାରେ ସାଥ୍ ପାଇଛନ୍ତି। ହେଲେ ପ୍ରଥମ ଥର ପାଇଁ ଏଲିନାଙ୍କ ସହ ‘ପ୍ରିୟେ ତୁ ମୋ ସିଏ’ ସିନେମାରେ ଅମ୍ଲାନ ନଜର ଆସିବେ।

ସୂଚନାଯୋଗ୍ୟ ୨୦୧୫ରେ ରିଲିଜ୍ ହୋଇଥିବା ‘ଇଶ୍କ ତୁ ହି ତୁ’ରୁ କ୍ୟାରିଅର୍ ଆରମ୍ଭ କରିଥିଲେ ଏଲିନା। ଏହାପରେ ସେ ‘ଜଗା ହାତରେ ପଘା’, ‘ଅଭୟ’, ‘ଲଭ୍ ଷ୍ଟେସନ୍’, ‘ମୁଁ ଖାଣ୍ଟି ଓଡ଼ିଆ ଝିଅ’, ‘ଝିଅଟା ବିଗିଡ଼ିଗଲା’, ‘ହାପି ଲକି’, ‘କାବୁଲା ବାରବୁଲା’, ‘ଫୋର ଇଡିଅଟ୍‌ସ’, ‘ଟୋକାଟା ଫସିଗଲା’, ‘ମାଲମାଟି ଜୀବନ ମହୁ’ ଆଦି ଓଡ଼ିଆ ସିନେମାରେ ନାୟିକା ଭାବେ ନଜର ଆସିଛନ୍ତି।

# ଇଭେଣ୍ଟ ପାଇଁ ବିବେକ ଅଗ୍ନିହୋତ୍ରୀଙ୍କୁ ଅତିଥି ଭାବେ ଡାକି ତାରିଖ ବଦଳାଇଲା ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ

ବ୍ରିଟେନରେ ହଟହଟା ହେଲେ ‘ଦ କଶ୍ମୀର ଫାଇଲ୍ସ’ର ନିର୍ଦ୍ଦେଶକ ବିବେକ ଅଗ୍ନିହୋତ୍ରୀ। ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟରେ ଆୟୋଜିତ ଏକ ଇଭେଣ୍ଟକୁ ତାଙ୍କୁ ଅତିଥି ଭାବେ ଡକାଯାଇଥିଲା। ହେଲେ ଇଭେଣ୍ଟ ଆରମ୍ଭ ହେବାର କିଛି ଘଣ୍ଟା ପୂର୍ବରୁ ବିବେକ ଅଗ୍ନିହୋତ୍ରୀ ଅତିଥି ହୋଇପାରିବେ ନାହିଁ ବୋଲି ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ ପକ୍ଷରୁ କୁହାଯାଇଥିଲା। ଏଭଳି ଅସମ୍ମାନିତ ହେବା ପରେ ଏବେ ଟ୍ୱିଟ କରି ଲୋକଙ୍କ ସମର୍ଥନ ମାଗିଛନ୍ତି ବିବେକ। ମୋତେ



ଇମେଲ ପଠାଯାଇ ଇଭେଣ୍ଟ ବିଷୟରେ କୁହାଯାଇଥିଲା। କିନ୍ତୁ କିଛି ଘଣ୍ଟା ପୂର୍ବରୁ ସେମାନେ କହିଥିଲେ ଯେ ସେମାନେ ଭୁଲ୍ କରିଛନ୍ତି, ଡବଲ୍ ବୁକିଂ ଅଛି ଏବଂ ସେମାନେ ଆଜି ମୋତେ ଅତିଥି ଭାବେ ନେବାକୁ ସମର୍ଥ ହେବେ ନାହିଁ। ମୋତେ ନପଚାରି ସେମାନେ ତାରିଖକୁ ଜୁଲାଇ ୧କୁ ବଦଳାଇ ଦେଇଛନ୍ତି। କାରଣ ସେହି ଦିନ କୌଣସି ଛାତ୍ରଛାତ୍ରୀ ବିଶ୍ୱବିଦ୍ୟାଳୟରେ ରହିବେ ନାହିଁ ଏବଂ ଏଭଳି ସ୍ଥିତିରେ ଇଭେଣ୍ଟ କରିବାର କୌଣସି ଅର୍ଥ ନାହିଁ। ହିନ୍ଦୁଫୋବିକ୍ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟରେ ଆଉ ଜଣେ ହିନ୍ଦୁଙ୍କ ସ୍ୱରକୁ ଚପାଇ ଦିଆଯାଇଛି। ଦୟାକରି ଏହି କଠିନ ଯୁଦ୍ଧରେ ମୋତେ ସମର୍ଥନ କରନ୍ତୁ।

# ଆସିଲା ରାୟ: ଜନି ଡେପ୍ ଖୁସ୍, ଅମ୍ବର ହର୍ଡଙ୍କୁ ଶକ୍ତ ଆଘାତ

ହଲିଉଡ଼ ଷ୍ଟାର ଜନି ଡେପ୍ ଏବଂ ତାଙ୍କ ପୂର୍ବତନ ପତ୍ନୀ ତଥା ଅଭିନେତ୍ରୀ ଅମ୍ବର ହର୍ଡଙ୍କ ମଧ୍ୟରେ ଚାଲିଥିବା ହାଇ ପ୍ରୋଫାଇଲ ମାନହାନି ମୋକଦ୍ଦମାର ରାୟ ପ୍ରକାଶ ପାଇଛି। ବୁଧବାର ଏକ ଖଣ୍ଡପୀଠ ଏହାର ଶୁଣାଣି କରି ଜନି ଡେପଙ୍କ ସପକ୍ଷରେ ରାୟ ଦେଇଛନ୍ତି। ଉଭୟ ପକ୍ଷର ଯୁକ୍ତି ଓ ପ୍ରମାଣ ଆଧାରେ ଖଣ୍ଡପୀଠ ରାୟ ଶୁଣାଇଥିବା ବେଳେ ଏଥିରେ ଜନିଙ୍କ ବିଜୟ ହୋଇଛି ଓ ନିରାଶ ହୋଇଛନ୍ତି ଅମ୍ବର । ଏହି ମାମଲାରେ କୋର୍ଟ ଅମ୍ବରଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୧୦ ମିଲିୟନ ଡଲାର କ୍ଷତିପୂରଣ ଏବଂ ୫ ମିଲିୟନ ଡଲାର ଆର୍ଥିକ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ଅମ୍ବରଙ୍କୁ ମଧ୍ୟ ୨ ନିୟୁତ ଡଲାର ମିଳିବା ଉଚିତ ବୋଲି କହିଛନ୍ତି କୋର୍ଟ । ଏହି ମାମଲାର ଶୁଣାଣି ପରେ ଜନି ଡେପ୍ ଖୁବ୍ ଖୁସି ବ୍ୟକ୍ତି କରିଥିବା ବେଳେ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଛନ୍ତି ଅମ୍ବର । ଜନି ଓ ଅମ୍ବର ୨୦୧୭ରେ ଅଲଗା ହୋଇଯାଇଥିବା ବେଳେ, ୨୦୧୮ରେ ଘରୋଇ ହିଂସାର ଶିକାର ହୋଇଥିବା



ଅଭିଯୋଗ ଆଣିଥିଲେ ପତ୍ନୀ ଅମ୍ବର ହର୍ଡ। ଏକ ପତ୍ରିକାରେ ଏନେଇ ଖବର ପ୍ରକାଶ ପରେ ଅମ୍ବରଙ୍କ ବିରୋଧରେ ମାନହାନି ମୋକଦ୍ଦମା ରୁଜୁ କରିଥିଲେ ଜନି ଡେପ୍ । ଡିସେମ୍ବର ୨୦୧୮ ରେ ଓ୍ୱାଶିଂଟନ୍ ପୋଷ୍ଟରେ ପ୍ରକାଶିତ ଏକ ଅର୍ଟିକିଲକୁ ନେଇ ଜେନ୍ ଡେପ ପୂର୍ବତନ ପତ୍ନୀ ଅମ୍ବର ହେର୍ଡଙ୍କ ବିରୋଧରେ ମକଦ୍ଦମା ଦାୟର କରିଥିଲେ। ଉକ୍ତ ଆର୍ଟିକିଲରେ ତାଙ୍କ ନାମ ନ ଥିବା ସତ୍ତ୍ୱେ ସେ ଜଣେ ସେଲିବ୍ରିଟି ହୋଇଥିବାରୁ ଉକ୍ତ ଆର୍ଟିକିଲ ତାଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ମାନହାନୀ କରିବାକୁ ଉଦ୍ଦିଷ୍ଟ ବୋଲି ସେ ଉଲ୍ଲେଖ କରିଥିଲେ । ଏହାପରେ ଏହି ମାମଲାର ଶୁଣାଣି ଚାଲିଥିବା ବେଳେ ରାୟ ପ୍ରକାଶ ପାଇ ଅମ୍ବରଙ୍କୁ କ୍ଷତିପୂରଣ ପ୍ରଦାନ ନିମନ୍ତେ ନିର୍ଦ୍ଦେଶ ଦିଆଯିବା ସହ ସେ ମଧ୍ୟ ୨ ନିୟୁତ କ୍ଷତିପୂରଣ ପାଇବାକୁ ହକଦାର ବୋଲି କହିଛନ୍ତି କୋର୍ଟ। କାରଣ ଜନି ଡେପଙ୍କ ଓକିଲ ତାଙ୍କୁ ଅପମାନିତ କରିବା ପରି ଶବ୍ଦ ପ୍ରୟୋଗ କରି ବଦନାମ କରିଥିବାରୁ ସେ ଏହି କ୍ଷତିପୂରଣ ପାଇବାକୁ ହକଦାର ବୋଲି ନିଜ ରାୟରେ କହିଛନ୍ତି କୋର୍ଟ। ଏହି ରାୟ ପ୍ରକାଶ ପାଇବା ପରେ ଜନି ଏକ ବିବୃତିରେ ଖଣ୍ଡପୀଠଙ୍କ ରାୟକୁ ସ୍ୱାଗତ କରିଛନ୍ତି। ଏଥିସହ କହିଛନ୍ତି, ଖଣ୍ଡପୀଠ ମୋତେ ମୋ ଜୀବନ ଫେରାଇ ଦେଇଛନ୍ତି। ଆରମ୍ଭରୁ ଫଳାଫଳକୁ ଗୁରୁତ୍ୱ ନ ଦେଇ ସତ୍ୟକୁ ଲୋକଲୋଚନକୁ ଆଣିବାକୁ ଏହି ମାମଲା ଲଢ଼ିଥିଲି। ଏ ପର୍ଯ୍ୟନ୍ତ ସର୍ବୋତ୍ତମ ନିଷ୍ପତ୍ତି ଆସି ନାହିଁ, କିନ୍ତୁ ଜୀବନରେ ନୂତନ ଅଧ୍ୟାୟ ଆରମ୍ଭ ହୋଇଛି। ଅନ୍ୟପକ୍ଷରେ, ଏହି ନିଷ୍ପତ୍ତିରେ ଅମ୍ବର ହେର୍ଡ ଅତ୍ୟନ୍ତ ନିରାଶ ହୋଇଛନ୍ତି। ସେ ଏକ ବିବୃତ୍ତିରେ କହିଛନ୍ତି ଯେ ‘ଆଜି ମୁଁ ଯେଉଁ ନିରାଶ ଅନୁଭବ କରୁଛି ତାହା ଶବ୍ଦରେ ପ୍ରକାଶ କରାଯାଇପାରିବ ନାହିଁ। ସେ କହିଛନ୍ତି ମୁଁ ଖୁବ୍ ଦୁଃଖିତ ଯେ ମୋର ପୂର୍ବତନ ସ୍ୱାମୀଙ୍କ ଶକ୍ତି, ପ୍ରଭାବ ଏବଂ ପ୍ରାଧାନ୍ୟକୁ ପ୍ରତିହତ କରିବା ପାଇଁ ପ୍ରମାଣର ପର୍ବତ ପର୍ଯ୍ୟାପ୍ତ ନୁହେଁ। ସେଥିପାଇଁ ମୁଁ ଜନି ଡେପଙ୍କୁ ଛାଡପତ୍ର ମାଗିଥିଲି। ଏହା ଏକ ବିପର୍ଯ୍ୟୟ। ମହିଳାଙ୍କ ପ୍ରତି ହେଉଥିବା ହିଂସାକୁ ଗୁରୁତର ସହ ନିଆଯିବା ଉଚିତ ବୋଲି କହିଛନ୍ତି ଅମ୍ବର। ଗତ ୬ ସପ୍ତାହ ଧରି ଏହି ହାଇପ୍ରୋଫାଇଲ ମାମଲାର ଶୁଣାଣି ଚାଲିଥିବା ବେଳେ ଏହା ଉପରେ ନଜର ରଖିଥିଲା ମିଡିଆ। ଏପରିକି ଶୁଣାଣି ବେଳେ କୋର୍ଟ ରୁମ୍ ଓ ପରିସରରେ ଖଚାଖଚ ଭିଡ଼ ରହୁଥିଲା। ଏପରିକି ଉଭୟଙ୍କ ପ୍ରଶଂସକ କୋର୍ଟ ଶୁଣାଣି ଜାଣିବା ନିମନ୍ତେ ରାସ୍ତାରେ ରାତିରେ ଲମ୍ବା ଲାଇନ୍‌ରେ ବି ଛିଡ଼ା ହେଉଥିବା ଦେଖିବାକୁ ମିଳୁଥିଲା।

# ବିମାନ ପରିଚାରିକାରୁ ରୁପେଲି ପରଦା : ଦୀପିକାରୁ ଫୈଜା



ବିମାନ ପରିଚାରିକା ପରି ସୁଖଦ କ୍ୟାରିୟର ଆରମ୍ଭ କରିଥିବା ଦୀପିକା କକ୍କର (ଫୈଜା ଇବ୍ରାହିମ୍) ଠିକଣା ସମୟରେ ପଟ ପରିବର୍ତ୍ତନ କରି ଅଭିନୟକୁ ଆଦରି ନେଇଥିଲେ। ଫଳରେ ତିରିଶରୁ ଅଧିକ ଧାରାବାହିକ ଓ ପାଞ୍ଚଟି ସଂଗୀତ ଭିଡିଓରେ ସେ ଦର୍ଶକଙ୍କ ମନଜିଣି ଜୀବନର ଅସଲ ଆନନ୍ଦ ଚାଖି ପାରିଥିବାର ସ୍ୱୀକାର କରିଛନ୍ତି। ମହାରାଷ୍ଟ୍ରର ପୁଣେଠାରେ ୧୯୮୬ ଅଗଷ୍ଟ ୬ରେ ଜନ୍ମିତ ଦୀପିକା ସ୍ନାତକ ଡିଗ୍ରି ହାସଲ କରିବା ପରେ ମୁମ୍ବାଇରେ ଜଣେ ବିମାନ ପରିଚାରିକା ଭାବେ ନିଯୁକ୍ତି ପାଇଥିଲେ। ଦୀର୍ଘ ତିନି ବର୍ଷ ଧରି ଯାତ୍ରୀମାନଙ୍କୁ ଏହି ସେବା ଯୋଗାଇବା ପରେ ଅଭିନୟରେ କିଛି କରି ଦେଖାଇବା ପାଇଁ ସେ ମନ ବଳାଇଥିଲେ। ସୌଭାଗ୍ୟକୁ ୨୦୧୦ରେ ‘ନୀର ଭରେ ତେରା ନୈନା ଦେବୀ’ରେ ପ୍ରଥମ ପଦାର୍ପଣ କରି ସେ ଲକ୍ଷ୍ମୀ ଭୂମିକାରେ ଅନ୍ୟମାନଙ୍କୁ ବେଶ୍ ଆକୃଷ୍ଟ କରିପାରିଥିଲା। ତହିଁ ପରବର୍ଷ ‘ଅଗଲେ ଜନମ ମୋହେ ବିଟିୟା ହି କିଜୋ’ରେ ମଧ୍ୟ ତାଙ୍କ ରେଖାପ୍ରସାଦ ଭୂମିକାକୁ ଦର୍ଶକ ଖୁବ୍ ପ୍ରଶଂସା କରିଥିଲେ। ତେବେ ୨୦୧୧ରୁ ୨୦୧୭ ଯାଏ କଲର୍ସ ଟିଭିରେ ପ୍ରସାରିତ ‘ଶଶୁରାଲ ସିମର କା’ରେ ଦୀପିକାଙ୍କ ଶୀର୍ଷକ ଚରିତ୍ର ତାଙ୍କୁ ଘରେ ଘରେ ପରିଚିତ କରାଇବା ସହ ଉଭୟ ଖ୍ୟାତି ଓ ପ୍ରତିଷ୍ଠା ଦେଇଥିଲା। ଏହି ଅବସରରେ ‘ଝଲକ ଦିଖଲା ଯା-୮’, ‘ନଚ୍ ବଲିୟେ-୮’, ‘ଏଣ୍ଟରଟେନମେଣ୍ଟ କି ରାତ୍’ ଓ ‘ବକ୍ସ କ୍ରିକେଟ୍ ଲିଗ୍-୩’ ପରି ବାସ୍ତବଧର୍ମୀ ଧାରାବାହିକରେ ତାଙ୍କୁ ଦେଖିବାକୁ ମିଳିଥିଲା। ୨୦୧୮ରେ ସେ ‘ବିଗ୍ ବସ-୧୨’ର ଜଣେ ପ୍ରତିଯୋଗୀ ସାଜି ତାହାର ବିଜୟିନୀ ମୁକୁଟ ପିନ୍ଧିବା ସହ ପ୍ରଶଂସକମାନଙ୍କୁ ମୁଗ୍ଧ କରିଥିଲେ। ‘ରିସ୍ତୋଁ ସେ ବଡ଼ି ପ୍ରଥା’, ‘ନା ବୋଲେ ତୁମ୍ ନା ମୈନେ କୁଛ କହା’, ‘ବାଲିକା ବଧୂ’, ‘କୁଣ୍ଡଲି ଭାଗ୍ୟ’, ‘କୟାମତ୍ କି ରାତ’, ‘କୁମ୍‌କୁମ୍ ଭାଗ୍ୟ’, ‘ୟେ ହୈ ଚାହତେଁ’ ପରି ଧାରାବାହିକରେ ସ୍ୱତନ୍ତ୍ର ଚରିତ୍ରରେ ବାହାରି ସେ ପ୍ରଶଂସକମାନଙ୍କ ମନରେ ନିଜର ସ୍ଥିତିକୁ ବଜାୟ ରଖିଥିଲେ। ଏଥି ସହିତ ‘ୟାର ଦୁଆ’, ‘ଟୁଟା ତାରା’ ଓ ‘ଧଡ଼କନ’ ପରି ସଂଗୀତ ଭିଡିଓରେ ସେ ଭରପୂର ମନୋରଞ୍ଜନ ଯୋଗାଇଛନ୍ତି। ତେବେ ଅଭିନୟରେ ଏତେ ଲୋକପ୍ରିୟତା ହାସଲ କରିଥିବା ଦୀପିକାଙ୍କର କିନ୍ତୁ ଦାମ୍ପତ୍ୟ ଜୀବନ ସେତେ ମନଲାଖି ହୋଇପାରିନାହିଁ। ୨୦୧୧ରେ ପ୍ରଥମେ ବିବାହ କରିଥିବା ରୌନକ ସାମସନ୍‌ଙ୍କ ସହ ୨୦୧୫ରେ ତାଙ୍କର ବିଚ୍ଛେଦ ଘଟିଥିଲା। ଏହାପରେ ୨୦୧୮ ଫେବ୍ରୁଆରିରେ ସେ ‘ଶଶୁରାଲ ସିମର କା’ର ସହଅଭିନେତା ସୋଏବ ଇବ୍ରାହିମ୍‌ଙ୍କୁ ବିବାହ କରିଥିଲେ। ଏହାପରେ ସେ ଇସଲାମ ଧର୍ମ ଗ୍ରହଣ କରି ନିଜ ନାମ ଫୈଜାକୁ ପରିବର୍ତ୍ତନ କରିଛନ୍ତି।

# ନୂଆ ଲୁକ୍‌ରେ ରଣଦୀପ




ନୂଆ ଲୁକ୍‌ରେ ଅଭିନେତା ରଣଦୀପ ହୁଡ୍ଡା। ମୁଣ୍ଡରେ କଳା ଟୋପି, ଗୋଲ୍ ଚଷମା ଆଉ ମୁହଁରେ ନିଶ। ତାଙ୍କୁ ଚିହ୍ନିବା ହୋଇପଡିଛି ମୁସ୍‌କିଲ୍। ତାଙ୍କୁ ଯିଏ ଦେଖୁଛି ସିଏ ଘଡିଏ ଚାହୁଁଛି। ସେ ଅବିକଳ ସ୍ୱାଧୀନତା ସଂଗ୍ରାମୀ ବୀର ସାବରକରଙ୍କ ଲୁକ୍‌ରେ ନଜର ଆସିଛନ୍ତି। ସ୍ୱାଧୀନତା ସଂଗ୍ରାମୀ ବୀର ସାବରକରଙ୍କ ୧୩୯ ତମ ଜନ୍ମ ବାର୍ଷିକୀ ଅବସରରେ ରଣଦୀପ ନିଜେ ତାଙ୍କ ଇନ୍‌ଷ୍ଟାଗ୍ରାମରେ ନିଜର ଏହି ଲୁକ୍‌କୁ ଶେଆର କରିଛନ୍ତି। ପ୍ରକୃତରେ ଏହି ସ୍ୱାଧୀନତା ସଂଗ୍ରାମୀଙ୍କ ଜୀବନୀ ଉପରେ ଏକ ଫିଲ୍ମ ତିଆରି ହେବାକୁ ଯାଉଛି। ଏହି ଫିଲ୍ମର ନାଁ ‘ସ୍ୱତନ୍ତ୍ର ବୀର ସାବରକର’ ରଖାଯାଇଛି। ଏବେ ଏହି ଫିଲ୍ମର ଫାଷ୍ଟ ଲୁକ୍‌କୁ ରଣଦୀପା ହୁଡ୍ଡା ଶେଆର କରିଛନ୍ତି। ଏହି ପୋଷ୍ଟରରେ ‘ହିନ୍ଦୁତ୍ୱ ଧର୍ମ ନୁହେଁ ଇତିହାସ’ ଲେଖା ଅଛି। ଫିଲ୍ମ ସମୀକ୍ଷକ ତରନ ଆଦର୍ଶ ମଧ୍ୟ ଟ୍ୱିଟ୍ କରି ଫିଲ୍ମର ଫାଷ୍ଟ ଲୁକ୍ ଶେଆର କରିଛନ୍ତି। ସେ ଟ୍ୱିଟ୍ କରି କହିଛନ୍ତି, ‘ବୀର ସାବରକରଙ୍କ ଜନ୍ମ ବାର୍ଷିକୀରେ ରଣଦୀପ ହୁଡ୍ଡାଙ୍କ ଫିଲ୍ମ ‘ସ୍ୱତନ୍ତ୍ର ବୀର ସାବରକର’ର ପ୍ରଥମ ପୋଷ୍ଟର ରିଲିଜ୍ ହୋଇଛି। ପୂର୍ବରୁ ଅନେକ ଚ୍ୟାଲେଞ୍ଜିଂ ଚରିତ୍ରରେ ଅଭିନୟ କରି ଦର୍ଶକଙ୍କ ହୃଦୟ ଜିତି ସାରିଥିବା ରଣଦୀପ ହୁଡ୍ଡାଙ୍କୁ ଏହି ବାୟୋପିକ୍ ଫିଲ୍ମରେ ସ୍ୱାଧୀନତା ସଂଗ୍ରାମି ବୀର ସାବରକରଙ୍କ ଭୂମିକାରେ ଦେଖିବାକୁ ମିଳିବ। ଏହି ଫିଲ୍ମର ସୁଟିଂ ଅଗଷ୍ଟ ୨୦୨୨ରୁ ଆରମ୍ଭ ହେବ।

# ବିଦେଶ ଯିବାକୁ ଜ୍ୟାକଲିନ ଫର୍ଣ୍ଣାଣ୍ଡିଜ୍‌ଙ୍କୁ କୋର୍ଟଙ୍କ ଅନୁମତି



ଅନ୍ତର୍ଜାତୀୟ ଭାରତୀୟ ଚଳଚ୍ଚିତ୍ର ଏକାଡେମୀ (ଆଇଆଇଏଫଏ) ପୁରସ୍କାର କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ବିଦେଶ ଯାଇପାରିବେ ବଲିଉଡ ଅଭିନେତ୍ରୀ ଜ୍ୟାକଲିନ ଫର୍ଣ୍ଣାଣ୍ଡିଜ୍। ଏନେଇ କୋର୍ଟ ଅନୁମତି ଦେଇଛନ୍ତି। ଜ୍ୟାକଲିନ ମେ’ ୩୧ରୁ ରୁ ଜୁନ୍ ୬ମଧ୍ୟରେ ଆବୁଧାବି ଯାତ୍ରା କରିପାରିବେ। କନମ୍ୟାନ ସୁକେଶ ଚନ୍ଦ୍ରଶେଖରଙ୍କ ସହ ଜଡିତ ୨୦୦କୋଟି ଟଙ୍କା ବେଆଇନ କାରବାର ମାମଲାରେ ଜ୍ୟାକଲିନ ସମ୍ପୃକ୍ତ ଥିବା ଅଭିଯୋଗରେ ଇଡି ପକ୍ଷରୁ ତଦନ୍ତ କରାଯାଉଛି। ଫଳରେ ତାଙ୍କୁ ଭାରତ ଛାଡିବାକୁ ବାରଣ କରାଯାଇଥିଲା। ତେବେ ଜ୍ୟାକଲିନ ଆବୁଧାବିରେ ଥିବାବେଳେ ସେ ଯେଉଁ ହୋଟେଲରେ ରହିବେ ସେ ସମ୍ବନ୍ଧରେ ସବିଶେଷ ତଥ୍ୟ ଦାଖଲ କରିଛନ୍ତି। ଶନିବାର ଜ୍ୟାକଲିନ ଫର୍ଣ୍ଣାଣ୍ଡିଜଙ୍କ ବିରୋଧରେ ଲୁକ ଆଉଟ ସର୍କୁଲାରକୁ କୋର୍ଟ ବାତିଲ କରିଦେଇଛନ୍ତି। ତାଙ୍କୁ ମେ ୩୧ ରୁ ଜୁନ୍ ୬ ପର୍ଯ୍ୟନ୍ତ ଆବୁଧାବି ଯାତ୍ରା କରିବାକୁ ଅନୁମତି ଦେଇଛନ୍ତି। କୋର୍ଟଙ୍କ କହିଛନ୍ତି ଯେ, ଯେ ଜ୍ୟାକଲିନ ତାଙ୍କ ପ୍ରତ୍ୟାବର୍ତ୍ତନ ବିଷୟରେ ତଦନ୍ତକାରୀ ସଂସ୍ଥାକୁ ଅବଗତ କରାଇବେ। ଜ୍ୟାକଲିନ୍ ଫର୍ଣ୍ଣାଣ୍ଡିଜ୍ ଆଇଆଇଏଫ୍ଏ ପୁରସ୍କାରରେ ଯୋଗଦେବା ପାଇଁ ଆବୁଧାବି ଯାତ୍ରା କରିବାକୁ ଦିଲ୍ଲୀ କୋର୍ଟରୁ ଅନୁମତି ମାଗିଥିଲେ। ପରେ ବିଦେଶ ଯାତ୍ରା ପାଇଁ ସେ ଆବେଦନ ପ୍ରତ୍ୟାହାର କରିନେଇ ଥିଲେ । କାରଣ ବିଦେଶ ଯିବା ପାଇଁ ଜ୍ୟାକଲିନ ଯେଁ କାରଣ ଦର୍ଶାଇଛନ୍ତି ତାହା ମିଥ୍ୟା ବୋଲି ଇଡି କୋର୍ଟଙ୍କୁ ଅବଗତ କରିଥିଲା।

# ରାଜ୍ୟରେ ବୃହତ ପୁଞ୍ଜିନିବେଶ ଓ ଭିତ୍ତିଭୂମି ପ୍ରକଳ୍ପରେ ଉଲ୍ଲେଖନୀୟ ଅଗ୍ରଗତି

ଭୁବନେଶ୍ୱର,୦୨/୦୬ (ନି.ପ୍ର): ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ବଡ଼ ବଡ଼ ଭିତିଭୂମି ଉନ୍ନୟନ ଏବଂ ପୁଞ୍ଜିନିବେଶ ପ୍ରକଳ୍ପ ଗୁଡ଼ିକର କାର୍ଯ୍ୟାନ୍ୱୟନରେ ଉଲ୍ଲେଖନୀୟ ଅଗ୍ରଗତି ହୋଇଛି ବୋଲି ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ କମିଟି ପୁଞ୍ଜିନିବେଶ ପ୍ରକଳ୍ପ ତଦାରଖ ଗ୍ରୁପ୍ (ସି.ସି.ଆଇ.ପି.ଏମ୍.ଜି) ବୈଠକର ଆଲୋଚନାରୁ ଏହା ଜଣାପଡିଛି। ରାଜ୍ୟ ଲୋକସେବା ଭବନରୁ ଡ଼ିଜିଟାଲ୍ ମୋଡ୍ ରେ ଅନୁଷ୍ଠିତ ଏହି ମିଳିତ ସମୀକ୍ଷା ବୈଠକରେ ଶିଳ୍ପ ଓ ଆନ୍ତଃ-ବାଣିଜ୍ୟ ବିକାଶ (ଡ଼ି.ପି.ଆଇ.ଆଇ.ଟି.) ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ଅମିତ ଲାଲ ମୀନା, ବିଭାଗୀୟ ନିର୍ଦ୍ଦେଶକ ଅରବିନ୍ଦ ପାଣ୍ଡେଙ୍କ ସମେତ କେନ୍ଦ୍ରୀୟ ପ୍ରକଳ୍ପ ତଦାରଖ କମିଟିର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ। ପ୍ରକଳ୍ପ ନିର୍ମାଣକାରୀ ସଂସ୍ଥାମାନଙ୍କ ଦ୍ୱାରା ଉପସ୍ଥାପନ କରାଯାଇଥିବା କ୍ଷେତ୍ରସ୍ତରୀୟ ସମସ୍ୟାଗୁଡିକର ବିଭିନ୍ନ ଦିଗକୁ ବିଚାରକରି ସେସବୁର ଆଶୁ ସମାଧାନ ନିମନ୍ତେ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର ସମାଧାନ ପନ୍ଥା ନିର୍ଣ୍ଣୟ କରିଥିଲେ। ଏହିସବୁ ସମାଧାନ ସହ ପ୍ରକଳ୍ପଗୁଡିକର ବିଭିନ୍ନ ପର୍ଯ୍ୟାୟ କାର୍ଯ୍ୟାନ୍ୱୟନ ପାଇଁ ମଧ ଶ୍ରୀ ମହାପାତ୍ର ସମୟ- ସାରଣୀ ନିର୍ଦ୍ଧାରଣ କରିଥିଲେ। ନିର୍ଦ୍ଧାରିତ ସମୟସୀମା ମଧରେ ପ୍ରକଳ୍ପ କାର୍ଯ୍ୟସାରଣୀକୁ ସମୟାନୁବନ୍ଧିତ ଭାବେ କ୍ଷେତ୍ରାନ୍ୱୟନ କରିବାକୁ ଶ୍ରୀ ମହାପାତ୍ର ସଂପୃକ୍ତ ସଂସ୍ଥା, ସରକାରୀ ବିଭାଗ ଓ ଜିଲ୍ଲା ପ୍ରଶାସନଙ୍କୁ ନିର୍ଦ୍ଦେଶ ଦେଇଥିଲେ। କେନ୍ଦ୍ରୀୟ ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀ ମୀନା କହିଥିଲେ ଯେ ସି.ସି.ଆଇ. ପ୍ରକଳ୍ପ ତଦାରଖ ଗ୍ରୁପ୍ ପୋର୍ଟାଲରେ ଥିବା ଓଡ଼ିଶାର ୧୬୫ ଟି ବୃହତ୍ ପୁଞ୍ଜିନିବେଶ ପ୍ରକଳ୍ପ ମଧ୍ୟରୁ ପ୍ରାୟ ଶତକଡ଼ା ୮୦ ଭାଗ ପ୍ରକଳ୍ପ ବିଶେଷ ଅଗ୍ରଗତି କରିଛି। ଅବଶିଷ୍ଟ ଶତକଡ଼ା ୨୦ ଭାଗ ପ୍ରକଳ୍ପର କାର୍ଯ୍ୟାନ୍ୱୟନ ବେଳେ ସୃଷ୍ଟି ହେଉଥିବା ସମସ୍ୟାର ସମାଧାନ ପନ୍ଥା ମଧ ତ୍ୱରାନ୍ୱିତ ଭାବେ ରାଜ୍ୟ ଓ ଜିଲ୍ଲା ପ୍ରଶାସନଙ୍କ ଦ୍ୱାରା ନିର୍ଣ୍ଣୟ କରାଯାଇଛି । ବୈଠକରେ ୩୩ ଟି ବୃହତ ପୁଞ୍ଜିନିବେଶ ପ୍ରକଳ୍ପର ସମୀକ୍ଷା ହୋଇଥିଲା । ଏ ସବୁ ଦ୍ୱାରା ରେଳବାଇ, ଜାତୀୟ ରାଜପଥ, ତୈଳ ଓ ଗ୍ୟାସ୍, କଅଁଷି ଖଣି, ସିମେଣ୍ଟ ଉତ୍ପାଦନ ଓ ଟେଲି-ଯୋଗାଯୋଗ ଆଦି କ୍ଷେତ୍ରରେ ପ୍ରାୟ ୧,୨୬,୨୮୯ କୋଟି ଟଙ୍କା ବିନିଯୋଗ ହେବ । ପ୍ରକଳ୍ପ ଉନ୍ନୟନ ସଂସ୍ଥାମାନଙ୍କ ଦ୍ୱାରା ଉପସ୍ଥାପନ କରାଯାଇଥିବା ସମୁଦାୟ ୮୨ ଟି ସମସ୍ୟାର ସମାଧାନ ପନ୍ଥା ନିର୍ଣ୍ଣୟ କରାଯାଇଥିଲା । ରେଳବାଇ କ୍ଷେତ୍ରରେ ବାଂଶପାଣି-ଜଖପୁରା ରେଳ ଲାଇନ୍ ଦୋହରୀକରଣ, ରାଉରକେଲା-ଝାରସୁଗୁଡ଼ା ରେଳ ଟ୍ରାକ୍ର ୩ୟ ଲାଇନ୍, ଭଦ୍ରକ-ନେରଗୁଣ୍ଡି ଟ୍ରାକ୍ ର ୩ୟ ଲାଇନ୍, ହାତିଆ-ବଣ୍ଡମୁଣ୍ଡା ରେଳ ଲାଇନ୍ ର ଦୋହରୀକରଣ, ବୁଢ଼ାପଙ୍କ-ଶାଳଗାଁ ରେଳ ଟ୍ରାକର ୩ୟ ଏବଂ ୪ର୍ଥ ଲାଇନ୍, ବିଜୟ ନଗରମ୍-ଟିଟିଲାଗଡ଼ ଟ୍ରାକର୍ ୩ୟ ଲାଇନ୍, ସମ୍ବଲପୁର-ତାଳଚେର ଲାଇନ୍ ର ଦୋହରୀକରଣ, ଖୋର୍ଦ୍ଧା-ବଲାଙ୍ଗିର ବ୍ରୋଡ୍ ଗଜ୍ ଲାଇନ୍, ତାଳଚେର-ବିମଳାଗଡ଼ ନୂଆ ଲାଇନ୍, ଅନୁଗୁଳ-ସୁକିନ୍ଦା ନୂଆ ରେଳ ଲାଇନ୍, ଜାରପଡା-ବୁଢ଼ାପଙ୍କ ଲାଇନ୍ ପାଇଁ ତାଳଚେରଠାରେ ଫ୍ଲାଏ ଓଭର, ବଣ୍ଡମୁଣ୍ଡା-ରାଉରକେଲା ୪ର୍ଥ ଲାଇନ୍,ଝାରସୁଗୁଡ଼ା-ବିଳାଶପୁର ରେଳ ଟ୍ରାକ୍ର ୪ର୍ଥ ଲାଇନ୍, ଏବଂ ସମ୍ବଲପୁର-ଟିଟିଲାଗଡ଼ ରେଳ ଟ୍ରାକ୍ର ଦୋହରୀକରଣ ଆଦି ପ୍ରକଳ୍ପର ସମୀକ୍ଷାରେ ସ୍ଥାନ ପାଇଥିଲା । ସେହିପରି ପାରାଦ୍ୱୀପ-ହାଇଦ୍ରାବାଦ ଉତ୍ପାଦ ପରିବହନ ପାଇପ୍ ଲାଇନ୍, ଏମ୍.ସି. ଏଲ୍ ର ୩ଟି କୋଇଲା ଖଣି ପ୍ରକଳ୍ପ, ନାଲ୍କୋର ୨ଟି କୋଇଲା ଖଣି ପ୍ରକଳ୍ପ ଆଦିର ଅଗ୍ରଗତି ସମୀକ୍ଷା ହୋଇଥିଲା । ଜାତୀୟ ରାଜପଥ କର୍ତ୍ତୁପକ୍ଷଙ୍କର ୭ଟି ରାଜପଥ ଉନ୍ନୟନ ପ୍ରକଳ୍ପ, ନାଲ୍କୋର ୫ମ ଷ୍ଟ୍ରିମ୍ ରାଇଫାଇନାରୀ ସଂପ୍ରସାରଣ ପ୍ରକଳ୍ପ, ପଟ୍ଟାଙ୍ଗି ବକ୍ସାଇଟ୍ ଖଣି ବିକାଶ, କୋଡାମେଟ୍ଟା ଚୂନପଥର ବ୍ଲକ୍, ଡ଼ାଲ୍ମିଆ ସିମେଣ୍ଟ, ଆନନ୍ଦପୁର ସମନ୍ୱିତ ବ୍ୟାରେଜ୍ ଏବଂ ଭାରତ ନେଟ୍ ଆଦି ପ୍ରକଳ୍ପର ଅଗ୍ରଗତି କ୍ଷେତ୍ରରେ ଥିବା ସମସ୍ୟାର ସମାଧାନ କରାଯାଇ ତ୍ୱରିତ କାର୍ଯ୍ୟାନ୍ୱୟନ ନିମନ୍ତେ ନିର୍ଦ୍ଦେଶ ଦିଆଯାଇଥିଲା । ଏହି ସବୁ ପ୍ରକଳ୍ପ ନିମନ୍ତେ ଜଙ୍ଗଲ ଜମି ଅନୁମତି, କ୍ଷତିପୂରଣ ଆବଂଟନ, ସତ୍ୱାଧିକାର ପ୍ରମାଣପତ୍ର, ସରକାରୀ ଜମିରେ କାର୍ଯ୍ୟପାଇଁ ଆଗୁଆ ଅନୁମତି, କ୍ଷତିପୂରକ ବନୀକରଣ, ବିଦ୍ୟୁତ୍ ଏବଂ ଫୋନ୍ ସଂଚାର ଲଇନ୍ର ସ୍ଥାନାନ୍ତରୀକରଣ, ପରିବେଶ ଅନୁମତି, ଜମି ହସ୍ତାନ୍ତରକରଣ ଆଦି ପ୍ରାୟ ୮୨ ଟି ବିଭିନ୍ନ ସମସ୍ୟାର ଅନୁଶୀଳନ ହୋଇ ଆଶୁ ସମାଧାନ ପନ୍ଥାମାନ ନିର୍ଦ୍ଧାରଣ କରାଯାଇଥିଲା । ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରୀ କରୁଥିବା ସଂସ୍ଥାମାନେ ସିଧା ସଳଖ ନିଜ ନିଜର ସମସ୍ୟା ଓ ଅଗ୍ରଗତି ବିଷୟ ବୈଠକରେ ଜଣାଇଥିଲେ । ସଂପୃକ୍ତ ଜିଲ୍ଲାମାନଙ୍କରୁ ଜିଲ୍ଲାପାଳ ଓ ବରିଷ୍ଠ ଅଧିକାରୀମାନେ କ୍ଷେତ୍ରସ୍ତରୀୟ ସଦ୍ୟତନ ତଥ୍ୟ ଉପସ୍ଥାପନ କରିଥିଲେ । ପ୍ରକଳ୍ପ ଗୁଡିକର କ୍ଷେତ୍ରସ୍ତରୀୟ ଅଗ୍ରଗତି ସମ୍ବନ୍ଧୀୟ ସଦ୍ୟତନ ସ୍ଥିତି ପୋର୍ଟାଲ୍ରେ ନିୟମିତ ଅପ୍ଲୋଡ୍ କରିବା ନିମନ୍ତେ ସଂପୃକ୍ତ କାର୍ଯ୍ୟାନ୍ୱୟନ ସଂସ୍ଥାମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା ।

# ବିଧାୟକ କଲୋନୀ ପରିସରରୁ ଗଛକଟା ବିରୋଧରେ ପ୍ରେରଣା ପକ୍ଷରୁ ରାଜ୍ୟପାଳଙ୍କୁ ଦାବିପତ୍ର ପ୍ରଦାନ

ଭୁବନେଶ୍ୱର,୦୨/୦୬ (ନି.ପ୍ର): ବିଧାୟକମାନଙ୍କ କଲୋନୀ ପରିସରରୁ ପ୍ରାୟ ୪୦/୫୦ ବର୍ଷର ଏକ ହଜାର ପାଖାପାଖି ଗଛ କଟାଯିବା ଦ୍ୱାରା ଭୁବନେଶ୍ୱର ଏକ ଉତପ୍ତ ସହରରେ ପରିଣତ ହେବା ସହ ଏହାର ପରିବେଶ ସମ୍ପୂର୍ଣ୍ଣ ଭାବେ ପ୍ରଦୂଷିତ ହେବ ବୋଲି ପ୍ରେରଣା ପକ୍ଷରୁ ବିଗତ ତିନିଦିନ ଧରି ବିଧାୟକ କଲୋନୀ ସମ୍ମୁଖରେ ଧାରଣା ଦିଆଯାଇଛି। ଆଜି ପ୍ରେରଣାର ଅଧକ୍ଷ ଡକ୍ଟର ଦିଲ୍ଲୀପ ଶ୍ରୀଚନ୍ଦନ ଓ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ଓଡ଼ିଶାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ଭେଟି ଏହି ଗଛକଟା ବିରୁଦ୍ଧରେ ଏକ ଚ୍ଚରିଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରଥମତଃ ବିଧାୟକ କଲୋନୀ ପରିସରରୁ ଆଉ ଯେପରି ଗୋଟିଏ ଗଛ କଟାନଯିବ, ସେଥିପାଇଁ ସରକାର ସଂକଳ୍ପବଦ୍ଧ ହେବେ। ଦ୍ୱିତୀୟତଃ ଯେଉଁ ଗଛଗୁଡ଼ିକ କଟାଯାଇଛି, ତାର ଭରଣା ପାଇଁ ଭୁବନେଶ୍ୱର ସହର ଓ ଉପକଣ୍ଠରେ ୧୦୦ଗୁଣ ବୃକ୍ଷରୋପଣ କରି ଏକ ଉଦ୍ୟାନ ସୃଷ୍ଟି କରିବା। ତୃତୀୟତଃ ଭୁବନେଶ୍ୱର ଚତୁଃପାର୍ଶ୍ୱରେ ୫୦ ମିଟର ବ୍ୟାସାର୍ଦ୍ଧ ବିଶିଷ୍ଟ ବୃକ୍ଷରାଜିପୂର୍ଣ୍ଣ ଏକ ସବୁଜ ବଳୟ ସୃଷ୍ଟି କିରବା ଏବଂ ଚତୁର୍ଥତଃ ଭୁବନେଶ୍ୱର ସହର ପାଇଁ ଦିଲ୍ଲୀ ଭଳି ଏକ ଟ୍ରି ଆଇନ୍ ପ୍ରଣୟନ କରିବା। କାରଣ ଟ୍ରି ଆଇନ ଥିଲେ ରାସ୍ତା ପ୍ରଶସ୍ତିକରଣ ବେଳେ କିମ୍ବା ରାସ୍ତା ନିର୍ମାଣ ବେଳେ ବା ଗୃହ ନିର୍ମାଣ ବେଳେ ଗଛକୁ ନକାଟି ତାହା ନିର୍ମାଣ କରାଯିବା ବିଧି ରହିଛି। ସେହିପରି ଗଛ କାଟିବା ପୂର୍ବରୁ ସ୍ଥାନୀୟ ଜନସାଧାରଣଙ୍କ ସହ ଜନଶୁଣାଣି କରି ପରିବେଶ୍ୱିତମାନଙ୍କ ସହ ଆଲୋଚନା କରି ଅଟ୍ଟାଳିକା ନିର୍ମାଣ ଆଦି କରାଯିବା ଉଚିତ୍। ସେହିପରି ବିଧାୟକମାନଙ୍କ ପାଇଁ ଭୁବନେଶ୍ୱର ଉପକଣ୍ଠରେ ଯଥେଷ୍ଟ ବୃକ୍ଷରୋପଣ ଓ ପରିବେଶ ସନ୍ତୁଳନ ରକ୍ଷା କରି ଯଦି ବିଧାୟକ କଲୋନୀ ନିର୍ମାଣ କରାଯିବ, ତାହା ବିଧାୟକମାନଙ୍କ ଯାତାୟତରେ କିମ୍ବା ରହିବାରେ କୌଣସି ସମସ୍ୟା ସୃଷ୍ଟି ହେବ ନାହିଁ ଓ ଏହି କଲୋନୀ ଭିତରେ ଗଛ କାଟିବା ଦରକାର ପଡ଼ିବ ନାହିଁ ବୋଲି ଏହି ଦାବିପତ୍ରରେ ପ୍ରେରଣାର ଅଧକ୍ଷ ଡକ୍ଟର ଦିଲ୍ଲୀପ ଶ୍ରୀଚନ୍ଦନ ଦର୍ଶାଇବା ସହ ରାଜ୍ୟ ସରକାର ଏହାକୁ ମାନିନେବାକୁ ରାଜ୍ୟପାଳଙ୍କୁ ଅନୁରୋଧ କରିଛନ୍ତି।

# ସଂଘ ଶିକ୍ଷାବର୍ଗର ଶିକ୍ଷାର୍ଥୀମାନଙ୍କ ଦ୍ୱାରା ଭବ୍ୟ ପଥ ସଂଚଳନ

ଭୁବନେଶ୍ୱର,୦୨/୦୬ (ନି.ପ୍ର): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଦ୍ୱିତୀୟ ବର୍ଷ ସଂଘ ଶିକ୍ଷାବର୍ଗ ସ୍ଥାନୀୟ ଉତ୍କଳ ବିପନ୍ନ ସହାୟତା ସମିତି ପରିସରରେ ଅନୁଷ୍ଠିତ ହୋଉଅଛି। ଏହି ସଂଘ ଶିକ୍ଷାବର୍ଗର ଶିକ୍ଷାର୍ଥୀମାନଙ୍କୁ ନେଇ ଏକ ଭବ୍ୟ ପଥ ସଂଚଳନ ବୁଧବାର ଦିନ ଅନୁଷ୍ଠିତ ହୋଇଯାଇଛି । ଉତ୍କଳ ବିପନ୍ନ ସହାୟତା ସମିତି ପରିସରରୁ ଏହି ପଥ ସଂଚଳନ ବାହାରି ଚକେଇସିଆଣି ହାଟ, ମଂଚନାଥ ବିଦ୍ୟାଳୟ, ବ୍ରିଜ ଛକ, ସ୍କିଲ ଡେଭଲପମେଂଟ, ବ୍ଲୁ ହୁଇଲି ହସ୍ପିଟାଲ, ନିତିଦିନ ଖବର କାଗଜ ଛକ, ଶିକ୍ଷାଚଂଳ ବିଦ୍ୟାଳୟ, ଷ୍ଟେସନ ରୋଡ, ସମୟପ୍ରେସ ହୋଇ ପୁଣି ଉତ୍କଳ ବିପନ୍ନ ସହାୟତା ସମିତି ପରିସରରେ ପହଁଚି ଥିଲା । ସ୍ୱୟଂସେବକମାନେ ପୂର୍ଣ୍ଣ ଗଣବେଷରେ ଘୋଷ ବାଦ୍ୟ ବଜାଇ ପଥ ସଂଚଳନରେ ଗଲାବେଳେ ପଥ ମଧ୍ୟରେ ଅନେକ ସ୍ଥାନରେ ମା ଓ ଭଉଣୀମାନେ ଫୁଲ ଚନ୍ଦନ ଦେଇ ସ୍ୱାଗତ କରିଥିଲେ । ମେ ୧୫ ତାରିଖରୁ ଆରମ୍ଭ ହୋଇଥିବା ଏହି ପ୍ରଶିକ୍ଷଣ ଶିବିରରେ ସାରା ଓଡିଶାରୁ ୮୦ ଜଣ ଶିକ୍ଷାର୍ଥୀଙ୍କ ସମେତ ୪୦ ଜଣ ଶିକ୍ଷକ ଓ ପ୍ରବନ୍ଧକ ଏହିଭଳି ୧୨୦ଜଣ ଯୋଗଦେଇଛନ୍ତି। ପ୍ରତ୍ୟେକ ଶିକ୍ଷାର୍ଥୀ ନିଜ ହାତରୁ ୮ଶହ ଟଙ୍କା ଶୁଳ୍କ ପ୍ରଦାନ କରି ୨୦ଦିନ ଧରି ଏହି ଶିବିରରେ ବିଭିନ୍ନ ଶାରୀରିକ ଓ ବୌଦ୍ଧିକ କାର୍ଯ୍ୟକ୍ରମର ପ୍ରଶିକ୍ଷଣ ଗ୍ରହଣ କରୁଛନ୍ତି । ଏହି ଶିକ୍ଷାର୍ଥୀମାନଙ୍କ ମଧରେ ଡାକ୍ତର, ଇଂଜିନିୟର, ଅଧାପକ, ବ୍ୟାଙ୍କ କର୍ମଚାରୀ, ଶିକ୍ଷକ, ସ୍ନାତକ ଓ ସ୍ନାତକୋତର ଛାତ୍ର, ବ୍ୟବସାୟୀ ଓ କୃଷକ ଉପସ୍ଥିତ ଅଛନ୍ତି । ପ୍ରତ୍ୟହ ସକାଳ ୪.୩୦ମି. ସମୟରେ ପ୍ରାତଃ ଜାଗରଣ ପରେ ରାତ୍ରୀ ୧୦ଟା ପର୍ଯ୍ୟନ୍ତ ପ୍ରତ୍ୟେକ ସ୍ୱୟଂସେବକମାନେ ବିଭିନ୍ନ ଶାରିରୀକ ଓ ବୌଦ୍ଧିକ କାର୍ଯ୍ୟକ୍ରମର ଅଭ୍ୟାସ କରୁଛନ୍ତି । ଜୁନ ୪ ତାରିଖ ଦିନ ଅପରାହ୍ନ ୫.୧୫ ମିନିଟ ସମୟରେ ଏହି ବର୍ଗର ସମାରୋପ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏଥିରେ ଶିକ୍ଷାର୍ଥୀମାନେ ପ୍ରଶିକ୍ଷଣ ନେଇଥିବା ବିଭିନ୍ନ କଳାକୌଶଳ ପ୍ରଦର୍ଶନ କରିବେ ।

# ରାଜ୍ୟସ୍ତରୀୟ ବୈଷୟିକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ

ଭୁବନେଶ୍ୱର,୦୨/୦୬ (ନି.ପ୍ର): ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ଦ୍ୱାରା ବୁଧବାର ଭୁବନେଶ୍ୱରସ୍ଥିତ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧୀନସ୍ଥ ଇମେଜ ସମ୍ମିଳନୀ କକ୍ଷରେ ୟୁଡିଆଇଏସ୍‌ଇଂଟ ପୋର୍ଟାଲ ଉପରେ ଏକ ରାଜ୍ୟସ୍ତରୀୟ ବୈଷୟିକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ସରକାରଙ୍କ ଶିକ୍ଷା ମନ୍ତ୍ରାଳୟ, ନୂଆଦିଲ୍ଲୀସ୍ଥିତ ବୈଷୟିକ ଗୋଷ୍ଠୀ(ଟିଏସ୍‌ଜି)ର ତଥ୍ୟ ପରିଚାଳନା ବିଭାଗର ମୁଖ୍ୟ ପରାମର୍ଶଦାତା, ଏନ୍‌ଆଇସିର ବୈଷୟିକ ଦଳ ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାର ଜିଲ୍ଲା ସ୍ତରୀୟ ଏମ୍‌ଆଇଏସ୍ ପ୍ରୋଗ୍ରାମର ଏବଂ ବ୍ଲକ୍ ସ୍ତରର ଏମ୍‌ଆଇଏସ୍ କମ୍ପ୍ଲାନିଂ ସଂଯୋଜକମାନଙ୍କୁ ୟୁଡିଆଇଏସ୍‌ଇଂଟ ପୋର୍ଟାଲ୍ ରେ ତଥ୍ୟ ଅପଲୋଡ୍ କରିବା ଏବଂ ସଂଶୋଧିତ ମାନଦଣ୍ଡ ଉପରେ ତାଲିମ ପ୍ରଦାନ କରିଥିଲେ ।

ଉକ୍ତ କାର୍ଯ୍ୟକ୍ରମରେ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣର ଅତିରିକ୍ତ ନିର୍ଦ୍ଦେଶକ (ସାଧାରଣ), ଅତିରିକ୍ତ ନିର୍ଦ୍ଦେଶକ (ଗୁଣବତା) ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀବୃନ୍ଦ ତଥା ସଂପୃକ୍ତ ବିଭାଗର ବୈଷୟିକ ବ୍ୟକ୍ତିମାନେ ଏହି ତାଲିମ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ।

# ନାକ୍ ମାନ୍ୟତା ସମ୍ପର୍କରେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ କର୍ମଶାଳା ଅନୁଷ୍ଠିତ

ଭୁବନେଶ୍ୱର,୦୨/୦୬ (ନି.ପ୍ର): ରାଜ୍ୟର ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟଗୁଡ଼ିର ନାକ୍ ମାନ୍ୟତା, ଶୈକ୍ଷିକ ନିରୀକ୍ଷଣ, ସ୍ୱୟଂଶାସିତ ମାନ୍ୟତାର ନବୀକରଣ, ଜାତୀୟ ଶିକ୍ଷାନୁଷ୍ଠାନ ଗୁଡ଼ିକର ସ୍ଥିତି ସମ୍ପର୍କରେ ଏକ ଦିନିକିଆ କର୍ମଶାଳା ସ୍ଥାନୀୟ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ମାନ୍ୟବର କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ଡଃ ଅରୁଣ କୁମାର ସାହୁଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟର ଉଚ୍ଚଶିକ୍ଷା ବ୍ୟବସ୍ଥାରେ ବୈପ୍ଳବିକ ପରିବର୍ତ୍ତନ କରାଯିବା ପାଇଁ ଅନେକ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରାଯାଉଛି। ଏଥିପାଇଁ ସକରାତ୍ମକ ଚିନ୍ତାଧାରାରେ କାର୍ଯ୍ୟ କରି କର୍ମସଂସ୍କୃତିକୁ ଅଧିକ ଅଭିବୃଦ୍ଧି କରାଯାଇପାରିବ। ସମସ୍ତେ ଏକ ଦଳଗତ ମନୋଭାବ ନେଇ କାର୍ଯ୍ୟ କଲେ ଉଚ୍ଚଶିକ୍ଷା ବ୍ୟବସ୍ଥାରେ ନିର୍ଦ୍ଧାରିତ ଲକ୍ଷ୍ୟ ହାସଲ କରାଯାଇପାରିବ। ବର୍ତ୍ତମାନର ବ୍ୟବସ୍ଥା ଛାତ୍ରଛାତ୍ରୀ କୈନ୍ଦ୍ରିକ ହେବା ସହ ଶୈକ୍ଷିକ ପରିବେଶର ଗୁଣାତ୍ମକ ବିକାଶ କରାଯାଉଛି। ଉପର ସୋପାନରୁ ତଳସ୍ତର ପର୍ଯ୍ୟନ୍ତ ସମସ୍ତଙ୍କର ସକ୍ରିୟ ସହଭାଗିତା ଓ ସଂପୃକ୍ତି ରହିଲେ ଶିକ୍ଷା ବ୍ୟବସ୍ଥା ସଫଳତାର ଶୀର୍ଷରେ ପହଞ୍ଚି ପାରିବ। ପାରମ୍ପରିକ ବିଚାରଧାରାର ଉର୍ଦ୍ଧ୍ୱକୁ ଯାଇ ସୃଜନଶୀଳ ହେଲେ ଶିକ୍ଷାର ଗୁଣାତ୍ମକମାନର ବିକାଶ କରାଯାଇ ପାରିବ ବୋଲି ଉପସ୍ଥିତ କୁଳପତି, ଅଧକ୍ଷ, ଅଧାପକମାନଙ୍କୁ ସେ ଆହ୍ୱାନ ଦେଇଥିଲେ । ଏଥିପାଇଁ ସେ ମଧ ପ୍ରଶ୍ନୋତର କାର୍ଯ୍ୟକ୍ରମ ମାଧ୍ୟମରେ ମତାମତ ଲୋଡ଼ିଥିଲେ । ଉଚ୍ଚଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର କହିଥିଲେ ଶୈକ୍ଷିକ ପ୍ରକ୍ରିୟା ତଥା ଛାତ୍ରଛାତ୍ରୀମାନଙ୍କର ଅଧୟନ, ବ୍ୟବସ୍ଥାର ମୁଖ୍ୟ ଲକ୍ଷ୍ୟ ହେବା ଉଚିତ୍। ଉଚ୍ଚଶିକ୍ଷା ଅନୁଷ୍ଠାନଗୁଡ଼ିକ ସମୟର ପରିବର୍ତ୍ତନ ସହିତ ତାଳ ଦେଇ ନିଜକୁ ପରିବର୍ତ୍ତନ କରିପାରିଲେ ସାଂପ୍ରତିକ ପରିସ୍ଥିତିରେ ଏହା ଅଧିକ ପ୍ରାସଂଗିକ ହୋଇପାରିବ । ଶିକ୍ଷାନୁଷ୍ଠାନର ଶୈକ୍ଷିକ ବ୍ୟବସ୍ଥା ଦୁର୍ବଳଶ୍ରେଣୀର ଛାତ୍ରଛାତ୍ରୀଙ୍କ ପ୍ରତି ଅଧିକ ଯନିବାନ ହୋଇ ସେମାନଙ୍କର ପାରଦର୍ଶୀତାକୁ ପ୍ରକାଶ କରିବା ପାଇଁ ଉପସ୍ଥିତ କୁଳପତି, ଅଧକ୍ଷମାନଙ୍କୁ କହିଥିଲେ। ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର କୁଳପତି ଅପରାଜିତା ଚୌଧୁରୀ ସ୍ୱାଗତ ଅଭିଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧରେ ଉଚ୍ଚଶିକ୍ଷା ପରିଷଦର ଉପାଧକ୍ଷ ପ୍ରଫେସର ଅଶୋକ ଦାସ, ପ୍ରଫେସର ଅତନୁ ପତି, ପ୍ରଫେସର ମିହିର ଦାସ, ପ୍ରଫେସର ସ୍ୱତାଂଶୁ ରଥ , ପ୍ରଫେସର ଏମ୍. ସୁଆର, ପ୍ରଫେସର ପ୍ରଦୀପ୍ତ ଦାଶ, କୁଳପତି ପ୍ରଫେସର ଅପରାଜିତା ଚୌଧୁରୀ, କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ, କୁଳପତି ପ୍ରଫେସର ଗୀତାଞ୍ଜଳି ଦାସ, କୁଳପତି ପ୍ରଫେସର ସନ୍ତୋଷ କୁମାର ରଥ, କୁଳପତି ପ୍ରଫେସର ସଞ୍ଜୟ କୁମାର ଶତପଥୀ, ପ୍ରଫେସର ସଞ୍ଜୟ କୁମାର ନାୟକ, ପ୍ରଫେସର କିଶୋର ବାସା, ପ୍ରଫେସର କମିଲଜିତ ସିଂହ, ପ୍ରଫେସର ସନ୍ଦୀପ ମିତଲ, ପ୍ରଫେସର ଅର୍କଦାସ ମହାପାତ୍ର, ଉମାବଲ୍ଲଭ ମହାପାତ୍ର ଉପସ୍ଥିତ ଥିଲେ ।

ଏହି କର୍ମଶାଳାରେ ରାଜ୍ୟର ବିଶ୍ୱବିଦ୍ୟାଳୟଗୁଡ଼ିକର କୁଳପତି, ସ୍ନାତକୋତର ପରିଷଦ ଅଧକ୍ଷ, ଗୁଣାତ୍ମକ ମାନ କେନ୍ଦ୍ରର ନିର୍ଦ୍ଦେଶକ, ବିଭିନ୍ନ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧକ୍ଷ, ଅଧକ୍ଷା ଆଲୋଚନାରେ ଅଂଶଗ୍ରହଣ କରିଥିଲେ ମନ୍ତ୍ରୀ ଓ ପ୍ରମୁଖ ସଚିବ ଆଲୋଚନା ମାଧ୍ୟମରେ ମଧ ବିଭିନ୍ନ ପ୍ରସଙ୍ଗ ସମ୍ପର୍କରେ ଶିକ୍ଷାବିତ୍ ମାନଙ୍କର ମତାମତ ଗ୍ରହଣ କରିଥିଲେ ।

# ବେସରକାରୀ ଅଧାପକ କର୍ମଚାରୀ ସଂଘର ମହାସମାବେଶ

ଭୁବନେଶ୍ୱର,୦୨/୦୬ (ନି.ପ୍ର): ଓଡ଼ିଶା ରାଜ୍ୟ ବେସରକାରୀ ଅଧାପକ କର୍ମଚାରୀ ସଂଘର ରାଜ୍ୟ ସଭାପତି ବିଶ୍ୱରଞ୍ଜନ ଦାସଙ୍କ ନେତୃତ୍ୱରେ ଅଧିକାର ଯାତ୍ରା-୩ର ୪୭ତମ ଦିବସର ମହାସମାବେଶ ଏବଂ ଶୋଭାଯାତ୍ରା ଲୋୟର ପିଏମ୍‌ଜି ଧାରଣାସ୍ଥଳରେ ଅନୁଷ୍ଠିତ ହୋଇଯାଇଛି। ସଂଘର ଗୋଟିଏ ଦାବି ପ୍ରତି ସରକାର ବାରମ୍ବାର ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ସଂଘ ତରଫରୁ ବିଭିନ୍ନ ସମୟରେ ଅଧିକାର ଯାତ୍ରା-୧, ଅଧିକାର ଯାତ୍ରା-୨ରେ ବହୁ କାର୍ଯ୍ୟକ୍ରମ ପୂର୍ବରୁ ହାତକୁ ନିଆଯାଇଥିଲେ ମଧ କୌଣସି ସୁଫଳ ନ ମିଳିବାରୁ ଆଜି ଅଧିକାର-୩ ଯାତ୍ରା ମହାସମାବେଶ ଅନୁଷ୍ଠିତ ହୋଇଛି। ସଂଘର ପ୍ରମୁଖ ଦାବି ହେଉଛି ଓଡ଼ିଶା ସରକାର ୨୦୦୮ ପରିବର୍ତ୍ତୀ ଅନୁଦାନ ଏବଂ ଅଣ ଅନୁଦାନ ମହାବିଦ୍ୟାଳୟରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତ ସମସ୍ତ ଅଧାପକ ଏବଂ କର୍ମଚାରୀଙ୍କୁ ଅନୁଦାନ ପ୍ରଦାନ କରନ୍ତୁ। ଏହି ଦାବି ପୂରଣ ପାଇଁ ସଂଘ ତରଫରୁ ୨୦୧୬ରୁ ୨୦୨୧ ମସିହା ପର୍ଯ୍ୟନ୍ତ ବିଧାନସଭାର ସବୁ ଅଧିବେଶନରେ ଅହୋରାତ୍ର ଧାରଣା ଦେଇ ଆସିଛନ୍ତି। ଯଦି ସରକାର ପୁନର୍ବାର ଟାଳଟୁଳ ନୀତି ଅବଲମ୍ବନ କରନ୍ତି, ତେବେ ସଂଘର ସମସ୍ତ କର୍ମକର୍ତ୍ତା ଭୁବନେଶ୍ୱର ରାଜରାସ୍ତାରୁ ଆଉ ମହାବିଦ୍ୟାଳୟକୁ ଫେରିବ ନାହିଁ। ଆଗାମୀ ଦିନରେ ଦାବି ପୂରଣ ପାଇଁ ସଂଘ କାର୍ଯ୍ୟବନ୍ଦ ଆନ୍ଦୋଳନର ଡ଼ାକରା ଦେବାକୁ ଚେତାବନୀ ଦେଇଛନ୍ତି।

# ଜୀବବିଜ୍ଞାନ ପ୍ରତିଷ୍ଠାନରେ ଷ୍ଟାର୍ଟଅପ୍ ଉତ୍ପାଦର ଶୁଭାରମ୍ଭ

ଭୁବନେଶ୍ୱର,୦୨/୦୬ (ନି.ପ୍ର): କୃଷି ଉତ୍ପାଦର ଫଳପ୍ରଦ ଉପଯୋଗ, କୃଷି ଆୟ, ନିଯୁକ୍ତି ଓ ସ୍ୱରୋଜଗାର ବୃଦ୍ଧିରେ ପ୍ରକ୍ରିୟାକୃତ କୃଷି ଉତ୍ପାଦର ଗୁରୁତ୍ୱ ରହିଛି ବୋଲି ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ପ୍ରକାଶ କରିଛନ୍ତି। ମନ୍ତ୍ରୀ ଶ୍ରୀ ପଣ୍ଡା ଆଜି ପୂର୍ବାହ୍ନରେ ଜୀବବିଜ୍ଞାନ ପ୍ରତିଷ୍ଠାନରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଉଦ୍‌ଘାଟନ କରିବା ସହିତ ତିନୋଟି ଷ୍ଟାର୍ଟଅପ୍ କୃତ ଉତ୍ପାଦର ଶୁଭାରମ୍ଭ କରି ଉପରୋକ୍ତ ମତ ଦେଇଛନ୍ତି। 'ସ୍ୱାଧୀନତାର ଅମୃତ ମହୋତ୍ସବ' ପାଳନ ଅବସରରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ପଣ୍ଡା କହିଛନ୍ତି ଯେ ବିଭିନ୍ନ କାରଣ ହେତୁ କୃଷକମାନଙ୍କ ରୋଜଗାର ହ୍ରାସକୁ ଦୃଷ୍ଟିରେ ରଖି ପ୍ରକ୍ରିୟାକୃତ କୃଷି ଉତ୍ପାଦଗୁଡ଼ିକର ଭୂମିକା ବୃଦ୍ଧିପାଇଛି ଏବଂ ସେସବୁ ପ୍ରାଥମିକ କୃଷି କାର୍ଯ୍ୟକୁ ମୂଲ୍ୟଯୁକ୍ତ କରିବା ସହ ଉଭୟ ସହର ଓ ଗ୍ରାମାଞ୍ଚଳଗୁଡ଼ିକରେ କୃଷି ଉଦ୍ୟୋଗ ବଢ଼ାଇବାରେ ସହାୟକ ହୋଇଛନ୍ତି। ଷ୍ଟାର୍ଟଅପ୍ ଗୁଡ଼ିକର ଉପଯୋଗିତାକୁ ସବୁମତେ ଉତ୍ସାହିତ କରାଯିବା ଆବଶ୍ୟକ ବୋଲି ମନ୍ତ୍ରୀ କହିଛନ୍ତି । ମନ୍ତ୍ରୀ ଶ୍ରୀ ପଣ୍ଡା କହିଛନ୍ତି ଯେ ଜୀବବିଜ୍ଞାନ ପ୍ରତିଷ୍ଠାନର ବାୟୋ ଇନ୍‌କ୍ୟୁବେଟର ଜରିଆରେ ବର୍ଷକ ମଧରେ ପ୍ରାୟ ୨୩ଟି ଷ୍ଟାର୍ଟଅପ୍ କାର୍ଯ୍ୟକାରୀ ହେବା ପ୍ରଶଂସନୀୟ । ଏହି ଅବସରରେ ମନ୍ତ୍ରୀ ଶ୍ରୀ ପଣ୍ଡା ଆରଏନ୍‌ଏ ବାୟୋଟେକ୍, ଥିଙ୍କଜେନିକ୍ସ ଓ ଓଡ଼ିଶା ବେଭେରେଜ୍ ନାମକ ତିନୋଟି ଷ୍ଟାର୍ଟଅପ୍ ର ବିଭିନ୍ନ ଉତ୍ପାଦର ଶୁଭାରମ୍ଭ କରିଥିଲେ । ବିଜ୍ଞାନ ଓ କାରିଗରୀ ବିଭାଗର ଶାସନ ସଚିବ ମନୋଜ କୁମାର ମିଶ୍ର କାର୍ଯ୍ୟକ୍ରମରେ ଯୋଗଦେଇ କହିଥିଲେ ଯେ ଏକ ପ୍ରତିଯୋଗିତାମୂଳକ ପ୍ରକ୍ରିୟାରେ ସଫଳ ହୋଇ ଜୀବବିଜ୍ଞାନ ପ୍ରତିଷ୍ଠାନର ଇନ୍‌କ୍ୟୁବେଟର କେନ୍ଦ୍ର ସରକାରଙ୍କ ଶିଳ୍ପ ତଥା ବାଣିଜ୍ୟ ମନ୍ତ୍ରାଳୟ ପକ୍ଷରୁ ୫ କୋଟି ଟଙ୍କାର ଷ୍ଟାର୍ଟଅପ୍ ପାଣ୍ଠି ହାସଲ କରିପାରିଛି। ଜୀବବିଜ୍ଞାନ ପ୍ରତିଷ୍ଠାନର ନିର୍ଦ୍ଦେଶକ ଡ. ଅଜୟ ପରିଡା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିବା ସହିତ ବିଜ୍ଞାନ ଓ କାରିଗରୀ କୌଶଳ ସହାୟତାରେ ପୋଷଣୀୟ ବ୍ୟବସ୍ଥା, କୃଷି ଏବଂ ପୁଷ୍ଟିସାଧନ, ସ୍ୱାସ୍ଥ୍ୟସେବା, ଇଲେକ୍‌ଟ୍ରୋନିକ୍, ଯନ୍ତ୍ରପାତି ବ୍ୟବସ୍ଥା, ପୂର୍ତ୍ତ ଭିତିଭୂମି ନିର୍ମାଣ ତଥା ଇଂଜିନିୟରିଂ, ପରିବେଶ, ଜଳବାୟୁ ପରିବର୍ତ୍ତନ ତଥା ଶକ୍ତିକ୍ଷେତ୍ରରେ କାର୍ଯ୍ୟକରିବା ନିମନ୍ତେ ବିଭିନ୍ନ ଷ୍ଟାର୍ଟଅପ୍ କୁ ଉତ୍ସାହିତ କରାଯାଉଛି ବୋଲି କହିଥିଲେ । ଏହି ଅବସରରେ ଏକ ପ୍ରଦର୍ଶନୀ ତଥା ଆଲୋଚନା ଚକ୍ର ଏବଂ ପ୍ରଶ୍ନୋତର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବାବେଳେ ଖୋଲା ଅଧିବେଶନରେ ଜାତୀୟ ଧାନଗବେଷଣା କେନ୍ଦ୍ରର ନିର୍ଦ୍ଦେଶକ ଡ. ପଦ୍ମିନୀ ସ୍ୱାଇଁ, ସାମୁଦ୍ରିକ ଉତ୍ପାଦ ରପ୍ତାନୀ ସଂଘ, ଓଡ଼ିଶା ଶାଖା ସଭାପତି ଡ. କମଳେଶ ମିଶ୍ର, ବରିଷ୍ଠ ବୈଜ୍ଞାନିକ ଡ. ସନତ ମିଶ୍ର, ଆଗ୍ରୋ-ଲିଙ୍କ୍ ଖାଦ୍ୟ ପ୍ରକ୍ରିୟାକରଣ ଲିମିଟେଡ୍ ର ପରିଚାଳନା ନିର୍ଦ୍ଦେଶକ ଅସୀତ ମହାପାତ୍ର ଓ ଉଦ୍ୟୋଗୀ ଶ୍ରୀରାମ ପଣ୍ଡା ବକ୍ତବ୍ୟ ରଖିଥିଲେ ।

# ଏକାମ୍ର ହାଟରେ ସ୍ୱତନ୍ତ୍ର ହସ୍ତତନ୍ତ ମେଳା-୨୦୨୨ ଉଦ୍‌ଘାଟିତ

ଭୁବନେଶ୍ୱର,୦୨/୦୬ (ନି.ପ୍ର): ସ୍ଥାନୀୟ ଏକାମ୍ର ହାଟଠାରେ ସମ୍ବଲପୁରୀ ବସ୍ତ୍ରାଳୟ ଦ୍ୱାରା ଏକ ସ୍ୱତନ୍ତ୍ର ହସ୍ତତନ୍ତ ମେଳା-୨୦୨୨ ଉଦ୍‌ଘାଟିତ ହୋଇଯାଇଛି। ଏହି ମେଳାକୁ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ଶ୍ରୀମତୀ ପଦ୍ମିନୀ ଦିଆନ ଉଦ୍‌ଘାଟନ କରି କହିଥିଲେ ଯେ ହସ୍ତତନ୍ତ ସାମଗ୍ରୀ କେବଳ ଆମ ଦେଶ କାହିଁକି ସାରା ପୃଥିବୀର ବିଭିନ୍ନ ଦେଶରେ ଆଦୃତି ଲାଭ କରିଛି। ହସ୍ତତନ୍ତ ଉତ୍ପାଦଗୁଡ଼ିକର ଅଧିକରୁ ଅଧିକ ପ୍ରସାର ଓ ଆଦୃତି ପାଇଁ ଏଭଳି ମେଳାର ଆବଶ୍ୟକତା ରହିଛି। ଉଦ୍‌ଘାଟନୀ ଉତ୍ସବରେ ମହିଳା, ଶିଶୁବିକାଶ ଓ ମିଶନ ଶକ୍ତି ବିଭାଗ ମନ୍ତ୍ରୀ ଶ୍ରୀମତୀ ଟୁକୁନି ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ ଯେ, ଏହିଭଳି ସ୍ୱତନ୍ତ୍ର ହସ୍ତତନ୍ତ ମେଳାର ଆୟୋଜନ ଦ୍ୱାରା ରାଜ୍ୟରେ ହସ୍ତତନ୍ତର ପ୍ରଚାର ଓ ପ୍ରସାର ହୋଇପାରିବ। ସମ୍ମାନିତ ଅତିଥି ଭାବେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମା ଯୋଗଦେଇଥିଲେ। ଓଡ଼ିଶା ବୟନଶିଳ୍ପ ନିର୍ଦ୍ଦେଶକ ସୁଶାନ୍ତ କୁମାର ଦାଶ, ସ୍ୱତନ୍ତ୍ର ସଚିବ ଓ ସେରିଫେଡ୍ ତଥା ଉତ୍କଳିକାର ପରିଚାଳନା ନିର୍ଦ୍ଦେଶକ ସରୋଜ କୁମାର ପଟେଲ, ସମ୍ବଲପୁରୀ ବସ୍ତ୍ରାଳୟର ପରିଚାଳନା ନିର୍ଦ୍ଦେଶକ ଶିଶିର କୁମାର ନାଗ ଏହି ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଥିଲେ ।

# ଅଗଷ୍ଟ ୯ରୁ ରାଜ୍ୟବ୍ୟାପୀ କଂଗ୍ରେସର ପଦଯାତ୍ରା

ଭୁବନେଶ୍ୱର ,୦୨/୦୬ (ନି.ପ୍ର): ଗାଁରୁ ଗାଁ ବୁଲିବ କଂଗ୍ରେସ। ବିଜେଡି ଓ ବିଜେପି ସରକାରଙ୍କ ଦୋଷ ଦୁର୍ବଳତାକୁ ଲୋକଙ୍କ ପାଖରେ ପହଞ୍ଚାଇବ ଦଳ। ଗୋଟିଏ ଜିଲ୍ଲାରେ ସର୍ବାଧିକ ୭୫ କି.ମି ପର୍ଯ୍ୟନ୍ତ ପଦଯାତ୍ରା କରାଯିବ। ଆସନ୍ତା ଅଗଷ୍ଟ ୯ତାରିଖରୁ ଏହି ପଦଯାତ୍ରା ଆୟୋଜନ କରିବା ଲାଗି ନିଷ୍ପତ୍ତି ନେଇଛି ରାଜ୍ୟ କଂଗ୍ରେସ। ଇନଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟର୍ସ ପରିସରରେ ଆଜିଠାରୁ ଆରମ୍ଭ ହୋଇଥିବା ଦୁଇଦିନ ବ୍ୟାପୀ 'ନବସଂକଳ୍ପ ଶିବିର'ରେ କଂଗ୍ରେସ ନେତୃବୃନ୍ଦ ଏକାଠି ହେବା ସହିତ ଅସଜଡ଼ା ହୋଇ ପଡ଼ିଥିବା ସଂଗଠନକୁ କିଭଳି ମଜଭୁତ ହେବ ତାହା ଉପରେ ମାନସ ମନ୍ଥନ କରିଛନ୍ତି। ନବନିଯୁକ୍ତ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ଅଧକ୍ଷତାରେ ଏହି ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ଆସନ୍ତା ୨୦୨୪ ନିର୍ବାଚନ ପାଇଁ ଆକ୍ସନ୍ ପ୍ଲାନ୍ ପ୍ରସ୍ତୁତ କରାଯିବ। ଶିବିରରେ ଉପସ୍ଥିତ କଂଗ୍ରେସ ନେତୃବୃନ୍ଦ ଉଭୟ ବିଜେଡି ଓ ବିଜେପି ସରକାର ବିରୋଧରେ ବର୍ଷିଛନ୍ତି। ଯେଉଁଭଳି ଭାବେ ଉଭୟ ସରକାର ଲୋକମାନଙ୍କୁ ପ୍ରତିଶ୍ରୁତି ଦେଇ ଏଥିରେ ବିଫଳ ହୋଇଛନ୍ତି ସେ ସଂପର୍କରେ ଲୋକମାନଙ୍କ ନିକଟକୁ ଯିବା ଲାଗି ଆଲୋଚନା ହୋଇଛି। ସଭାପତି ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ୯୦ ମସିହାରେ କଂଗ୍ରେସର ୧୦ଜଣ ବିଧାୟକ ଥିଲେ। ଏହା ସତ୍ତ୍ୱେ ବି ୧୯୯୫ରେ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ନେତୃତ୍ୱରେ ଆମେ ସରକାର ଗଢ଼ିଥିଲୁ। ଏବେ କଂଗ୍ରେସର ୯ ଜଣ ବିଧାୟକ ଅଛନ୍ତି। ତେଣୁ କଂଗ୍ରେସ ପୁଣିଥରେ ଓଡ଼ିଶାରେ ଶାସନକୁ ଫେରି ପାରିବ ନାହିଁ ବୋଲି କହିବାର ଅର୍ଥ କିଛି ନାହିଁ।

# ମହିଳା ଶିଶୁ କଲ୍ୟାଣ ବିଭାଗର ରିପୋର୍ଟ ଦାଖଲ: ୧୧-୧୪ ବର୍ଷର ୭୬୪୪ ଛାତ୍ରୀ ସ୍କୁଲରେ ଅନୁପସ୍ଥିତ

ଭୁବନେଶ୍ୱର ,୦୨/୦୬ (ନି.ପ୍ର): ୨୦୨୧ ମସିହାରେ ରାଜ୍ୟର ୧୧ରୁ ୧୪ ବର୍ଷୀୟା ୭୬୪୪ ଛାତ୍ରୀ ସ୍କୁଲରୁ ପାଠପଢ଼ା ଛାଡ଼ିଛନ୍ତି। ଏମାନେ ସବୁ ଅଧାରୁ ପାଠ ଛାଡ଼ିଛନ୍ତି ବୋଲି ରାଜ୍ୟ ମହିଳା ଏବଂ ଶିଶୁ କଲ୍ୟାଣ ବିଭାଗ ପକ୍ଷରୁ ଓଡ଼ିଶା ସ୍କୁଲ ଏଜୁକେସନ ପ୍ରୋଗ୍ରାମ ଅଥରିଟିକୁ ସୂଚନା ଦିଆଯାଇଛି। କୌଣସି ବିଦ୍ୟାର୍ଥୀ ଲଗାତାର ୭ ଦିନ ଅନୁପସ୍ଥିତ ରହିଲେ ସ୍ଥିତି ଅନୁଧାନ ପାଇଁ ଶିକ୍ଷକଙ୍କୁ ନିର୍ଦ୍ଦେଶ ରହିଛି। ଏହା ସତ୍ତ୍ୱେ ଗୋଟିଏ ବର୍ଷ ମଧ୍ୟରେ ଏତେ ସଂଖ୍ୟକ ପିଲା ସ୍କୁଲ ନ ଆସିବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅଧାରୁ ପାଠ ଛାଡ଼ିଥିବା ଏହି ଛାତ୍ରୀଙ୍କ ମଧ୍ୟରେ କଳାହାଣ୍ଡିରେ ସର୍ବାଧିକ ୨୩୭୩, ରାୟଗଡ଼ାର ୨୨୫୬, ଅନୁଗୁଳର ୨୯, ବଲାଙ୍ଗୀର ୧୦୬, ବରଗଡ଼ ୩୩, ବୌଦ୍ଧ ୩, କଟକ ୪, ଦେବଗଡ଼ ୧, ଢେଙ୍କାନାଳ ୨୬, ଗଜପତି ୧୦୯, ଯାଜପୁର ୧, ଝାରସୁଗୁଡ଼ା ୩, କନ୍ଧମାଳ ୪, କେନ୍ଦ୍ରାପଡ଼ା ୨, କେନ୍ଦୁଝର ୨୫୦, ଖୋର୍ଦ୍ଧା ୧୪୯, କୋରାପୁଟ ୯୭୦, ମାଲକାନଗିରି ୬୫୫, ମୟୂରଭଞ୍ଜ ୨୧, ନବରଙ୍ଗପୁର ୨୦୪, ନୟାଗଡ଼ ୩୯, ନୂଆପଡ଼ା ୩୪୯, ସମ୍ବଲପୁର ୫୪ ଏବଂ ସୋନପୁରର ୩ ଛାତ୍ରୀ ରହିଛନ୍ତି। ଲକ୍ ?ଡାଉନ ଦେଢ଼ ବର୍ଷ ଧରି ଛାତ୍ରୀମାନେ ସ୍କୁଲ ନଆସିବାରୁ ଏମାନଙ୍କ ମଧ୍ୟରୁ ଅନେକ ବିବାହ କରିଛନ୍ତି ତ ଅଧିକାଂଶ ରୋଜଗାର ପାଇଁ ବାହାରକୁ ଚାଲି ଯାଇଛନ୍ତି। ଯେଉଁମାନେ ବାହାରକୁ ମଧ ଯାଇ ନାହାନ୍ତି ସେମାନେ ନିଜ ଜିଲ୍ଲାରେ କାହା ଘରେ, ଦୋକାନରେ କିମ୍ବା ନିର୍ମାଣ ଶ୍ରମିକ ଭାବରେ କାର୍ଯ୍ୟ କରୁଛନ୍ତି। ମହାମାରୀରେ ଅଭିଭାବକ ହରାଇଥିବା ଅନେକ ପିଲା ନିଜ ଭାଇ, ଭଉଣୀଙ୍କ ଯତ୍ନ ନେବା ପାଇଁ ଅଧାରୁ ପାଠ ଛାଡ଼ି ଦେଇଥିବା ଜଣାପଡ଼ିଛି। କଳାହାଣ୍ଡି, ରାୟଗଡ଼ା ଏପରିକି ଖୋର୍ଦ୍ଧାରେ ଏତେ ସଂଖ୍ୟକ ଝିଅ ଅନୁପସ୍ଥିତ ରହିବା ସେଠାକାର ସାମାଜିକ ଏବଂ ଆର୍ଥିକ ସ୍ଥିତିର ଚିତ୍ରକୁ ବୟାନ କରୁଛି। ରୋଜଗାର ପାଇଁ ଏହି ଜିଲ୍ଲାରୁ ଅଧିକ ସଂଖ୍ୟକ ଶ୍ରମିକ ବାହାରକୁ ଯାଇଥାଆନ୍ତି। ଲକ୍‌ଡାଉନରେ ସ୍କୁଲ ଏପରିକି ଆବାସିକ ଛାତ୍ରାବାସ ବନ୍ଦ ଥିବା ଯୋଗୁଁ ସେମାନେ ନିଜ କିଶୋରୀ ଝିଅଙ୍କୁ ମଧ ସାଙ୍ଗରେ ନେଇଯାଇଥିବା ଜଣାପଡ଼ିଛି। ସେଠାରେ ଏହି ଝିଅମାନଙ୍କ ପାଠପଢ଼ା ଚାଲିଛି ନା ବନ୍ଦ ହୋଇଯାଇଛି ଏସମ୍ପର୍କରେ ସ୍ପଷ୍ଟ ଚିତ୍ର ନାହିଁ। ଝିଅଙ୍କ ଅନୁପସ୍ଥିତ ନେଇ ରିପୋର୍ଟ ଦାଖଲ କରିଥିବା ମହିଳା ଏବଂ ଶିଶୁ କଲ୍ୟାଣ ବିଭାଗ ଯୁଗ୍ମ ସଚିବ ବିଥିକା ସ୍ୱାଇଁ ଏନେଇ ସ୍ପଷ୍ଟ ମତ ଦେଇ ନଥିବା ବେଳେ ପିଲାଙ୍କ ନାମଲେଖା ପାଇଁ ଶିକ୍ଷା ଅଧିକାରୀ ଏବଂ ପ୍ରକଳ୍ପ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡ଼ିଛି। ସମ୍ବଲପୁରସ୍ଥିତ ଲେଡିଲୁଇସ ବାଳିକା ହାଇସ୍କୁଲ ଜଣେ ଶିକ୍ଷୟିତ୍ରୀଙ୍କ ଅନୁସାରେ ସ୍କୁଲ ବନ୍ଦ ହୋଇଯାଇଥିବାରୁ ସଚେତନତା ଅଭାବରୁ ଅନେକ ପିଲାଙ୍କ ପାଠପଢ଼ା ବନ୍ଦ ହୋଇଯାଇଛି।

# ୨ୟ ପର୍ଯ୍ୟାୟରେ ମୟୂରଭଂଜ ଜିଲ୍ଲାର ୩୩୯ଟି ସ୍କୁଲ ଉଦ୍‌ଘାଟିତ




ବାରିପଦା, ୦୨/୦୬ (ନି.ପ୍ର): ଆଜି ୨ୟ ପର୍ଯ୍ୟାୟରେ ୫ଟି ଯୋଜନା ମଧ୍ୟମରେ ରୁପାନ୍ତରଣ ହୋଇଥିବା ମୟୂରଭଂଜ ଜିଲ୍ଲାର ୩୩୯ ଟି ସ୍କୁଲକୁ ମୁଖ୍ୟମନ୍ତ୍ରୀ ଲୋକସେବା ଭବନରୁ ଭର୍ଚ୍ଚୁଆଲ ମାଧ୍ୟମରେ ଉଦଘାଟନ କରିଥିବା ବେଳେ, ମୁଖ୍ୟ ସାଶନ ସଚିବ, ଶିକ୍ଷା ସଚିବ, ପଂଚାୟତିରାଜ ସଚିବଙ୍କ ସହ ୫ଟି ସଚିବ ଭି. କାର୍ତିକେୟନ ପାଣ୍ଡିୟାନ ପ୍ରମୁଖ ବହୁ ପଦାଧିକାରୀ ମାନେ ଉପସ୍ଥିତ ଥିଲେ ୦୨/୦୬ (ନି.ପ୍ର) । ଏହି ଅବସରରେ ମୋରୋଡା ବ୍ଲକର ପାଟପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ଆୟୋଜିତ ଏକ ଜିଲ୍ଲା ସ୍ତରୀୟ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୟୂରଭଂଜ ଜିଲ୍ଲାପାଳ ବିନୀତ ଭରଦ୍ୱାଜଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବରେ ରାଜସ୍ୱ ଓ ବିପର୍ଯ୍ ?ଯୟ ପ୍ରଶମନ ମନ୍ତ୍ରୀ ସୁଦାମ ମାରାଣ୍ଡି, ରାଜ୍ୟସଭା ସାଂସଦ ମମତା ମହାନ୍ତ, ମୋରଡା ବିଧାୟକ ରାଜକିଶୋର ଦାସ, କରଂଜିଆ ବିଧାୟିକା ବାସନ୍ତି ହେମ୍ବ୍ରମ ଏବଂ ବିଦ୍ୟାଳୟର ଜଣେ ନବମ ଶ୍ରେଣୀର ଛାତ୍ରୀ ପୂର୍ଣ୍ଣିମା ମାରାଣ୍ଡି ଯୋଗ ଦେଇ ମୁଖ୍ୟମନ୍ତ୍ରୀ ୫ଟି ଯୋଜନାରେ ଏଭଳି ବିଦ୍ୟାଳୟ ରୁପାନ୍ତରଣ କାର୍ଯ୍ୟକ୍ରମକ କାର୍ଯ୍ୟକାରୀ କରି ଶିକ୍ଷାର ବିକାଶ ଦିଗରେ ସଫଳତା ହାସଲ କରିଥିବାରୁ ସାଧୁବାଦ ଜ୍ଞାପନ କରିଥିଲେ । ଏହି ରୁପାନ୍ତରଣ ବିଦ୍ୟାଳୟରେ ସ୍ମାର୍ଟ ଶ୍ରେଣୀ ଗୃହ, ଇ-ଲାଇବ୍ରେରୀ, ଲାବରେଟୋରୀ, ଅତ୍ୟାଧୁନିକ ସାଇନ୍ସଲ୍ୟାବ, ଭଲ ଖେଳପଡିଆ, ଇଂଟରନେଟ ଓ ବିଜୁଳି, ସ୍ୱଚ୍ଛ ପାନୀୟ ଜଳ, ଉନ୍ନତ ମାନର ପରିମଳ ବ୍ୟବସ୍ଥା ଆଦି ସୁବିଧା ରହିଛି । ଏହି ୨ୟ ପର୍ଯ୍ୟାୟରେ ଜିଲ୍ଲାର ବାରିପଦା ସବଡିଭିଜନ ଅନ୍ତର୍ଗତ ବଡସାହି ବ୍ଲକର ୨୫ଟି, ବାଙ୍ଗିରିପୋଷୀ ବ୍ଲକର ୧୩ଟି, ବାରିପଦା ବ୍ଲକର ୧୭ଟି, ବେତନଟି ବ୍ଲକର ୨୨ଟି, କୁଲିଅଣା ବ୍ଲକର ୧୩ଟି, ମୋରୋଡା ବ୍ଲକର ୧୯, ରାସଗୋବିନ୍ଦପୁର ବ୍ଲକର ୧୨ଟି, ସାରସକଣା ବ୍ଲକର ୧୩ଟି, ଶ୍ୟାମାଖୁଂଟା ବ୍ଲକର ୧୧ଟି, ଶୁଳିଆପଦା ବ୍ଲକର ୧୫ଟି, ବହଳଦା ବ୍ଲକର ୧୦ଟି, ବିଜାତୋଳା ବ୍ଲକର ୮ଟି, ବିଶୋଇ ବ୍ଲକର ୯ଟି, ଜାମଦା ବ୍ଲକର ୫ଟି, କୁସୁମୀ ବ୍ଲକର ୯ଟି, ରାଇରଙ୍ଗପୁର ବ୍ଲକର ୬ଟି, ତିରିଂ ବ୍ଲକର ୭ଟି ସ୍କୁଲର ୫ଟି ଅଧିନରେ ରୁପାନ୍ତରଣ କରାଯାଇଥିବା ବେଳେ, କରଂଜିଆ ସବଡିଭିଜନ ଅନ୍ତର୍ଗତ ଯଶିପୁର ବ୍ଲକର ୧୬ଟି, କରଂଜିଆ ବ୍ଲକର ୧୪ଟି, ରରୁଆଁ ବ୍ଲକର ୧୦ଟି, ଶୁକୃଳି ବ୍ଲକର ୮ଟି, ଠାକୁରମୁଣ୍ଡା ବ୍ଲକର ୧୪ଟି ସ୍କୁଲ, ଉଦଳା ସବଡିଭିଜନର ଗୋପବନ୍ଧୁ ନଗର ବ୍ଲକର ୧୩ଟି, କପ୍ତିପଦା ବ୍ଲକର ୨୪ଟି, ଖୁଂଟା ବ୍ଲକର ୧୨ଟି, ଉଦଳା ବ୍ଲକର ୧୪ଟି ସ୍କୁଲକୁ ମିଶାଇ ମୋଟ ଜିଲ୍ଲାର ୩୩୯ଟି ସ୍କୁଲର ରୁପାନ୍ତରଣ କାର୍ଯ୍ୟ ମୋଟ ୨୦୩.୪୦ କୋଟି ଟଙ୍କା ବ୍ୟୟରେ ସମ୍ପାଦନ କରାଯାଇଛି । ସେହିପରି ଗତ ତା ୧୮/୧୧/୨୨ ରିଖ ପ୍ରଥମ ପର୍ଯ୍ୟାୟରେ ମୋଟ ୬୦ଟି ସ୍କୁଲ ରୁପାନ୍ତରଣ କରାଯାଇଥିଲା । ତେବେ ମୋଟ ୨ଟି ପର୍ଯ୍ୟାୟରେ ଜିଲ୍ଲାର ୩୯୯ ଟି ସ୍କୁଲର ରୁପାନ୍ତରଣ କାର୍ଯ୍ୟ ସମ୍ପାଦନ ହୋଇଥିବାର ଜଣା ଯାଇଛି । ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ମୟୂରଭଂଜ ଏସପି ରିଷିକେଶ ଦ୍ୟାନଦେଓ ଖିଲାରୀ, ପିଡି ଡିଆରଡିଏ ପି. ଅନ୍ୱେଷା ରେଡ୍ଡି, ବାରିପଦା ଉପଜିଲ୍ଲାପାଳ ଅନ୍ୟା ଦାସ, ଅତିରିକ୍ତ ଜିଲ୍ଲାପାଳ ରୁଦ୍ରନାରାୟଣ ମହାନ୍ତି, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବିନ୍ଦ୍ର ନାୟକ, ବହୁ ଜିଲ୍ଲା ସ୍ତରୀୟ ପଦାଧିକାରୀ, ଛାତ୍ରଛାତ୍ରୀ, ଅଭିଭାବକ, ପିଆରଆଇ ମେମ୍ବର ପ୍ରମୁଖ ଉପସ୍ଥିତ ରହିଥିଲେ । ତେବେ ଓଡିଶା ସରକାରଙ୍କ ଏହି ୫ଟି ଯୋଜନାରେ ସ୍କୁଲ ରୁପାନ୍ତରଣ କାର୍ଯ୍ୟକ୍ରମ କରାଯାଇଥିବାରୁ ଉତମ ଓ ବିକଶିତ ଶୈକ୍ଷିକ ପରିବେଶ ସୃଷ୍ଟି ହୋଇପାରିବ ବୋଲି ଅତିଥି ମାନେ କହିଛନ୍ତି ।

## ବାବା ନିଳକଣ୍ଠେଶ୍ୱର ମହାଦେବଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଓ କଳସ ଶୋଭାଯାତ୍ରା

ଜଳେଶ୍ୱର, ୦୨/୬(ନି.ପ୍ର): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ମହମ୍ମଦନଗରପାଟଣା ପଂଚାୟତର ସେହିଗାଁରେ ଆଜି ବାବା ନିଳକଣ୍ଠେଶ୍ୱର ମନ୍ଦିରର ଉଦ୍‌ଘାଟନ ଓ କଳସ ଶୋଭାଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ସକାଳେ ଗ୍ରାମର ଶହ ଶହ ମହିଳା ସୁବର୍ଣ୍ଣରେଖା ନଦୀତୀର ଶିଖରପୁର ଘାଟରୁ ପବିତ୍ର ପାଣି ଧରି ଶୋଭାଯାତ୍ରାରେ ମନ୍ଦିର ଅଭିମୁଖେ ଆସିଥିଲେ । ସେଠାରେ ପବିତ୍ର ପାଣିରେ ମନ୍ଦିର ଧୌତ କଲାପରେ ପୂଜାକାର୍ଯ୍ୟ ଆରମ୍ଭ ହୋଇଥିଲା । ଆଜି ୮ଜଣ ପଣ୍ଡିତଙ୍କ ଦ୍ୱାରା ଯଜ୍ଞକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ଗ୍ରାମବାସୀ ଓ ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗରେ ଏପରି ଭବ୍ୟ ନିର୍ମାଣ ହୋଇଥିବା ବେଳେ ପୂଜାକମିଟି ଉପଦେଷ୍ଟା ଗୌରୀଶଂକର ପାଣିଗ୍ରାହୀ ଓ ଗ୍ରାମ୍ୟ କମିଟିର ମୁଖ୍ୟ ତ୍ରିଲୋଚନା ଦାସ, ମନ୍ଦିର ପରିଚାଳନା କମିଟି ମୁଖ୍ୟ ଶିବ ଶଂକର ଦାସ ଓ ସଦସ୍ୟମାନେ ଉପସ୍ଥିତ ଥିଲେ ।

## ଆମା ଭାଗବାନଙ୍କ ମନ୍ଦିର ପ୍ରତିଷ୍ଠା

ନୀଳଗିରି, ୦୨/୦୬ (ନି.ପ୍ର): ନୀଳଗିରି ଏନ.ଏ.ସି. ଅଧୀନ ଗୋପିନାଥପୁର ଠାରେ ଶ୍ରୀ ଆମ୍ମା ଭଗବାନଙ୍କ ସୁବର୍ଣ୍ଣଯୁଗ ନୂତନ ମନ୍ଦିରକୁ ସୁଦୂର ଚେନାଇରୁ ଆସିଥିବା ମାର୍ଗଦର୍ଶିକା ବନ୍ଦନା ଦାସଜୀଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଛି । ସଂପୂର୍ଣ୍ଣ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ଓ ହୋମଯଜ୍ଞ ସହ ଅଂଚଳର ଶାନ୍ତିପ୍ରତିଷ୍ଠା ମାନବ ଜୀବନକୁ ଭବଚୈତନ୍ୟ ଭରିଦେବା ପାଇଁ ଉପସ୍ଥିତ ଭକ୍ତ ଶ୍ରଦ୍ଧାଳୁମାନେ ସମୂହ ଭଜନ କୀର୍ତନ ସହ ପ୍ରାର୍ଥନା କରିଥିଲେ । ସମସ୍ତେ ଆରୋଗ୍ୟ, ସୂର୍ଯ୍ୟ, ସୁସମ୍ପର୍କ, ଆନନ୍ଦ, ଜୀବନମୁକ୍ତି ପ୍ରାପ୍ତି ପାଇଁ ଆମା ଭଗବାନଙ୍କ ଠାରେ ପ୍ରଗାଢ଼ ବିଶ୍ୱାସ ସହ ନିଜକୁ ସମର୍ପି ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଦଶରଥ ସିଂ, ସିଦ୍ଧାର୍ଥ ସିଂ, ଫୁଲମଣି ସିଂ, ସ୍ନେହଲତା ପଣ୍ଡା, ରଇବାରି ସିଂ, ପ୍ରମୁଖ ଯୋଗ ଦେଇଥିଲେ ।

## ପୂର୍ବତନ ବିଜେପି ସୋନପୁର ଜିଲ୍ଲା ସଭାପତି ନିଲମ୍ବିତ

ଭୁବନେଶ୍ୱର, ୦୨/୦୬ (ନି.ପ୍ର): ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ଦଳବିରୋଧୀ କାର୍ଯ୍ୟ ଏବଂ ଦଳୀୟ ଅନୁଶାସନ ଭଙ୍ଗ କାରଣରୁ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ପୂର୍ବତନ ସୋନପୁର ଜିଲ୍ଲା ସଭାପତି ବଳଦେବ ବେଦବାକ୍ଙ୍କୁ ଦଳର ପ୍ରାଥମିକ ସଦସ୍ୟ ପଦରୁ ନିଲମ୍ବନ କରାଗଲା ବୋଲି ରାଜ୍ୟ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ ।

# ଥଇଥାନ ଯୋଜନାକୁ ପ୍ରଶାସନ ଓ ଗ୍ରାମବାସୀ ମୁହାଁମୁହିଁ



ଜଳେଶ୍ୱର,୦୨/୦୬ (ନି.ପ୍ର): ଦୁଇବର୍ଷ ଧରି ଜଳେଶ୍ୱର ପୌରପାଳିକାର ୧୫ନଂ ୱାର୍ଡ ନହଞ୍ଜରା ଠାରେ ଜାଗା ମିଶନ ଯୋଜନାରେ ପ୍ରଶାସନ ସେଠାରେ ଥିବା ସରକାରୀ ସ୍ଥାନକୁ ହାତକୁ ନେବାକୁ ଚାହୁଁଥିବା ବେଳେ ଗ୍ରାମବାସୀ ବିରୋଧ କରି ଆସୁଛନ୍ତି । ଆଜି ପ୍ରଶାସନ ପକ୍ଷରୁ ସ୍ଥାନ ମାପଚୁପ କରିବାକୁ ଯାଇଥିବା ବେଳେ ଶତାଧିକ ଗ୍ରାମବାସୀ ବିରୋଧ କରିବାରୁ ଉଭୟେ ମୁହଁମୁହିଁ ହୋଇଥିଲେ । ସେଠାରେ ଥଇଥାନ ଯୋଜନରେ ବିସ୍ତର୍ଣ୍ଣ ଅଂଚଳକୁ ନିଆନଯାଇ ସରକାରଙ୍କ କୌଣସି ଉନ୍ନତିମୂଳକ କାର୍ଯ୍ୟରେ ନିଆଗଣେ ଗ୍ରାମବାସୀଙ୍କ ବିରୋଧ କରାଯିବ ନାହିଁ ବୋଲି ଗ୍ରାମବାସୀମାନେ ସ୍ପଷ୍ଟ କରି କହିଛନ୍ତି । ଗ୍ରାମବାସୀଙ୍କ ପ୍ରବଳ ବିରୋଧ ଯୋଗୁଁ ପ୍ରଶାସନ ଖାଲିହାତରେ ଫେରିବାକୁ ବାଧ୍ୟ ହୋଇଛି । ନହଞ୍ଜରା ଗ୍ରାମର ଖାତା ନଂ ୩୪୩ ଖସଡା ନଂ ୩୭୫ ୧୧ ଏକର ୭୦ ଡିସିମିଲ ସ୍ଥାନଟି ପତିତଭାବେ ପଡି ରହିଛି । ପୂର୍ବେ ଏହା ଗୋଚର ଥିବା ବେଳେ ୨୦୦୯ ମସିହାରେ ତତ୍‌କାଳୀନ ତହସିଲଦାର ଉନ୍ନତଯୋଗ୍ୟ ସରକାରୀ ସ୍ଥାନଭାବେ ରୂପାନ୍ତର କରିଛନ୍ତି । କିନ୍ତୁ ଗ୍ରାମବାସୀମାନେ ଗତ ୨୬-୭-୨୧ରେ ଗ୍ରାମଲୋକଙ୍କ ଗରୁଗାଈ ଚରିବା, ଶ୍ମଶାନ ଇତ୍ୟାଦି କାର୍ଯ୍ୟରେ ଏହା ବ୍ୟବହାର କରଯାଉଥିବାରୁ ଏହାର କିସମ ପରିବର୍ତ୍ତନ ନ କରିବାକୁ ଗ୍ରାମବାସୀ, ତହସିଲଦାର, ଜିଲାପାଳ, ରାଜସ୍ୱପର୍ଷଦ, ବିଧାୟକ ଓ ସାଂସଦଙ୍କୁ ଜଣାଇଥିଲେ । କିନ୍ତୁ ଜଳେଶ୍ୱର ସହର ମଧ୍ୟଦେଇ ଯାଇଥିବା ରେଳପଥର ୩ୟ ଲାଇନ୍ ନିର୍ମାଣ, ୪୫ନଂ ରେଳ ଉଡନ୍ତା ପୋଲ ଇତ୍ୟାଦିରେ ବିସ୍ଥାପିତ ହୋଇଥିବା ଲୋକଙ୍କୁ ଥଇଥାନ କରିବାନେଇ ସେଠାରେ ନୂତନ କଲୋନୀ ସୃଷ୍ଟି ପାଇଁ ପ୍ରଶାସନ ସିଦ୍ଧାନ୍ତ ନେଇଥିବା କୁହାଯାଇଛି । ଏଥିନେଇ ଗ୍ରାମବାସୀଙ୍କ ସହ ବିସ୍ତୃତ ଆଲୋଚନା ହେଉନଥିବାରୁ ତଥା ଥଇଥାନ ଯୋଜନାରେ ଉକ୍ତ ସ୍ଥାନକୁ ବ୍ୟବହାର ନ କରି ଉନ୍ନୟନ କାର୍ଯ୍ୟରେ ବ୍ୟବହାର କରାଯିବାକୁ ଆଜି ଗ୍ରାମମୁଖ୍ୟ ଦିଲ୍ଲିପ କୁମାର ପରିଡା, ସଂପାଦକ ସୁଧିର କୁମାର ଦାସ, ଅମୂଲ୍ୟ ଦତ୍ତ, ବିରଞ୍ଚି ନାରାୟଣ ଭୂୟାଁ, ଗୋପାଳ ଚାନ୍ଦ, ନବିନ ଭୂୟାଁ, ରବିନ୍ଦ୍ର ଭୂୟାଁଙ୍କ ନେତୃତ୍ୱରେ ଶହ ଶହ ଗ୍ରାମବାସୀ ବିରୋଧ କରିଛନ୍ତି । ଘଟଣାସ୍ଥଳରେ ପୌର ନିର୍ବାହୀ ଅଧିକାରୀ ଅଜୟ ମହାପାତ୍ର, ଅତିରିକ୍ତ ତହସିଲଦାର ହେମନ୍ତ ନାୟକ, ରାଜସ୍ୱ ଅଧିକାରୀ ଦିଲ୍ଲିପ ଚାନ୍ଦ, ଆଇଆଇସି ରୋଜାଲିନ୍ ବେହେରା ପ୍ରମୁଖ ଘଟଣାସ୍ଥଳରେ ରହି ଗ୍ରାମବାସୀଙ୍କୁ ବୁଝାସୁଝା କରିଥିଲେ । ଉପସ୍ଥିତ ଗ୍ରାମବାସୀଙ୍କ ମତାମତ ସଂପର୍କରେ ଜିଲା ପ୍ରଶାସନକୁ ସ୍ଥାନୀୟ ପ୍ରଶାସନ ଜଣାଇବେ ବୋଲି କହୁଯାଇଛି ।

# ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳନ ଅବସରରେ ବକୃତା ପ୍ରତିଯୋଗିତା



ବାରିପଦା, ୦୨/୦୬ (ନି.ପ୍ର): ଜିଲ୍ଲା ସ୍ତରୀୟ ବିଶ୍ୱ ତମ୍ବାଖୁ ବର୍ଯ୍ୟନ ଦିବସ ଉପଲେକ୍ଷ ଏକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ଚାରୁବାଳା ରଥ ଙ୍କ ତତ୍ତ୍ୱାବଧାନରେ ଏଡିଏମଓ ମେଡିକାଲ ଡା. ନିହାର ରଞ୍ଜନ ଦାସ, ଡା. ସାନ୍ତୁନୁ ଦାସ , ଡା. ଘାସିରାମ ମୁର୍ମୁ , ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲ୍ଲା ପରିଚାଳକ ପ୍ରୟନ୍ତ ପତୀ , ଡିଏମଆରସିଏଚ ନିହାର ରଞ୍ଜନ ପୃଷ୍ଟି, କହ୍ନେଇ ନାୟକ, ଡିପିଓ ଏନଏସ୍ଏସ୍ ଡା. ସ୍ମୃତିରଞ୍ଜନ ଦାସ, ଏଏନ୍ଏମ୍‌ଟିସି ପ୍ରିନ୍ସିପାଲ ଭାରତୀ ଆରୁପ୍ ପ୍ରମୁଖ ମଂଚାସୀନ ରହି ତମ୍ବାଖୁ ସେବନର ଅପକାରିତା ସମ୍ପର୍କରେ ସଚେତନ କରାଇବା ସହିତ କୃତି ପ୍ରତିଯୋଗିତା ମାନଙ୍କୁ ପୁରସ୍କୃତ କରାଇଥିଲେ । ଡା. ବିରୁଦତ୍ତ ଦାସ, ଶ୍ରୀ ନିହାର ରଞ୍ଜନ ପୃଷ୍ଟି ଓ ଶ୍ରୀ କହ୍ନେଇ ଚରଣ ନାୟକ ଏହି କର୍ଯ୍ୟକ୍ରମକୁ ସୁପରିଚାଳନା କରିବାର ଦାଇତ୍ୱ ନିର୍ବାହ କରିଥିଲେ । ସର୍ବଶେଷରେ ଡା. ରଥ ତାଙ୍କର ଅଭିଭାଷଣରେ କହିଥିଲେ ଯେ ସରକାରଙ୍କର କଟପା ନିୟମ ୨୦୦୩ ଅନୁସାରେ ୧୦୦ ମି. ଦୂରତାରେ କୌଣସି ବ୍ୟକ୍ତି ତମ୍ବାଖୁ ଜାତୀୟ ଦ୍ରବ୍ୟର ବିକ୍ରୟ କିମ୍ବା ପ୍ରଚାର କରିପାରିବେ ନାହିଁ ଜିଲ୍ଲା ଏନ୍ଫର୍ସମେଣ୍ଟ ସ୍କ୍ୱାଡ୍ ତରଫରୁ ଉକ୍ତ ନିୟମର ଯେପରି ଉଲଂଘନ ନହୁଏ ତାହାର ତଦାରଖ କରିବେ ।

## +୨ ଖାତାଦେଖା ଆରମ୍ଭ ହେଲା

ଭୁବନେଶ୍ୱର, ୦୨/୦୬ (ନି.ପ୍ର): ଯୁକ୍ତ ୨ ଖାତା ମୂଲ୍ୟାୟନ ପ୍ରକ୍ରିୟା ଆଜି ଠାରୁ ଆରମ୍ଭ ହୋଇଛି । ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ପ୍ରଥମ ପ୍ରଥମ ପର୍ଯ୍ୟାୟ ଆଜି ଠାରୁ ଆରମ୍ଭ ହୋଇଛି ଓ ଏହା ୧୨ ପର୍ଯ୍ୟନ୍ତ ମୂଲ୍ୟାୟନ ଚାଲିବ । ସେହିପରି ଜୁନ୍ ୧୩ରୁ ୨୨ ଯାଏଁ ୨ୟ ପର୍ଯ୍ୟାୟ ମୂଲ୍ୟାୟନ ହେବ ବୋଲି ଜଣା ପଡିଛି । ୬୪ କେନ୍ଦ୍ରରେ ଅଫ୍‌ଲାଇନ୍ ଓ ୩୭ଟି କେନ୍ଦ୍ରରେ ଅନ୍‌ଲାଇନ୍ ମୂଲ୍ୟାୟନ ହେବ।

# ମଞ୍ଜୁରୀଠାରେ ଗାନ୍ଧୀଙ୍କ ହରିଜନ ପଦଯାତ୍ରା ସ୍ମୃତିଚାରଣ



ଭଦ୍ରକ,୦୨/୦୬ (ନି.ପ୍ର): ଅସ୍ପୃଶ୍ୟତା ଦୂରୀକରଣ ଓ ହରିଜନଙ୍କ ଉତ୍‌ଥାନ ପାଇଁ ପାଣ୍ଠି ସଂଗ୍ରହ କାର୍ଯ୍ୟରେ ୧୯୩୪ ମସିହାରେ ଗାନ୍ଧିଜୀ ଭାରତ ଭ୍ରମଣ କାଳରେ ପୁରୀରୁ ଭଦ୍ରକ ଯାଏ ପଦଯାତ୍ରା କରିଥିଲେ। ଗାନ୍ଧିଜୀଙ୍କ ଉକ୍ତ ପଦଯାତ୍ରା ଐତିହାସିକ 'ହରିଜନ ପଦଯାତ୍ରା' ଭାବେ ଖ୍ୟାତ। ୧୯୩୪ ଜୁନ ୨ ତାରିଖ ଯାଜପୁର ସଭାରେ ୧୦ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କୁ ତାଙ୍କର ଯାତ୍ରାର ଉଦ୍ଦେଶ୍ୟ ସଂକ୍ରାନ୍ତରେ କହୁକହୁ କହିଥିଲେ 'ମୁଁ ବହୁତ ଥର କହି ସାରିଛି ଯେ, ଯେଉଁ ମନ୍ଦିରରେ ହରିଜନମାନଙ୍କର ଦର୍ଶନ କରିବା ଅଧିକାର ନାହିଁ, ସେ ମନ୍ଦିରରେ ମୂର୍ତ୍ତି ଥିଲେ ମଧ୍ୟ ସେଥିରେ ଭଗବାନଙ୍କର ପ୍ରତିଷ୍ଠା ହୋଇ ନାହିଁ। ଭଗବାନଙ୍କୁ ଆମେ ପତିତପାବନ କହିଥାଉ, ଦରିଦ୍ର ନାରାୟଣ କହିଥାଉ। ଏହିପରି ହଜାର ହଜାର ବିଶେଷଣ ଅଛି, ଯେଉଁଥିରୁ ଆମେ ଶିକ୍ଷା ପାଇବୁ ଯେ, ଭଗବାନ ଗୋଟିଏ ଲୋକ ବା ଗୋଟିଏ ଜାତିର ନୁହେଁ। ସେ ସମସ୍ତଙ୍କର ଭଗବାନ।' ସଭା ପରେ ବୈତରଣୀ ନଦୀ ପାର ହୋଇ ଏବର ଭଦ୍ରକ ଜିଲ୍ଲା ମଞ୍ଜୁରୀ ଗ୍ରାମରେ ଏକ ସଭାରେ ଯୋଗ ଦେଇଥିଲେ ଓ ଏକ ଚଟିଘରେ ରାତ୍ରି ଯାପନ କରିଥିଲେ। ଜୁନ ୩ ତାରିଖ ସକାଳ ମଞ୍ଜୁରୀରୁ ବାହାରି କହରାପୋଖରୀ ଠାରେ ମଧ୍ୟାହ୍ନ ରହଣି ଓ ସଭା ପରେ ତୋଡଙ୍ଗାରେ ପହଞ୍ଚି ସନ୍ଧ୍ୟା ପ୍ରାର୍ଥନା ପରେ ଏକ ସାଧାରଣ ସଭାରେ ଯୋଗ ଦେଇଥିଲେ ଓ ହରିଜନ ବସ୍ତିରେ ସଫେଇ କାର୍ଯ୍ୟ ସହିତ ସ୍ୱାସ୍ଥ୍ୟରକ୍ଷା ସଂକ୍ରାନ୍ତୀୟ ପରାମର୍ଶ ଦେଇଥିଲେ। ତୋଡଙ୍ଗାରେ ଜୁନ ୩ ରାତ୍ରି ଓ ୪ ତାରିଖ ରହିଲା ପରେ ଜୁନ ୫ ତାରିଖରେ ବାରିକପୁର ଦେଇ ଗରଦପୁର ଆଶ୍ରମରେ ପହଞ୍ଚିଥିଲେ। ୬ ତାରିଖରେ ଗରଦପୁର ସଭା, ୭ ତାରିଖରେ ଭଦ୍ରକରେ ସଭା ସାରି ବର୍ଷା ଯୋଗୁଁ ପଦଯାତ୍ରା କାର୍ଯ୍ୟକ୍ରମ ବାତିଲ କରି ଜୁନ ୮ ତାରିଖ ରେଳ ଯୋଗେ ଖଡଗପୁର ଦେଇ ୱାର୍ଦ୍ଧା ଯାତ୍ରା କରିଥିଲେ। ଉକ୍ତ ପଦଯାତ୍ରାରେ ଅନ୍ୟ ପଦଯାତ୍ରୀମାନେ ମୀରା ବେନ୍, ଶେଠ ଯମୁନାଲାଲ ବଜାଜଙ୍କ ଝିଅ କୁମାରୀ ଉମା, ଜୟପ୍ରକାଶଙ୍କ ସହଧର୍ମିଣୀ ପ୍ରଭାବତୀ ଦେବୀ, କୁମାରୀ ସୁଶୀଳା ବାଇ, ଜର୍ମାନୀ ସାମ୍ବାଦିକ ବୁଟୋ, ଗୋପବନ୍ଧୁ ଚୌଧୁରୀ, ରମା ଦେବୀ, ହରେକୃଷ୍ଣ ମହତାବ, ନୀଳକଣ୍ଠ ଦାସ ଓ ବିନୋଦ କାନୁନ୍‌ଗୋଙ୍କ ସମେତ କେତେଜଣ କର୍ମୀ ଓ ସାମ୍ବାଦିକ ଥିଲେ। ପଦଯାତ୍ରାର ସ୍ମୃତି ସ୍ୱରୂପ ଗାନ୍ଧିଜୀଙ୍କ ରହଣି ଚଟିଘର ମଞ୍ଜୁରୀ ଠାରେ ଥିବା ବେଳେ ଗାନ୍ଧିଜୀଙ୍କ ଏକ ପ୍ରତିମୂର୍ତ୍ତି ସ୍ଥାପିତ ହୋଇଛି। ଗାନ୍ଧି ଶାନ୍ତି ପ୍ରତିଷ୍ଠାନର ସଭାପତି ଅଖିଳ କୁମାର ପାଢୀଙ୍କ ନେତୃତ୍ୱରେ ସମ୍ପାଦକ ତୁଷାରକାନ୍ତି ମହାନ୍ତି ଓ ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ଏସ.ଏମ. ଫାରୁକ, ହରି ନନ୍ଦୀ, ବୈଲୋଚନ ବେହୁରିଆ, ଅଧ୍ୟାପକ ନାସିର ବକ୍ସ, ପବନ ଶର୍ମା, ଲକ୍ଷ୍ମୀକାନ୍ତ ବାରିକ ଆଦି ସକାଳ ୮ ଘଟିକାରେ ମଞ୍ଜୁରୀ ଯାଇ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ମିଷ୍ଟାନ୍ନ ଓ ପୁସ୍ତକ ବଣ୍ଟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସୁଧାଂଶୁ ଧଳ ଓ ଅଜୟ ରାଉତରାୟ ସହଯୋଗ କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ପିଏମ୍ ଶ୍ରୀ ସ୍କୁଲ ଜାତୀୟ ଶିକ୍ଷା ....

ଦ୍ୱାରା ନୂଆ ଜାତୀୟ ଶିକ୍ଷା ନୀତି-୨୦୨୦ପ୍ରଣୟନର ଦୁଇ ବର୍ଷ ପୂର୍ତି ହେବାକୁ ଯାଉଛି। ବିଗତ ୨ ବର୍ଷରେ ଜାତୀୟ ଶିକ୍ଷା ନୀତି ଆଧାରରେ ହୋଇଥିବା କାମର କ୍ରିୟାନ୍ୱୟନ, ବେଷ୍ଟ ପ୍ରାଟିସ, ଶିକ୍ଷା କ୍ଷେତ୍ରରେ ଦେଶର ପ୍ରାଥମିକତା ଉପରେ ଚର୍ଚ୍ଚା ଆଲୋଚନା କରିବା ପାଇଁ ବିଭିନ୍ନ ରାଜ୍ୟର ଶିକ୍ଷା ମନ୍ତ୍ରୀ ଓ ଅଧିକାରୀ ମାନେ ଜାତୀୟ ଶିକ୍ଷା ସମ୍ମିଳନୀରେ ଏକାଠି ହୋଇଛନ୍ତି। ଏହି ସମ୍ମିଳନୀରେ ଜାତୀୟ ଶିକ୍ଷା ନୀତିର ପରାମର୍ଶ ଯଥା ଆଂଚଳିକ ଭାଷାକୁ ଗୁରୁତ୍ୱ, ଶିକ୍ଷାରେ ଟେକ୍ନୋଲୋଜିକୁ ବ୍ୟବହାର କରିବା ଏବଂ ଶିକ୍ଷକଙ୍କ ଦକ୍ଷତା ବୃଦ୍ଧି ପାଇଁ ପଦକ୍ଷେପ ନେବା ଉପରେ ଆଲୋଚନା କରାଯାଇଛି। ବିଭିନ୍ନ ରାଜ୍ୟର ଶିକ୍ଷା ମନ୍ତ୍ରୀ ଓ ଅଧିକାରୀମାନେ ବିଦ୍ୟା ସମୀକ୍ଷା କେନ୍ଦ୍ର, ଭାସ୍କରାଚାର୍ଯ୍ୟ ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଫର୍ ସ୍ପେସ୍ ଆପ୍ଲିକେସନ୍ ଏବଂ ଜିଓ-ଇନଫର୍ମେଟିକ୍ସ, ନ୍ୟାସନାଲ ଫରେନସିକ୍ ସାଇନ୍ସ ୟୁନିଭରସିଟି ଏବଂ ଦକ୍ଷତା ବିକାଶ ଆଧାରିତ ଅନୁଷ୍ଠାନକୁ ବୁଲି ଦେଖିଛନ୍ତି। ଟେକ୍ନୋଲୋଜି ମାଧ୍ୟମରେ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ପାଠପଢ଼ା, ଏକବିଂଶ ଶତାବ୍ଦୀରେ ଜ୍ଞାନର ପରିଭାଷା, ଦକ୍ଷତା ବିକାଶ ସେଂଟରର ଆଧୁନିକ କ୍ଷେତ୍ରକୁ ଶିକ୍ଷାମନ୍ତ୍ରୀ ମାନେ ଅନୁଭବ କରିଛନ୍ତି। ଏପରି କାର୍ଯ୍ୟକ୍ରମ ଆଗାମୀ ଦିନରେ ମଧ୍ୟ ଜାରୀ ରହିବ। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଶିକ୍ଷାକୁ ଲୋକାଭିମୁଖୀ କରିବା ପାଇଁ ଅନେକ ପଦକ୍ଷେପ ନିଆଯାଉଛି। ବିଭିନ୍ନ ରାଜ୍ୟ ଓ କେନ୍ଦ୍ର ଶାସିତ ଅଂଚଳର ଶିକ୍ଷା ମନ୍ତ୍ରୀଙ୍କୁ ନେଇ ଆୟୋଜିତ ଜାତୀୟ ଶିକ୍ଷା ସମ୍ମିଳନୀ ଜାତୀୟ ଶିକ୍ଷା ପରିସଂସ୍ଥାନକୁ ମଜଭୂତ କରିବ ବୋଲି ଶ୍ରୀ ପ୍ରଧାନ ମତବ୍ୟକ୍ତ କରିଛନ୍ତି। ଉଲ୍ଲେଖନୀୟ ଯେ, ଏହି ସମ୍ମିଳନୀରେ ଗୁଜୁରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ, ଗୋଆ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ, ଦକ୍ଷତା ବିକାଶ ଏବଂ ଶିକ୍ଷା ରାଷ୍ଟ୍ରମନ୍ତ୍ରୀ, ବିଭିନ୍ନ ରାଜ୍ୟ ଓ କେନ୍ଦ୍ର ଶାସିତ ଅଂଚଳର ଶିକ୍ଷା ମନ୍ତ୍ରୀ ଏବଂ ଶିକ୍ଷା ବିଭାଗ ସହ ସଂଶ୍ଳିଷ୍ଟ ପ୍ରତିନିଧି ଓ ନୂତନ ଶିକ୍ଷା ନୀତିର ଚିଠା ପ୍ରସ୍ତାବ ପ୍ରସ୍ତୁତକାରୀ ପଦ୍ମବିଭୂଷଣ ଡ଼ା. କେ କସ୍ତୁରି ରଙ୍ଗନ ପ୍ରମୁଖ ଉପସ୍ଥିତ ଥିଲେ।

## ସୌନ୍ଦର୍ଯ୍ୟକରଣ ହେବ ମାଆ....

ନିର୍ଦ୍ଦେଶ ଦେଇଥିଲେ। ତେବେ ଏଥିପାଇଁ ପ୍ରଥମ ପର୍ଯ୍ୟାୟରେ ୪୨ କୋଟି ଟଙ୍କା ଖର୍ଚ୍ଚ ହେବ. ବର୍ଷକ ମଧ୍ୟରେ କାମ ସଂପୂର୍ଣ୍ଣ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ତେବେ ପ୍ରକଳ୍ପ କାମରେ ମନ୍ଦିର ପରିସରରେ ଥିବା ମନ୍ଦିର ମାନଙ୍କ ବିକାଶ ହେବ. ଏହା ସହିତ ପୁଷ୍କରିଣୀର ବିକାଶ, ପୂର୍ବ ପଶ୍ଚିମ ଉତ୍ତର ଓ ଦକ୍ଷିଣ ଦ୍ୱାର ନିର୍ମାଣ ସହ ଐତିହ୍ୟ ପାଚେରୀ ନିର୍ମାଣ କରାଯିବ । ମନ୍ଦିରର ରୋଷଘର, ଆନନ୍ଦ ବଜ୍ାର,ଗୋଦାମ ଘର, ଚନ୍ଦନ ପୋଖରୀର ବିକାଶ ଓ ଚଲାପଥ, ମୁଣ୍ଡନ ମଣ୍ଡପ, ନୂତନ ଦୋଳବେଦୀ ଓ ମହାବୀର ମନ୍ଦିରର ପୁନର୍ବିନ୍ୟାସ କରାଯିବ। ଯାତ୍ରୀ ତଥା ସେବାୟତମାନଙ୍କ ସୁବିଧା ପାଇଁ ଭୋଗ, ଦୀପ ମଣ୍ଡପ, ଜୋତା ଷ୍ଟାଣ୍ଡ, ପୋଲିସ କଣ୍ଟ୍ରୋଲ ରୁମ୍, ମନ୍ଦିର କାର୍ଯ୍ୟାଳୟ ଆଦି ନିର୍ମାଣ କରାଯିବ। ଯାତ୍ରୀଙ୍କ ରହଣୀ ପାଇଁ ଥିବା ବ୍ୟବସ୍ଥାର ପୁନରୁଦ୍ଧାର କରାଯିବ। ଏତଦ ବ୍ୟତୀତ ବିଶ୍ରାମ କକ୍ଷ ଓ ଶୌଚାଳୟ ମଧ୍ୟ ନିର୍ମାଣ କରାଯିବ। ମନ୍ଦିର ପାଖରେ ବିଭିନ୍ନ ଦୋକାନ ଖୋଲିଥିବା ବ୍ୟବସାୟୀ ମାନଙ୍କୁ ଶୃଙ୍ଖଳିତ ଭାବରେ ଥଇଥାନ କରାଯିବ। ବର୍ତ୍ତମାନର ସପିଂ କମ୍ପ୍ଲେକ୍ସର ପୁନର୍ବିନ୍ୟାସ କରାଯାଇ ୭୨ ଜଣ ବ୍ୟବସାୟୀଙ୍କୁ ଥଇଥାନ କରାଯିବ। ସେଠାରେ ଗାଡି ମଟର ପାର୍କିଂ ସହିତ ଶୌଚାଳୟର ସୁବିଧା ମଧ୍ୟ ରହିବ ।

## ଆଜି ବ୍ରଜରାଜନଗର....

ମଧ୍ୟକୁ ଗଣମାଧ୍ୟମ ପ୍ରତିନିଧିମାନେ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ କିମ୍ବା ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହାୟତାରେ ୨-୩ ଜଣ ଲେଖାଏଁ ପ୍ରବେଶ କରି ଖବର ସଂଗ୍ରହ କରିବାର ବ୍ୟବସ୍ଥା କରାଯାଇଛି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ସାମ୍ବାଦିକମାନଙ୍କୁ ସୂଚନା ପ୍ରଦାନ କରିଛନ୍ତି ।

## ବର୍ଷାଙ୍କୁ ଝଟକା, ଅନୁଭବଙ୍କ....

ଦେଇଛନ୍ତି। ଅନୁଭବଙ୍କ ଓକିଲ ଆଲୋକ କୁମାର ମହାପାତ୍ର କହିଛନ୍ତି, ଦିନେ ଛାଡ଼ି ଦିନେ ବା ପ୍ରତି ସପ୍ତାହରେ ଅନୁଭବ ହୁଅନ୍ତୁ କି ତାଙ୍କ ପରିବାରର ଅନ୍ୟ କୌଣସି ସଦସ୍ୟଙ୍କ ବିରୋଧରେ ଯେହେତୁ ମିଛ କେସ୍ ଦିଆଯାଉଥିଲା, ତେଣୁ ତାଙ୍କ ପରିବାର ଲୋକେ ସେଠାରେ ନିଜକୁ ସୁରକ୍ଷିତ ମଣି ନଥିଲେ। ସେଥିପାଇଁ ସେମାନେ ଘର ଛାଡ଼ି ଦେଇଥିଲେ। ବର୍ଷା ଏବେ ଯେଉଁ ଘରେ ପୁଲିସ୍‌ର ସୁରକ୍ଷା ବ୍ୟବସ୍ଥାରେ ରହୁଛନ୍ତି, ତାହା ଅନୁଭବଙ୍କ ପୈତୃକ ଘର। ସେହି ଘର ଉପରେ ଅନୁଭବଙ୍କ ବାପାଙ୍କ ବ୍ୟତୀତ ତାଙ୍କର ଦୁଇ ବଡ଼ ବାପାଙ୍କ ପରିବାର ଲୋକଙ୍କର ଓ ପିଉସୀଙ୍କର ଅଧିକାର ରହିଛି। ଏହି ଘର ତାଙ୍କ ଜେଜେ ବାପାଙ୍କ ନାଁରେ ରହିଛି। କିନ୍ତୁ ଜଣଙ୍କ ପାଇଁ ସମସ୍ତେ ଘର ଛାଡ଼ି ଦେଇଛନ୍ତି। ତେବେ ଏବେ ଅନୁଭବଙ୍କ ବାପା ଓ ବଡ଼ ବାପାଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ନାହିଁ। ସେମାନେ ନିଜ ପୈତୃକ ଘରକୁ ଫେରିବାକୁ ଚାହୁଁଛନ୍ତି। ଏ କଥା ଆମେ କୋର୍ଟଙ୍କୁ ଜଣାଇଥିଲୁ। ପତିପତ୍ନୀଙ୍କ ବିବାଦରେ ଯେପରି ଘରର ଅନ୍ୟ ସଦସ୍ୟ, ବିଶେଷକରି ବୃଦ୍ଧ ବାପାମା' ପେଶି ନୁହନ୍ତି, ସେନେଇ ସୁପ୍ରିମ୍ ?କୋର୍ଟ ଅନେକ ମାମଲାରେ ନିର୍ଦ୍ଦେଶ ଦେଇଥିବାର ନଜିର ରହିଛି। ଏସବୁ ତଥ୍ୟ ଉପସ୍ଥାପନ କରିବା ପରେ କୋର୍ଟ ବର୍ଷାଙ୍କୁ ଘର ଛାଡ଼ିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ବୈଜ୍ଞାନିକ ପ୍ରଫେସର ଡକ୍ଟର ପ୍ରାଣକୃଷ୍ଣ ପରିଜାଙ୍କ ୪୪ତମ ଶ୍ରାଦ୍ଧୋତ୍ସବ ପାଳିତ

ଭୁବନେଶ୍ୱର, ୦୨/୦୬ (ନି.ପ୍ର): ବିଶ୍ୱବିଖ୍ୟାତ ବୈଜ୍ଞାନିକ, ଶିକ୍ଷାବିତ୍, ପ୍ରଫେସର (ଡଃ) ପ୍ରାଣକୃଷ୍ଣ ପରିଜାଙ୍କ ୪୪ତମ ଶ୍ରାଦ୍ଧୋତ୍ସବ ଆଜି ପ୍ରତ୍ୟୁଷରେ ଭୁବନେଶ୍ୱର ବାଣୀବିହାରସ୍ଥିତ ତାଙ୍କ ପ୍ରତିମୂର୍ତି ସ୍ଥଳରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ସୂଚନା ଓ ଲୋକସମ୍ପର୍କ ବିଭାଗ ଓ ବାଲିକୁଦା ପିପୁଲ୍ସ ଆସୋସିଏସନ୍‌ର ସହଯୋଗରେ ଅନୁଷ୍ଠିତ ହୋଇ ପ୍ରତିମୂର୍ତିରେ ମାଲ୍ୟାର୍ପଣ ସହ ଦୀପଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ, ଡଃ ପ୍ରମୋଦ ବିଶ୍ୱାଳ, ପ୍ରଫେସର ଜ୍ୟୋତିରଂଜନ ଦାସ, ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟ, ଡଃ ପ୍ରକାଶ ତ୍ରିପାଠୀ, ପୂର୍ବତନ କର୍ପୋରେଟର ନରେନ୍ ସାହୁ, ଉମାନାଥ ମିଶ୍ର, ରମାନାଥ ସାମନ୍ତରାୟ, ରାମଚନ୍ଦ୍ର ପ୍ରଧାନ, ଗୁରୁଚରଣ ସାହୁ, ରାଜକିଶୋର ସାହୁ, ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ସଂଯୋଜକ ପ୍ରବୀର ମହାନ୍ତି, ସତ୍ୟ ଜେନା, ଅଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂହ, ସୌମ୍ୟରଂଜନ ପ୍ରଧାନ, ବିଭୂଦ ରଥ, ଅଭୟ କୁମାର ପରିଡ଼ା, ଡଃ ସନ୍ତୋଷ ବେହେରା, ବୀରକିଶୋର ରାଉତ ଓ ଶରତ କୁମାର ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ଡଃ ପରିଜା ଜଣେ ଉଦ୍ଭିଦ ବିଜ୍ଞାନୀ ଭାବରେ ନିଜ ଗବେଷଣା ମାଧ୍ୟମରେ ଯେଉଁ ନୂତନ ଆବିଷ୍କାର କରିଥିଲେ ତାହାକୁ ଅଦ୍ୟାବଧି ବିଶ୍ୱ ସ୍ତରରେ ବିଦ୍ୟାର୍ଥୀମାନେ ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ଅନୁପାଳନ କରୁଛନ୍ତି । ଜଣେ ଶିକ୍ଷା ପ୍ରଶାସକ ଓ କୃଷି ବିଜ୍ଞାନୀ ଭାବରେ ସେ ରେଭେନ୍ସା କଲେଜ ଅଧକ୍ଷ, ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି, କୃଷି ନିର୍ଦ୍ଦେଶକ ଭାବରେ ସୂଚାରୁ ରୂପେ ଦାୟିତ୍ୱ ସମ୍ପାଦନ କରିଥିଲେ । ୧୯୫୨ ମସିହାରେ ହୋଇଥିବା ନିର୍ବାଚନରେ ବାଲିକୁଦା ନିର୍ବାଚନ ମଣ୍ଡଳୀରୁ ବିଧାୟକ ଭାବରେ ନିର୍ବାଚିତ ହୋଇ ଜଣେ ଦକ୍ଷ ବିଧାୟକ ଭାବେ ଦାୟିତ୍ୱ ସମ୍ପାଦନ କରିଥିଲେ । ପରିଶେଷରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅନୁଶାସନ ସଚିବ ଧନ୍ୟବାଦ ଅର୍ପଣ କରିଥିଲେ ।

# ବ୍ରାହ୍ମଣଦା ଭଗବତୀ ସମବାୟରେ ଅନିୟମିତତା ଅଭିଯୋଗରେ କଂଗ୍ରେସର ଧାରଣା



ବସ୍ତା, ୦୨/୦୬ (ନି.ପ୍ର): ବ୍ରାହ୍ମଣଦା ଭଗବତୀ ସମବାୟ ସମିତି ସମ୍ମୁଖରେ ନିର୍ବାଚନ ପ୍ରାର୍ଥୀ ପତ୍ର ଅନିୟମିତତା ଅଭିଯୋଗ ନେଇ ଆଜି କଂଗ୍ରେସ ର ଧାରଣା । ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ଅନ୍ତର୍ଗତ ଭଗବତୀ ସମବାୟ ସମିତି ର ନିର୍ବାଚନ ପାଇଁ ପ୍ରାର୍ଥୀ ପତ୍ର ଦାଖଲ ରେ ଅନିୟମିତତା ହୋଇଥିବା ଅଭିଯୋଗ କରି ସମବାୟ ସମିତି ଆଗରେ ଚାଷୀଙ୍କ ଧାରଣା, ସୂଚନା ଅନୁଯାୟୀ ଆସନ୍ତା ୧୯ ତାରିଖ ରେ ସମବାୟ ସମିତି ର ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବା ବେଳେ ବସ୍ତା ବ୍ଲକ ଅନ୍ତର୍ଗତ ବ୍ରାହ୍ମଣଦା ପଞ୍ଚାୟତ ରେ ଥିବା ଭଗବତୀ ସମବାୟ ସମିତି ରେ ୧୫ ଟି ଜୋନ୍ ପାଂଇ ୩୩ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି , ତେବେ ୪ ନମ୍ବର ଜୋନ୍ ରେ ରାଧାଶ୍ୟାମ ପାତ୍ର ଙ୍କ ପ୍ରାର୍ଥୀପତ୍ର ରେ ଅନିୟମିତତା ହୋଇଥିବା ଦର୍ଶାଇ ସେହି ଜୋନ୍ ର ମନ୍ମଥ କୁମାର ବେହେରା ଗତକାଲି ନିର୍ବାଚନ ଅଧିକାରୀ ଙ୍କୁ ଲିଖିତ ଅଭିଯୋଗ କରି ତାଙ୍କର ପ୍ରାର୍ଥୀପତ୍ର ଯାଞ୍ଚ କରି ନାକଚ କରିବା ପାଂଇ ଅନୁରୋଧ କରିଥିଲେ, ମାତ୍ର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଯିବାରୁ ପ୍ରାର୍ଥିପତ୍ର ନାକଚ କରିବା ଦାବି ରେ ଆଜି ସମବାୟ ସମିତି ଆଗରେ ମନ୍ମଥ ତାଙ୍କର ସମର୍ଥକ ଚାଷୀ ଙ୍କ ସହିତ ଧାରଣା ରେ ବସିଛନ୍ତି, ତେବେ ଏନେଇ ନିର୍ବାଚନ ଅଧିକାରୀଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବା ସହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ।

ଧ୍ୱନି ପ୍ରତିଧ୍ୱନି



# ସହର ସମସ୍ୟା ନେଇ 'ଫ୍ୟୁଚର ବାଲେଶ୍ୱର'ପକ୍ଷରୁ ପୌରାଧ୍ୟକ୍ଷାଙ୍କ ଦୃଷ୍ଟି ଆକର୍ଷଣ

ବାଲେଶ୍ୱର,୦୨/୦୬ (ନି.ପ୍ର): ଅଗ୍ରଣୀ ସାମାଜିକ ସଂଗଠନ 'ଫ୍ୟୁଚର ବାଲେଶ୍ୱର'ର ଏକ ପ୍ରତିନିଧି ଦଳ ଗୁରୁବାର ବାଲେଶ୍ୱର ପୌରାଧ୍ୟକ୍ଷାଙ୍କୁ ସାକ୍ଷାତ ସହ ସହରର ବିଭିନ୍ନ ସମସ୍ୟା ସମାଧାନ ସମ୍ପର୍କିତ ଏକ ଦାବି ପତ୍ର ପ୍ରଦାନ କରିଛନ୍ତି। ସଂଗଠନର ସଭାପତି ଆଇନଜୀବୀ ନିଜୟ ପାଣିଗ୍ରାହୀଙ୍କ ନେତୃତ୍ୱରେ ଏହି ପ୍ରତିନିଧି ଦଳ ଏକାଧିକ ସମସ୍ୟା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିବା ସହ ଗାନ୍ଧିସ୍ମୃତି ଭବନ ରିସରରେ ଖତ ଖାଉଥିବା ସିଟି ବସ ଗୁଡିକୁ ତୁରନ୍ତ ଅପସାରଣ ସହ ଏହାର ପରିସରକୁ ସ୍ୱଚ୍ଛ ଓ ନିର୍ମଳ କରିବା ଉପରେ ସେମାନେ ଗୁରୁତ୍ୱ ଦେଇଥିଲେ। ଏଥି ସହିତ ଗାନ୍ଧିସ୍ମୃତି ଭବନ ନାମର ସାର୍ଥକତା ପାଇଁ ଏହାର ପରିସରରେ ଜାତିର ଜନକ ମହାତ୍ମାଗାନ୍ଧୀଙ୍କ ପୂର୍ଣ୍ଣ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ସଂଗଠନର କର୍ମକର୍ତାମାନେ ଦାବି କରିଥିଲେ। ସେହିପରି ସହରର ମୁଖ୍ୟ ରାସ୍ତା ଯାହା ସହଦେବଖୁଣ୍ଟା ଥାନାଠାରୁ ଟାଉନ ଥାନା ପର୍ଯ୍ୟନ୍ତ ରାସ୍ତାକୁ ବିବେକାନନ୍ଦ ମାର୍ଗ ଭାବେ ନାମିତ ହୋଇଥିଲେ ହେଁ ଯୁବଚେତନାର ପ୍ରତୀକ ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିମୂର୍ତି ସ୍ଥାନିତ ହୋଇନାହିଁ। ଏହି ରାସ୍ତାର ଏକ ପ୍ରମୁଖ ସ୍ଥାନରେ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ସଂଗଠନ ପକ୍ଷରୁ ପୌରାଧକ୍ଷାଙ୍କୁ କର୍ମକର୍ତ୍ତାମାନେ କହିଥିଲେ। ସେହିଭଳି ବାଲେଶ୍ୱର କଚେରୀରେ ଥିବା ସବରେଜେଷ୍ଟ୍ରି ଅଫିସ ଓ କୋର୍ଟକୁ ଆସୁଥିବା ମହିଳାମାନଙ୍କ ପାଇଁ ଶୌଚାଳୟ ଓ ପ୍ରତିକ୍ଷାଳୟ ନିର୍ମାଣ ପାଇଁ ପଦକ୍ଷେପ ଗ୍ରହଣ ନିମନ୍ତେ ଫ୍ୟୁଚର ବାଲେଶ୍ୱର ସଂଗଠନ ପକ୍ଷରୁ ଦାବି କରାଯାଇଥିଲା। ତେବେ ଏହି ସବୁ ସମସ୍ୟା ଉରେ ବିଚାର ସହ ଖୁବ ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ପୌରାଧକ୍ଷା ଶ୍ରୀମତୀ ସାହୁ ପ୍ରତଶ୍ରୁତି ଦେଇଥିଲେ। ଦାବିପତ୍ର ପ୍ରଦାନ ବେଳେ ସଂଗଠନର ସଭାପତି ଶ୍ରୀ ପାଣିଗ୍ରାହୀଙ୍କ ସମେତ ସୁଦୀପ୍ତ ରଞ୍ଜନ ପିଟର, ଭବାନୀ ଶଙ୍କର ପଣ୍ଡା, ସତ୍ୟେନ୍ଦ୍ର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଛାନୁଆରେ ୭.୫ କୋଟିର ବିଦ୍ୟୁତ ସବ-ଷ୍ଟେସନ ସ୍ଥାପନ ଉପକ୍ରମ



ବାଲେଶ୍ୱର,୦୨/୦୬ (ନି.ପ୍ର): ସଦର ବ୍ଲକ ଅନ୍ତର୍ଗତ ଛାନୁଆ ପଞ୍ଚାୟତରେ ୩୩/୧୧ କେଭି ସବଷ୍ଟେସନର କାର୍ଯ୍ୟକ୍ଷମ ସମ୍ପର୍କିତ ଏକ ସମୀକ୍ଷା ବୈଠକ ସଦର ବିଧାୟକ ସ୍ୱରୂପ କୁମାର ଦାସଙ୍କ ସଭାପତିତ୍ୱରେ ସ୍ଥାନୀୟ ସର୍କିଟ ହାଉସରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ଉପ-ଜିଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ସମେତ ଶକ୍ତି ବିଭାଗର ଚିଫ ଇଲେକ୍ଟ୍ରିକାଲ ଇନସ୍ପେକ୍ଟର ପ୍ୟାରୀମୋହନ ମିଶ୍ର, ଓଟିସିଏଲ କାର୍ଯ୍ୟକାରୀ ନିର୍ଦ୍ଦେଶକ ଜୟରାମ ସାହୁ, ଡିଜିଏମ ମନୋଜ ମହାପାତ୍ର, ଟାଟା ପାଓ୍ୱାରର କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଦେବାଶିଷ ପୁହାଣ, କନିଷ୍ଠ ଯନ୍ତ୍ରୀ କିଶୋରେ ଜେନା ଓ ଗୁପ୍ତା ପାଓ୍ୱାର ଇନଫ୍ରାଷ୍ଟ୍ରକଚର ଲିମିଟେଡର ଟିମ ଲିଡର କୈଳାସ ଚନ୍ଦ୍ର ସୁଆର ଓ ପ୍ରୋଜେକ୍ଟ ମ୍ୟାନେଜର ଦୀପ୍ତି ରଞ୍ଜନ ରଣା ଉପସ୍ଥିତ ଥିଲେ। ମୁଖ୍ୟତଃ ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀର ୭ ଗୋଟି ପଞ୍ଚାୟତ କସାଫଳ, ସାର୍ଥା, ଆଲୁମେଦା, ପୁପଡ଼ା, ଛାନୁଆ, ବାହାବଳପୁର ଓ ଦୁବଲାଗଡ଼ିର ଜନସାଧାରଣଙ୍କୁ ଗ୍ରୀଷ୍ମଦିନରେ ଅନବରତ ବିଦ୍ୟୁତ ସେବା ଏବଂ ଲୋ-ଭୋଲଟେଜ ଦୂରୀକରଣ ପାଇଁ ଛାନୁଆ ପଞ୍ଚାୟତରେ ୭.୫ କୋଟି ଟଙ୍କା ବ୍ୟୟରେ ୩୩/୧୧ କେଭି ସବଷ୍ଟେସନର ପ୍ରତିଷ୍ଠା ନିମନ୍ତେ ମୁଖ୍ୟମନ୍ତ୍ରୀ ଗତ ନଭେମ୍ବର ୨୬ ରେ ଶିଳାନ୍ୟାସ କରିଥିଲେ। ଏହି ପ୍ରକଳ୍ପ ଯଥାଶୀଘ୍ର ସମ୍ପୂର୍ଣ୍ଣ ସହ ସବଷ୍ଟେସନର କାର୍ଯ୍ୟକ୍ଷମ ନିମନ୍ତେ ବିଧାୟକ ଶ୍ରୀ ଦାସ ବିଭାଗୀୟ ଅଧିକାରୀମାନଙ୍କୁ ଏହି ବୈଠକରେ ପରାମର୍ଶ ଦେଇଛନ୍ତି। ଏନେଇ ବିଧାୟକ ରାଜ୍ୟ ଶକ୍ତିମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ଭେଟି ଆଲୋଚନା କରିଥିବା ସେ ଏହି ବୈଠକରେ ସୂଚନା ଦେଇଥିଲେ। ମନ୍ତ୍ରୀ ଶ୍ରୀ ମିଶ୍ର ତୁରନ୍ତ ଶକ୍ତି ବିଭାଗର ଚିଫ ଇଲେକ୍ଟ୍ରିକାଲ ଇନ୍ସପେକ୍ଟରଙ୍କୁ ଛାନୁଆ ସବଷ୍ଟେସନ କୁ ଯଥାଶୀଘ୍ର ଚାର୍ଜ ପାଇଁ ସମସ୍ତ ପ୍ରକାରର ବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେହି କ୍ରମରେ ବିଧାୟକ ଶ୍ରୀ ଦାସ ଆଜି ଶକ୍ତି ବିଭାଗର ଅଧିକାରୀ ଓ ପଶାସନିକ ଅଧିକାରୀଙ୍କ ସହ ଏହି ବୈଠକ ଆୟୋଜନ କରିଥିବା ସେ ସୂଚନା ଦେଇଛନ୍ତି। ଅନ୍ୟାମନଙ୍କ ମଧ୍ୟରେ ସଦର ବ୍ଲକ ବିଜେଡି ସଭାପତି ବସନ୍ତ ପଣ୍ଡା ଓ ଶକ୍ତିପଦ ରାୟଙ୍କ ସମେତ ୭ ଗୋଟି ପଞ୍ଚାୟତର ନିର୍ବାଚିତ ପ୍ରତିନିଧି ଏବଂ ଦଳର ଛାମୁଆ କର୍ମୀମାନେ ଏହି ବୈଠକରେ ଉପସ୍ଥିତ ଥିଲେ।

# ୬୦ ରାଜପଥର ହୋଟେଲ ମଧୁବନ ଠାରେ ରାସ୍ତା ଦୁର୍ଘଟଣା : ୧ ମୃତ

ଜଳେଶ୍ୱର, ୦୨/୬(ନି.ପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱର ନିକଟ ୬୦ନଂ ଜାତୀୟ ରାଜପଥର ମଧୁବନ ହୋଟେଲ ନିକଟରେ ଆଜି ଦ୍ୱିପ୍ରହରରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟି ଯାଇଛି । ମହମ୍ମଦନଗରପାଟଣା ଗ୍ରାମର ଅବନୀ ପ୍ରଧାନ (୩୬) ନିକଟସ୍ଥ ପେଟ୍ରୋଲ ପମ୍ପରେ ରାଜମିସ୍ତ୍ରୀ ଭାବେ କାର୍ଯ୍ୟସାରୀ ସାଇକେଲରେ ଘରକୁ ଫେରୁଥିବା ବେଳେ ଏକ ଅଜଣା ଗାଡି ଧକ୍କାରେ ତାର ମୃତ୍ୟୁ ହୋଇ ଯାଇଛି । ସ୍ଥାନୀୟ ଲୋକେ ହସ୍‌ପିଟାଲ ଆଣିଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିବାପରେ ଶବକୁ ବ୍ୟବଚ୍ଛେଦ କରାଯାଇଛି। ତାର ଦୁଇ ନାବାଳକ ଶିଶୁ ଓ ବିଧବା ସ୍ତ୍ରୀଙ୍କୁ ସରକାରୀ ସହାୟତା ଯୋଗାଇବାକୁ ସରପଂଚ ଅରୁଣ ସେନାପତି, ଦିଲ୍ଲିପ ପରିଡା ପ୍ରମୁଖ ଦାବି କରିଛନ୍ତି ।

# ୮ରୁ ବାଲେଶ୍ୱର ପଲିଶ୍ରୀ ମେଳା : ପ୍ରଶାସନ ପକ୍ଷରୁ ପ୍ରାଚୀରପତ୍ର ଉନ୍ମୋଚିତ



ବାଲେଶ୍ୱର,୦୨/୦୬ (ନି.ପ୍ର): ଜିଲା ପ୍ରଶାସନ ଓ 'ଓରମାସ'ର ମିଳିତ ସହଯୋଗରେ ଆସନ୍ତା ୮ତାରିଖରୁ ସ୍ଥାନୀୟ ଆଇଟିଆଇ ପଡ଼ିଆରେ ଆରମ୍ଭ ହେବାକୁ ଯାଉଥିବା 'ବାଲେଶ୍ୱର ପଲିଶ୍ରୀ ମେଳା-୨୦୨୨' ପ୍ରସ୍ତୁତି ଜୋରଦାର ହୋଇଛି। କୋଭିଡ କଟକଣା ପାଇଁ ଦୀର୍ଘ ଦୁଇବର୍ଷ ଧରି ବନ୍ଦ ରହିଥିବା ଏହି ମେଳାକୁ ଚଳିତ ବର୍ଷ ସର୍ବାଙ୍ଗ ସୁନ୍ଦର ତଥା ଆକର୍ଷଣୀୟ କରିବା ନିମନ୍ତେ ପ୍ରଶାସନ ପକ୍ଷରୁ ସବୁ ପ୍ରକାର ଉଦ୍ୟମ ହୋଇଥିବା ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଜିଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ ଗୁରୁବାର ସୂଚନା ଦେଇଛନ୍ତି। ଆସନ୍ତା ୮ରୁ ୧୨ ତାରିଖ ପର୍ଯ୍ୟନ୍ତ ଏହି ପଲିଶ୍ରୀ ମେଳା ଚାଲିବ। ପ୍ରତ୍ୟେହ ପୂର୍ବାହ୍ନ ୧୦ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଏହା ଲୋକଙ୍କ ପାଇଁ ଖୋଲା ରହିବ। ଏଥିରେ ବିଭିନ୍ନ ପ୍ରକାର ୩ଶହରୁ ଉର୍ଦ୍ଧ୍ୱ ଷ୍ଟଲ ଖୋଲାଯିବ। ବିଶେଷ କରି ବାଲେଶ୍ୱର ସମେତ ରାଜ୍ୟର ବିଭିନ୍ନ ଜିଲାରୁ ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳାଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ସାମଗ୍ରୀ ଷ୍ଟଲ ସ୍ଥାପନ ଉପରେ ଗୁରୁତ୍ୱ ଦିଆଯାଉଥିବା ଜିଲାପାଳ ଶ୍ରୀ ଚକ୍ରବର୍ତ୍ତୀ କହିଛନ୍ତି। ଏଥି ସହିତ ରାଜ୍ୟ ତଥା ରାଜ୍ୟ ବାହାରର ବଡ଼ ବଡ଼ ବ୍ୟବସାୟ ପ୍ରତିଷ୍ଠାନ, କାରିଗରଙ୍କ ସାମଗ୍ରୀ ପୂର୍ଣ୍ଣ ଷ୍ଟଲ ମଧ୍ୟ ଖୋଲା ଯିବ। ତେବେ ବାଲେଶ୍ୱର ସହରର ୨୦ରୁ ଅଧିକ ହୋଟେଲଙ୍କ ଦ୍ୱାରା ଏହି ମେଳାରେ ଫୁଡ୍ ଷ୍ଟଲ ଖୋଲିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହା ବ୍ୟତୀତ ଛୋଟ ଛୋଟ ପିଲାଙ୍କ ମନୋରଞ୍ଜନ ପାଇଁ ଦୋଳି, ଚକ୍ରି, ମୀନାବଜାରର ବ୍ୟବସ୍ଥା କରାଯାଉଛି। ପ୍ରତି ସଂଧ୍ୟାରେ ବାଲେଶ୍ୱର ସମେତ ରାଜ୍ୟର ବିଭିନ୍ନ ଜିଲାରୁ ସାଂସ୍କୃତିକ ଟ୍ରୁପ ଦ୍ୱାରା ମନୋରଞ୍ଜନ ଭିତ୍ତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏନେଇ ଅନ୍ୟାନ୍ୟ ଜିଲାର ଜିଲାପାଳଙ୍କ ସହ ଆଲୋଚନା ହୋଇଥିବା ଶ୍ରୀ ଚକ୍ରବର୍ତ୍ତୀ ସୂଚନା ଦେଇଛନ୍ତି। ତେବେ ଏହି ୫ଦିନିଆ ମେଳାରେ ଲକ୍ଷାଧିକ ଲୋକଙ୍କ ସମାଗମକୁ ଦୃଷ୍ଟିରେ ରଖି ଶାନ୍ତିଶୃଙ୍ଖଳା ରକ୍ଷା ଓ ଟ୍ରାଫିକ ବ୍ୟବସ୍ଥା ନିୟନ୍ତ୍ରଣକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ଆଇଟିଆଇ ପଡ଼ିଆରେ ୨ଗୋଟି ଗେଟ ଥିବା ବେଳେ ଆଉ ଦୁଇଟି ଜରୁରିକାଳୀନ ଫାଟକ ଖୋଲଯିବାକୁ ଧାର୍ଯ୍ୟ ହୋଇଛି। ଏଥି ସହିତ ଏହି ମେଳାରେ ଅଧିକ ସଂଖ୍ୟାରେ ମହିଳା ଗୋଷ୍ଠୀ ସାମିଲ ହେଉଥିବା ବେଳେ ସେମାନଙ୍କ ସୁରକ୍ଷା ପାଇଁ ବ୍ୟାପକ ମହିଳା ପୁଲିସ ବ୍ୟବସ୍ଥା କରାଯାଉଛି। ମୋଟ ଉପରେ ୨ବର୍ଷ ପରେ ହେବାକୁ ଯାଉଥିବା ଏହି ମେଳାକୁ ଅଧିକ ଉପଭୋଗ୍ୟ ଓ ସର୍ବାଙ୍ଗସୁନ୍ଦର କରିବା ପାଇଁ ଜିଲାପାଳଙ୍କ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି। ଷ୍ଟଲ ବୁକିଂ ସମେତ ମେଳା ପରିଚାଳନା ପାଇଁ ପ୍ରଶାସନ ପକ୍ଷରୁ ଏକାଧିକ ଅଧିକାରୀ ନିଯୁକ୍ତ ହୋଇଥିବା ସେ କହିଛନ୍ତି। ଏହି ଅବସରରେ ମେଳା ସମ୍ପର୍କିତ ଏକ ପ୍ରାଚୀରପତ୍ରକୁ ପ୍ରଶାସନ ପକ୍ଷରୁ ଉନ୍ମୋଚନ କରାଯାଇଥିଲା। ଜିଲା ପରିଷଦ ସଭାଗୃହରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର ଓ ଭାବେଶ କୁମାର ନାୟକ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ରବୀନ୍ଦ୍ର କୁମାର ସାହୁ, ବାଲେଶ୍ୱର ଉପ-ଜିଲାପାଳ ଆଶିଷ ଈଶ୍ୱର ପାଟିଲ ପ୍ରମୁଖ ଉପସ୍ଥିତ ଥିଲେ।

# ବିଜେପି ସଂଖ୍ୟାଲଘୁ ମୋର୍ଚ୍ଚା ଜିଲ୍ଲା ପ୍ରଭାରୀ ତାଲିକା ଘୋଷଣା

ଭୁବନେଶ୍ୱର, ୦୨/୦୬ (ନି.ପ୍ର): ଭାରତୀୟ ଜନତା ପାର୍ଟି ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ଅନୁମୋଦନକ୍ରମେ ସଂଖ୍ୟାଲଘୁ ମୋର୍ଚ୍ଚା ରାଜ୍ୟ ସଭାପତି ସିକନ୍ଦର ଅଲ୍ଲୀ ବିଭିନ୍ନ ଜିଲ୍ଲା ପାଇଁ ପ୍ରଭାରୀଙ୍କ ନାମ ଘୋଷଣା କରିଛନ୍ତି। ମୋର୍ଚ୍ଚାର ରାଜ୍ୟ ସାଧାରଣ ସମ୍ପାଦକ ଏମ.ଡି. ଜଲାଲ୍‌ଉଦ୍ଦିନ ଆକବର - ଅନୁଗୁଳ, ମୟୂରଭଞ୍ଜ (ରାଇରଙ୍ଗପୁର) ଓ ମୟୂରଭଞ୍ଜ (ବାରିପଦା); ରାଜ୍ୟ ଉପସଭାପତି ସଲିମ୍ ଖାଁ - ଯାଜପୁର, ଜଗତସିଂହପୁର ଓ କଟକ ସଦର; ରାଜ୍ୟ ସମ୍ପାଦକ ଏସ.କେ ହସନ - ପୁରୀ ଓ ଖୋର୍ଦ୍ଧା; ରାଜ୍ୟ ସମ୍ପାଦିକା ଶହୀଦା ଖାତୁନ - କଟକ ସିଟି; ରାଜ୍ୟ ସମ୍ପାଦକ ଶେଖ୍ ଚାନ୍ଦ - ଭଦ୍ରକ; ରାଜ୍ୟ ଉପସଭାପତି ରଫିକ୍ ବେଗ - ବାଲେଶ୍ୱର ଓ କେନ୍ଦ୍ରାପଡ଼ା ; ରାଜ୍ୟ ସାଧାରଣ ସମ୍ପାଦକ ବଲ୍‌ବିନ୍ଦର ସିଂ - ପାନପୋଷ, ସମ୍ବଲପୁର, ବରଗଡ଼, କେଉଁଝର, ବଲାଙ୍ଗୀର ଓ ନବରଙ୍ଗପୁର; ରାଜ୍ୟ ଉପସଭାପତି ଗୁର୍ଭିନ୍ଦର ସିଂ - ବଣାଇ, ଝାରସୁଗୁଡା, ସୁନ୍ଦରଗଡ଼ ଓ ଦେବଗଡ; ରାଜ୍ୟ ଉପସଭାପତି କଜମ ମଦାନି - କୋରାପୁଟ, କଳାହାଣ୍ଡି, କନ୍ଧମାଳ ଓ ମାଲକାନଗିରି; ରାଜ୍ୟ ସମ୍ପାଦିକା ସୋନିଆ ଦାସ - ଗଞ୍ଜାମ, ଗଜପତି ଓ ଫୁଲବାଣୀ; ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଏମ.ଡି ସବିର -ଢେଙ୍କାନାଳ ଓ ବୌଦ୍ଧ ଜିଲ୍ଲା ପ୍ରଭାରୀ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି ବୋଲି ରାଜ୍ୟ ସଂଖ୍ୟାଲଘୁ ମୋର୍ଚ୍ଚା ସଭାପତି ଶ୍ରୀ ଅଲ୍ଲୀ ସୂଚନା ଦେଇଛନ୍ତି।

# ନିବେଦିତା ପାଣି ହେଲେ କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶିକା

ଭୁବନେଶ୍ୱର, ୦୨/୦୬ (ନି.ପ୍ର): କ୍ୟାପିଟାଲ ହସ୍ପିଟାଲର ନୂଆ ନିର୍ଦ୍ଦେଶିକା ହେଲେ ଡାକ୍ତର ନିବେଦିତା ପାଣି । ବର୍ତ୍ତମାନ ଡା. ପାଣି କଟକ ଏସସିବି ମେଡିକାଲ କଲେଜର ଆନେସଥେସିଓଲୋଜୀ ବିଭାଗର ପ୍ରଫେସର ଅଛନ୍ତି। ଆଗାମୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ସେ ଏହି ଦାୟିତ୍ୱରେ ରହିବେ। ଏସମ୍ପର୍କରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

# ୮ବର୍ଷର କେନ୍ଦ୍ର ସରକାର ଦେଶରେ ଦ୍ରୁତ ବିକାଶକୁ ଆପଣେଇଛନ୍ତି: ବିଜେପି



ବାଲେଶ୍ୱର,୦୨/୦୬ (ନି.ପ୍ର): କେନ୍ଦ୍ର ସରକାରଙ୍କ ଦ୍ୱିତୀୟ ପାଳିର ତୃତୀୟ ବର୍ଷ ପୂର୍ତ୍ତିଅବସରରେ କେନ୍ଦ୍ରୀୟ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଜନସାଧାରଣଙ୍କ ଅବଗତି ନିମନ୍ତେ ବିଜେପି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଦଳୀୟ କାର୍ଯ୍ୟାଳୟ ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଲୋକସଭା ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଚାଲିଥିବା କେନ୍ଦ୍ର ସରକାରଙ୍କ ୮ ବର୍ଷ ସଫଳତା ସମ୍ପର୍କରେ ସୂଚନା ଦେଇଥିଲେ। ଦେଶରେ ଏବେ ସେବା, ସୁଶାସନ ଏବଂ ଗରିବ କଲ୍ୟାଣର ଅନନ୍ତ ଯାତ୍ରା ଜାରି ରହିଥିବା ସେ କହିଥିଲେ। ବିଗତ ୮ବର୍ଷ ଯାତ୍ରାରେ ଦେଶ ବିକାଶରେ ଶୀର୍ଷକୁ ଛୁଇଁବାକୁ ଯାଉଛି। ଗରିବ ସଂଖ୍ୟା ହ୍ରାସ ପାଇବା ସହ ମୁଣ୍ଡପିଛା ଆୟ ବଢ଼ିଛି। ବିଦେଶୀ ମୁଦ୍ରା ଭଣ୍ଡାର ୩୦୦ ଆରବ ଡଲାରରୁ ୬୦୦ ଆରବ ଡଲାରକୁ ବୃଦ୍ଧି ପାଇଛି । ୨୦୧୪ ମସିହା ପର୍ଯ୍ୟନ୍ତ ଦେଶରେ ମାତ୍ର ୬.୩୭ ଲକ୍ଷ ପ୍ରାଇମେରୀ ବିଦ୍ୟାଳୟ ଥିବାବେଳେ ଗତ ୮ ବର୍ଷରେ ଆହୁରି ୬.୫୩ ଲକ୍ଷ ସ୍ଥାପନ ହୋଇଛି । ସାକ୍ଷରତା ହାର ୬୯ରୁ ୭୫ ପ୍ରତିଶତକୁ ବୃଦ୍ଧ ପାଇଛି । ୮ ବର୍ଷ ମଧ୍ୟରେ ୧୭୦ଟି ନୂତନ ମେଡିକାଲ କଲେଜ ଏବଂ ୧୫ଟି ନୂତନ ଏମ୍ସ ମେଡିକାଲ କଲେଜ ପ୍ରତିଷ୍ଠା ହୋଇଛି। ଓଡିଶାରେ ପୁରୀ, ବାରିଦା, ସୁନ୍ଦରଗଡ, ବଲାଙ୍ଗୀର, କୋରାପୁଟ, ତାଳଚେର ଏବଂ ବାଲେଶ୍ୱରରେ ଏମ୍ସ ମେଡିକାଲ ଶାଖା ପ୍ରତିଷ୍ଠା ହୋଇଛି। ସେହିଭଳି ଗମନାଗମନ ପାଇଁ ୩.୨୫ ଲକ୍ଷ କିଲୋମିଟରର ନୂତନ ରାଜପଥ ନିର୍ମାଣର ସ୍ୱୀକୃତି ମିଳିଛି। ୨୦୧୩-୧୪ ରେ ଦିନକୁ ୧୨ କିମି ନିର୍ମାଣ ହେଉଥିବାବେଳେ ସମ୍ପ୍ରତି ଏହା ୩୭ କିମିକୁ ବୃଦ୍ଧି ପାଇଛି । ଓଡ଼ିଶାରେ ୫୮୯୭ କିମିର ନୂତନ-ରାଜଥ ନିର୍ମାଣ ହୋଇଥିବା ଶ୍ରୀ ଷଡଙ୍ଗୀ ସୂଚନା ଦେଇଛନ୍ତି। ଆଗାମୀ ଦିନରେ ଦେଶର ସବୁକ୍ଷେତ୍ରରେ ବିକାଶ ଧାରା ବୋହିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିଜେପି ଜିଲା ସଭାପତି ଉମାକାନ୍ତ ମହାାତ୍ର, ନୀଳଗିରି ବିଧାୟକ ସୁକାନ୍ତ ନାୟକ, ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି, ପ୍ରମୁଖ ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ।

# ସହକାରୀ ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ଭଦ୍ରକ,୦୨/୦୬ (ନି.ପ୍ର): ଭଦ୍ରକ ବ୍ଲକ ଅର୍ନ୍ତଗତ ବହୁଦରଡ଼ା ନୋଡାଲ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ଜଗବନ୍ଧୁ ରାଉତ୍ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ତାଙ୍କୁ ବିଦ୍ୟାଳୟ ପରିସରରେ ଏକ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଭଦ୍ରକ ପଞ୍ଚାୟତ ସମିତିର ଉପାଧ୍ୟକ୍ଷ ମୁକୁନ୍ଦଦେବ ସାମଲ ସଭାପତିତ୍ୱ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷାଧିକାରୀ କପିଳେନ୍ଦ୍ର ମିଶ୍ର ମୁଖ୍ୟ ଅତିଥି, ବାରିକପୁର ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ମୁଖ୍ୟବକ୍ତା ପରମାନନ୍ଦ ନାୟକ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚିତରଂଜନ ରାଉତ୍, ବରିଷ୍ଠ ଆଇନଜୀବୀ ଦିବ୍ୟସିଂହ ନାୟକ, ବ୍ଲକ ଶିକ୍ଷାଧିକାରୀ ଚକ୍ରଧର ମଲ୍ଲିକ, ବହୁଦରଡ଼ା ପଞ୍ଚାୟତର ସରପଞ୍ଚ ସଂଜୁଲତା ସାମଲ, ଅତିରିକ୍ତ ଶିକ୍ଷାଧିକାରୀ ପୁରୁଷୋତ୍ତମ ବଳ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରଂଜିତ ଦାସ, ସରପଞ୍ଚ ପ୍ରତିନିଧି ମାନସ ସାମଲ, ସିଆରସି, ବିଆରସିସି ଯୋଗଦେଇ, ଶ୍ରୀ ରାଉତଙ୍କ ଛାତ୍ର ବତ୍ସଳତା, କର୍ତ୍ତବ୍ୟ ପରାୟଣତା ଓ ନିଷ୍ଠା ସମସ୍ତ ଶିକ୍ଷକମାନଙ୍କ ପାଇଁ ଉଦାହରଣ ହୋଇ ରହିବ ବୋଲି କହିଥିଲେ। ବିଦ୍ୟାଳୟ ଓ ପରିଚାଳନା କମିଟି ପକ୍ଷରୁ ଶ୍ରୀ ରାଉତଙ୍କୁ ଉପଢ୍ୌକନ, ମାନପତ୍ର ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ପରେ ଛାତ୍ରଛାତ୍ରୀମାନେ ତାଙ୍କୁ ସସମ୍ମାନେ ଶ୍ରୀ ରାଉତଙ୍କ ଘର ପର୍ଯ୍ୟନ୍ତ ଯାଇ ବିଦାୟ ଜଣାଇଥିଲେ।

# ଗୋଟିଏ ଦିନରେ ୧୧ ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୦୨/୦୬ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୧୧ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୮୮୪୬୫ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ ଜଣେ ହେଲେ କରୋନା ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୭୯୨୦୫ ହୋଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୮୧ ରହିଛି । ଆଜି ଚିହ୍ନଟ ହୋଇଥିବା ସଂକ୍ରମିତଙ୍କ ମଧ୍ୟରୁ ୭ ଜଣ ସଂଗରୋଧରୁ ଓ ୪ ଜଣ ସ୍ଥାନୀୟ ସମ୍ପର୍କରୁ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।

# ମାଗଣା ଚକ୍ଷୁ ପରୀକ୍ଷା ଓ ମୋତିଆବିନ୍ଦୁ ଚିହ୍ନଟ ଶିବିର



ବସ୍ତା, ୦୨/୦୬ (ନି.ପ୍ର): ରୂପସା ଆମ୍ବଗଡ଼ିଆ ପଂଚାୟତ ଅନ୍ତର୍ଗତ ଭଗବାନପୁର ପ୍ରାଥମିକ ବିଦ୍ୟାଳୟ ପରିସରରେ ରୋଟାରୀ ଚକ୍ଷୁ ଚିକିତ୍ସାଳୟ,ବାଲେଶ୍ୱର ପକ୍ଷରୁ ମାଗଣା ଚକ୍ଷୁ ପରୀକ୍ଷା ଓ ମୋତିଆବିନ୍ଦୁ ଚିହ୍ନଟ ତଥା ଅସ୍ତ୍ରୋପଚାର ଶିବିର ଆମ୍ବଗଡ଼ିଆ ବିକାଶ ପରିଷଦ ଏବଂ ବାଲେଶ୍ୱର ରୋଟାରୀ କ୍ଲବ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି ଶିବିର କୁ ସମୟର ଚକ୍ର ସମ୍ପାଦକ ସର୍ବେଶ୍ୱର ଜେନାଙ୍କ ସଭାପତିତ୍ୱରେ ଭଗବାନପୁର ଗ୍ରାମର ପ୍ରତିଷ୍ଠାତା ଏବଂ ସମାଜସେବୀ ଶ୍ରୀ ଭଗବାନ ମହାପାତ୍ର ଉଦଘାଟନ କରିଥିଲେ । ମୁଖ୍ୟ ଅତିଥି ପିଁଛକ୍ଷବଣିଆ ଗୁରୁକୁଳ ଆଶ୍ରମର ଗୁରୁଜୀ ବିଜୟ ଜି, ମୁଖ୍ୟ ବକ୍ତା ଡ଼. ରମେଶ ଚନ୍ଦ୍ର ବାରିକ, ବରେଣ୍ୟ ଅତିଥି ଅବସର ପ୍ରାପ୍ତ ଗୋଷ୍ଠିଶିକ୍ଷା ଅଧିକାରୀ ଶ୍ରୀ ଜୟନ୍ତ କୁମାର ପାଣିଗ୍ରାହୀ , ସମ୍ମାନୀତ ଅତିଥି ବିରଞ୍ଚି କୁମାର ଦାସ , ସି ଆର ସିଶି ଉମାକାନ୍ତ ବେହେରା, ସୁଧାକର ଗିରି , ପୂର୍ବତନ ବ୍ଲକ ଅଧକ୍ଷ କାଳୀଚରଣ ସୋରେନ, ପୂର୍ବତନ ସରପଂଚ କାରୁ ମୁର୍ମୁ , ସମ୍ପାଦକ କୁନ୍ଦ ମହନ୍ତ ପ୍ରମୁଖ ଯୋଗ ଦେଇ ସଭା କାର୍ଯ୍ୟକ୍ରମ ରେ ଉଦବୋଧନ ଦେବା ସହିତ ସମସ୍ତଙ୍କୁ ଉତ୍ସାହିତ କରିଥିଲେ । ଏଥିରେ ପ୍ରାୟ ୮୦ ଜଣ ସ୍ଥାନୀୟ ବ୍ୟକ୍ତି ଚକ୍ଷୁ ପରିକ୍ଷା କରିଥିଲେ। ସେଥିମଧ୍ୟରୁ ମୋତିଆବିନ୍ଦୁ ଚିହ୍ନଟ ତଥା ଅସ୍ତ୍ରୋପଚାର ପାଇଁ ରୋଟାରୀ ଚକ୍ଷୁ ଚିକିତ୍ସାଳୟ ଯିବା ପାଇଁ ୨୧ ଜଣ ରୋଗୀ ଚିହ୍ନଟ ହୋଇଛନ୍ତି । ପରିଷଦ ର ସଭାପତି ଅନ୍ତର୍ଯ୍ୟାମୀ ମହାପାତ୍ର, ପଣ୍ଡିତ ଚକ୍ରଧର ଆଚାର୍ଯ୍ୟ, ଶିକ୍ଷକ ବିଶ୍ୱନାଥ ପ୍ରଧାନ ତଥା ସମସ୍ତ କାର୍ଯ୍ୟକର୍ତା ଶିବିର ପରିଚାଳନା କରିଥିଲେ ।

# ପଞ୍ଚାୟତିରାଜ ଜନପ୍ରତିନିଧିଙ୍କ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ



ଭଦ୍ରକ, ୦୨/୦୬ (ନି.ପ୍ର): ସଶକ୍ତି ପଞ୍ଚାୟତ ରଜ ସଶକ୍ତି ଓଡ଼ିଶା ଆଭିମୁଖ୍ୟ ନେଇ ଓଡ଼ିଶା ସରକାରଙ୍କ ପଞ୍ଚାୟତ ରାଜ ଓ ପାନୀୟ ଜଳ ବିଭାଗ ଆନୁକୂଲ୍ୟରେ ନବ ନିର୍ବାଚିତ ଜନ ପ୍ରତିନିଧିମାନଙ୍କ ପାଇଁ କିମସ ସମ୍ମିଳନୀ କକ୍ଷ ପରିସରରେ ଆୟୋଜିତ ଏକ ବୃହତ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମ ପାଇଁ ଆଭାସି ଜରିଆରେ ଜିଲ୍ଲା ଓ ବ୍ଲକ୍ ଯୋଡ଼ି ହେବା ପରିପ୍ରେକ୍ଷୀରେ ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଓସ୍ୱାନ୍ ହଲରେ ସାଂସଦ ମଞ୍ଜୁଲତା ମଣ୍ଡଳ, ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ଭଦ୍ରକ ବିଧାୟକ ସଂଜୀବ ମଲ୍ଲିକ, ଜିଲ୍ଲାପାଳ ତ୍ରିଲୋଚନ ମାଝୀ, ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ କାର୍ତ୍ତିକ ମଣ୍ଡଳ, ଜିଲ୍ଲା ପଞ୍ଚାୟତ ଅଧିକାରୀ ବଂଶୀଧର ସିଂ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ସୂଚନା ଯୋଗ୍ୟକି ଭଦ୍ରକ ଜିଲ୍ଲାରୁ ୭ଜଣ ସରପଞ୍ଚ , ୭ଟି ପଞ୍ଚାୟତ ସମିତିର ଅଧକ୍ଷ ଏବଂ ଜିଲ୍ଲାପରିଷଦ ସଭାପତି ଓ ଉପସଭାପତି ସମୁଦାୟ ୧୬ ଜଣ ଜନ ପ୍ରତିନିଧି ଭୁବନେଶ୍ୱରରେ ଆୟୋଜିତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି । ଅନ୍ୟ ଜନପ୍ରତିନିଧିମାନେ ନିଜନିଜ ବ୍ଲକ୍‌ରେ ଆଭାସି ଜରିଆରେ ଏହି ପ୍ରଶିକ୍ଷଣ ଗ୍ରହଣ କରିଛନ୍ତି । ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଦ୍ଧ୍ୟକ୍ଷତାରେ ଆୟୋଜିତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସହ ପଞ୍ଚାୟତରାଜ ଓ ପାନୀୟ ଜଳ ସମ୍ପଦ ମନ୍ତ୍ରୀ ପ୍ରତାପ ଜେନା, କୃଷି ଓ କୃଫକ ସାକ୍ତି କରଣ, ଉଚ୍ଚ ଶିକ୍ଷା ବିଭାଗ ମନ୍ତ୍ରୀ ଡ଼. ଅରୁଣ ସାହୁ, ମହିଳା ଶିଶୁ ବିକାଶ ଏବଂ ମିଶନଶକ୍ତି ମନ୍ତ୍ରୀ ଟୁକୁନି ସାହୁ, ସମବାୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ପ୍ରଶିକ୍ଷାର୍ଥୀଭ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ। ଗାଁର ବିକାଶ ପାଇଁ ୫ଟ-ଟି ମଞ୍ଚକୁ ଉପଯୋଗ କରିବା, ନିଜ ଗାଁର ବିକାଶ ଅନ୍ୟଙ୍କ ପାଇଁ ଉଦାହରଣ ବାନଇବା, ଜନ ସାଧାରଣଙ୍କ ଅସ୍ଥା କୁ ଭରସାରେ ପରିଣତ କରିଇବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ପ୍ରଦାନ କରିଥିଲେ । ଅନ୍ୟ ଅତିଥିମାନେ ବକ୍ତବ୍ୟ ପ୍ରସଂଗରେ ଗ୍ରାମାଞ୍ଚଳର ବିକାଶ ପାଇଁ ପଞ୍ଚାୟତି ରାଜ ଅନୁଷ୍ଠାନ ଗୁଡ଼ିକର ଥିବା ଗୁରୁତ୍ୱପୂର୍ଣ୍ଣ ଭୂମିକା, ସମସ୍ତ ସରକାରୀ ଯୋଜନାକୁ ଶତ ପ୍ରତିଶତ ସଫଳ କରାଇବା ଦିଗରେ ଜନ ପ୍ରତିନିଧିମାନଙ୍କ ଦାୟୀତ୍ୱ, ଜନ ପ୍ରତିନିଧିମାନେ ହିଁ ଏହି ଶୁଶାନର ପ୍ରଥମ ସୋପାନ, ସରକାର ତ ଜନସାଧାରଣଙ୍କ ମଧ୍ୟରେ ଏକ ମଜବୁତ ସେତୁ ଭଳି ଜନପ୍ରତିନିଧିମାନଙ୍କର କାର୍ଯ୍ୟ କରିବା ଉଚିତ୍, ରାଜନୀତି ସମାଜ ସେବାର ସର୍ବୋଚ୍ଚ କ୍ଷେତ୍ର,ଏଥିରେ ଜନ ପ୍ରତିନିଧିମାନଙ୍କ ପାଇଁ ସେବା ପ୍ରଦାନର ବ୍ୟାପକ ସୁଯୋଗ ଥାଏ ଏବଂ ସେହି ସୁଯୋଗକୁ ସଦୁପଯୋଗ କରି ପାରିଲେ ନିଜ ଅଞ୍ଚଳର ବିକାଶ ହୁଏ, ନିର୍ବାଚନ ବେଳେ ଜନ ପ୍ରତିନିଧିମାନେ ଭୋଟଙ୍କ ପାଖରେ ଯେଉଁ ଭଦ୍ର ବ୍ୟବହାର ଦେଖାଇଥାନ୍ତି ଜିତିଲାପରେ ନିଜ କାର୍ଯ୍ୟକାଳରେ ମଧ ସେହି ବ୍ୟାବହାରକୁ ବଜାୟ ରଖିବା ସର୍ବୋପରି ଜନସାଧାରଣ ସମସ୍ୟା ସମାଧାନ ପୂର୍ବକ ଓଡ଼ିଶାର ବିକାଶ ପାଇଁ ସମସ୍ତ ଜନ ପ୍ରତିନିଧିମାନେ ନିଜର ଚେଷ୍ଟା, ନିଷ୍ଠା, ପରିଶ୍ରମ ଜାରିରଖିବା ଆଦି ସମ୍ବନ୍ଧରେ ଆଲୋକପାତ କରିଥିଲେ। ଉଦ୍‌ଘାଟନୀ ପର୍ବ ପରେ ବିଭାଗୀୟ ଶାସନ ସଚିବମାନେ ନିଜ ନିଜ ବିଭାଗର ଯୋଜନା, କାର୍ଯ୍ୟଧାରା ସମ୍ବନ୍ଧରେ ପ୍ରଶିକ୍ଷାର୍ଥୀଙ୍କ ପାଇଁ ଉପସ୍ଥାପନା ରଖିଥିଲେ। ମିଶନ ଶକ୍ତିର ଅଧକ୍ଷା ସୁତାଜା କାର୍ତ୍ତିକେୟନ ମଧ ପୂର୍ବ ସହାୟିକା ଦଳମାନଙ୍କ ଜରିଆରେ ମିଶନଶକ୍ତିର ସଫଳତା ଓ ଆଭିମୁଖ୍ୟ ସମ୍ବନ୍ଧରେ ଉପଯୋଗୀ ଉପସ୍ଥାପନା ରଖିଥିଲେ।

# ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ

ନୀଳଗିରି, ୦୨/୦୬ (ନି.ପ୍ର): ନୀଳଗିରିର ଭିନ୍ନକ୍ଷମ ସମାଜସେବୀ ରାଜେନ୍ଦ୍ର କୁମାର ଜେନା ଓ ଲାୟନ୍ସ ଚକ୍ଷୁ ହାସପାତାଳ ବାଲେଶ୍ୱର ମିଳିତ ଆନୁକୂଲ୍ୟରେ ନୀଳଗିରି ର ସଜନାଗଡ଼ ଭୂଧାରଚଣ୍ଡୀ ହାଇସ୍କୁଲ ପରିସରରେ ଏକ ମାଗଣା ଚକ୍ଷୁ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଆନୁଷ୍ଠାନିକ ଭାବେ ଶୁଭ ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ମୋଟ ୮୮ଜଣ ରୋଗୀ ନିଜ ନିଜର ଚକ୍ଷୁ ପରୀକ୍ଷା କରାଇଥିବା ବେଳେ ୩୮ଜଣ ରୋଗୀଙ୍କ ଠାରେ ମୋତିଆବିନ୍ଦୁ ହୋଇଥିବାର ଚିହ୍ନଟ କରାଯାଇଅଛି । ୩୮ଜଣ ମୋତିଆବିନ୍ଦୁ ରୋଗୀଙ୍କୁ ବାଲେଶ୍ୱର ଲାୟନ୍ସ ଚକ୍ଷୁ ହାସପାତାଲରେ ସଂପୂର୍ଣ୍ଣ ମାଗଣାରେ ଅପରେସନ କରାଯିବ ବୋଲି ଲାୟନ୍ସ ଚକ୍ଷୁ ହାସପାତଳରେ କର୍ତୃପକ୍ଷ ଓ ସମାଜସେବୀ ରାଜେନ୍ଦ୍ର କୁମାର ଜେନା ପ୍ରକାଶ କରିଛନ୍ତି । ଏହି ଶିବିରରେ ଡା. ଅରୁପ ଦେ, ଫାର୍ମାସିଷ୍ଟ ସଂଜୀବ କୁମାର ଦାସ ଓ କ୍ୟାମ୍ପ ସଂଯୋଜକ ସଂଜୟ ମାଣିକ ପ୍ରମୁଖ ଉପସ୍ଥିତ ଥିଲେ । ଅନ୍ୟପକ୍ଷରେ ଉକ୍ତ ସ୍ଥାନରେ ଗତ ବୁଧବାର ଦିନ ଏକ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଏହି ଶିବିରରେ ୩୨ୟନିଟ ରକ୍ତ ସଂଗୃହିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ନୀଳଗିରି ବ୍ଲକର ଅଧକ୍ଷା ଶୁଭଲକ୍ଷ୍ମୀ ମାଝୀ ପ୍ରଦୀପ ପ୍ରଜ୍ୱଳନ ସହ ଫିତା କାଟି ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ ୧୨ନଂ. ଜୋନ୍ ର ଜିଲ୍ଲା ପରିଷଦ ସଦସ୍ୟା ରଂଜିତା ସିଂ , ଅବସରପ୍ରାପ୍ତ ରିଜର୍ଭ ବ୍ୟାଙ୍କର ମହାପ୍ରବନ୍ଧକ ମଦନମୋହନ ମାଝୀ, ସଜନାଗଡ଼ ପଂଚାୟତର ସରପଂଚ ପ୍ରଦୀପ ଖାଲପାଳିଆ ପ୍ରମୁଖ ଉପସ୍ଥିତ ଥିଲେ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo